ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୯/୨୦୧୮ (୨୦ ପୃଷ୍ଠା) Bhubaneswar, Wednesday, August 29 / 2018 ★★★★

୪୪ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

FIH HOCKEY INDIA ODISHA INDIA'S BEST KEPT SECRET.

ଓଡ଼ିଶାରେ ବିଶ୍ୱର ସର୍ବବୃହତ୍ ହକି
ଟୁର୍ଣ୍ଣାମେଣ୍ଟର ଆୟୋଜନ, ଆଉ ରହିଲା 90 ଦିନ।

ଷ୍ଟିକ୍ କହିବ କଥା। ଆଉ ଝୁମିବ ସାରା ଇଣ୍ଡିଆ।

Ab, Bas Hockey!

କାଉଣ୍ଟ୍‌ଡାଉନ୍ ଆରମ୍ଭ ହୋଇଯାଇଛି। ହକି କ୍ୟାଲେଣ୍ଡର୍‌ରେ ସର୍ବବୃହତ୍ ଖେଳ **ଓଡ଼ିଶା ହକି ପୁରୁଷ ବିଶ୍ୱ କପ୍, ଭୁବନେଶ୍ୱର 2018** ଆରମ୍ଭ ହେବ ଏଠାରେ। ୧୬ଟି ଦେଶର ଖେଳାଳୀ ତାଙ୍କ ଷ୍ଟିକ୍‌ର ଯାଦୁକରୀ ପ୍ରଦର୍ଶନରେ ୩ ସପ୍ତାହ ଧରି ବାଂଧି ରଖିବେ। ଏବେ ଆସନ୍ତୁ, ଭାରତୀୟ ହକି ଟିମ୍‌କୁ ଆମ ଭଲପାଇବା ଏବଂ ପ୍ରେରଣାରେ ପ୍ରତି ମୁହୂର୍ତ୍ତରେ ଉତ୍ସାହିତ କରିବା। କାରଣ, ଭାରତକୁ ପୁଣି ଥରେ ବିଶ୍ୱ କପ୍ ବିଜେତା କରାଇବାର ଏହା ହିଁ ହେଉଛି ପ୍ରକୃଷ୍ଟ ସମୟ।

#AbBasHockey
28th Nov - 16th Dec

ODISHA INDIA'S BEST KEPT SECRET.

ODISHA HOCKEY MEN'S WORLD CUP BHUBANESWAR 2018

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-138

BEATS FOR HOCKEY

କଣ ହକି ପାଇଁ ଆପଣଙ୍କର ହାର୍ଟ୍ ବିଟ୍ ହେଉଛି?
ଆପଣଙ୍କ ହାର୍ଟ୍‌ବିଟ୍‌ସକୁ ଏଥିରେ ଶେୟର୍ କରନ୍ତୁ /heartbeatsforhockey

29001/13/0014/1819

୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ପୂରା ସଫା ହୋଇଯିବ। କାହିଁକିନା ଗୈରିକ ଦଳର ପ୍ରଦର୍ଶନ ଏବେଠାରୁ ଜଣାପଡ଼ିଗଲାଣି। ତେବେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆରସି) ବ୍ୟବସ୍ଥା ପଶ୍ଚିମବଙ୍ଗରେ ଲାଗୁ କରିବାକୁ କେନ୍ଦ୍ରକୁ ଅନୁମତି ଦେବୁ ନାହିଁ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ସଂକ୍ଷେପରେ

ଉତ୍ତରାଧିକାରୀଙ୍କ ନାମ ସୁପାରିସ ପାଇଁ ସିଜେଆଇଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୨୮।୮ (ପି.ଟି.): ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ଅକ୍ଟୋବର ୨ରେ ଶେଷ ହେବାକୁ ଯାଉଛି। ଏବେଠାରୁ ତାଙ୍କୁ ଉତ୍ତରାଧିକାରୀ ଚୟନ କରିବା ଲାଗି କେନ୍ଦ୍ର ସରକାର କହିଛନ୍ତି। ନୂଆ ସିଜେଆଇଙ୍କ ନାମ ସୁପାରିସ କରିବା ଲାଗି ଜଷ୍ଟିସ୍ ମିଶ୍ରଙ୍କୁ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଏନେଇ ଜଷ୍ଟିସ୍ ମିଶ୍ରଙ୍କ ପାଖକୁ ନିକଟରେ ଏକ ପତ୍ର ପଠାଯାଇଛି। ଉଚ୍ଚ ନ୍ୟାୟାଳୟରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା ନିମିତ୍ତ ଥିବା ମେମୋରେଣ୍ଡମ୍ ଅଫ୍ ପ୍ରୋସିଜ୍ୟର୍ ଅନୁଯାୟୀ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ସିଜେଆଇ ହୋଇପାରିବେ। ଏବେ ସୁଦ୍ଧା ସିଜେଆଇ ମିଶ୍ରଙ୍କ ପରେ ସର୍ବୋଚ୍ଚ ଅଦାଲତର ବରିଷ୍ଠତମ ବିଚାରପତି ହେଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ। ତେଣୁ ତାଙ୍କ ନାମ ସୁପାରିସ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଇତିହାସର ଆଇନାରେ

ଅଗଷ୍ଟ ୨୯ର ପ୍ରମୁଖ ଘଟଣା

୧୯୪୪ ଅଗଷ୍ଟ ୨୯ରେ ନାଜି ବିରୋଧରେ ଜାତୀୟ ବିଦ୍ରୋହ ଆରମ୍ଭ ହୋଇଥିଲା। ବନ୍‌ସ୍କା ବିସ୍ତ୍ରିକାଠାରୁ ଏହି ବିଦ୍ରୋହ ଆରମ୍ଭ ହୋଇଥିଲା ଏବଂ ସ୍ଲୋଭାକ୍ ରାଜ୍ୟ ଯୋଜେଫ୍ ଟିସୋ ଦଖଲ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହା ଥିଲା ନାଜି ବିପକ୍ଷରେ ସ୍ଲୋଭାକ୍ ନାଗରିକଙ୍କ ସଶସ୍ତ୍ର ବିଦ୍ରୋହ।

୨୦୦୫ ଅଗଷ୍ଟ ୨୯ରେ ଆମେରିକା ଉପସାଗର ଉପକୂଳରେ ସାମୁଦ୍ରିକ ଝଡ଼ କ୍ୟାଟ୍ରିନାର ତାଣ୍ଡବ ଦେଖିବାକୁ ମିଳିଥିଲା। ସମଗ୍ର ଲୁଇଜିଆନାଠାରୁ ଫ୍ଲୋରିଡା ପାନହାଣ୍ଡେଲ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳ ଛାରଖାର ହୋଇଯାଇଥିଲା।

ରାଫେଲ୍ ଯୁଦ୍ଧବିମାନକୁ ନେଇ କଂଗ୍ରେସର ସାନି ଆକ୍ରମଣ

ମୋଦି-ଅମ୍ବାନୀ ପ୍ରତ୍ୟକ୍ଷ ଚୁକ୍ତି

ନୂଆଦିଲ୍ଲୀ, ୨୮।୮ (ପି.ଟି.)

ପ୍ରଧାନମନ୍ତ୍ରୀ ମଧ୍ୟଯୁଗୀୟ ଶାସକଙ୍କ ଭଳି କାର୍ଯ୍ୟ କରୁଛନ୍ତି

ରାଫେଲ୍ ଚୁକ୍ତିକୁ ନେଇ ପୁଣି ସରଗରମ ହୋଇଛି ଜାତୀୟ ରାଜନୀତି। ଯୁଦ୍ଧବିମାନ କ୍ରୟ ଲାଗି ଫ୍ରାନ୍ସ ସହ ଚୁକ୍ତି କରିବାବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଆକ୍ରମଣ କରିଛି ବିରୋଧୀ କଂଗ୍ରେସ। ମୋଦି ଏବଂ ଅମ୍ବାନୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଚୁକ୍ତି ହୋଇଛି। ପ୍ରଧାନମନ୍ତ୍ରୀ ବିଧିବଦ୍ଧ ନିୟମ ପାଳନ ନ କରି ମଧ୍ୟଯୁଗୀୟ ଶାସକଙ୍କ ଭଳି ମନମୁଖୀ ଭାବେ ରାଫେଲ୍ ଚୁକ୍ତି କରିଛନ୍ତି ବୋଲି କଂଗ୍ରେସ କହିଛି। ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତିଗନ୍ଧ ବାରି ସାନି ସ୍ୱର ଉଠାଇବା ସହ କଂଗ୍ରେସ କହିଛି ଯେ, ଦଳ ଆଣୁଥିବା ଅଭିଯୋଗରେ ସତ୍ୟତା ରହିଛି। ଯଦି ସତ୍‌ସାହସ ଅଛି କେନ୍ଦ୍ର ସରକାର କୋର୍ଟକୁ ଯାଇ ଅଭିଯୋଗ ମିଛ ବୋଲି ପ୍ରମାଣ କରିଦିଅନ୍ତୁ। ଖାଲି ସେତିକି ନୁହେଁ, ରାଫେଲ୍ ଚୁକ୍ତି ସମ୍ପର୍କରେ ସରକାର ତଥ୍ୟ ଲୁଚାଉଛନ୍ତି। ଏସବୁକୁ ପ୍ରଘଟ କରିବା ଲାଗି ସରକାରଙ୍କୁ ଏକପ୍ରକାର ବାଧ କରିଦିଆଯିବ। କିନ୍ତୁ ସରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେହିପରି କଂଗ୍ରେସର ଅନେକ ନେତା ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଲାଏନ୍ସ ଗ୍ରୁପ୍ ମୁଖ୍ୟ ଅନିଲ ଅମ୍ବାନୀ ସେମାନଙ୍କୁ ନୋଟିସ ପଠାଇ ପାଟି ବନ୍ଦ କରିବାକୁ କହିଛନ୍ତି। ମିଥ୍ୟା ତଥା ମାନହାନିଜନକ କଥାରୁ ବିରତ ନ ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବେ ବୋଲି କଂଗ୍ରେସ ନେତାଙ୍କୁ ଅମ୍ବାନୀ ଚେତାବନୀ ଦେଇଛନ୍ତି।

ଅନେକ ଦୁର୍ନୀତି ସାମ୍ନାକୁ ଆସିବା ପରେ ୨୦୧୪ରେ ଧରାଶାୟୀ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ଉପା। ଏହାପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଶାସନ ମଙ୍ଗ ଧରିଲା। ଚାରିବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ମୋଦି ସରକାର ସେଭଳି କୌଣସି ଦୁର୍ନୀତି ମାମଲା ପାଇଁ ଅଡୁଆରେ ପଡ଼ି ନାହାନ୍ତି। ଆଗକୁ ୨୦୧୯ ନିର୍ବାଚନ ଆସୁଥିବାରୁ କଂଗ୍ରେସ ରାଫେଲ ଯୁଦ୍ଧବିମାନ କିଣାରେ ଦୁର୍ନୀତି ହୋଇଥିବା ଦର୍ଶାଇ ବାରମ୍ବାର କେନ୍ଦ୍ରକୁ ଟାର୍ଗେଟ କରୁଛି। ସଦ୍ୟ ଆକ୍ରମଣ କରି କଂଗ୍ରେସ ମୁଖପାତ୍ର ଜୟପାଲ ରେଡ୍ଡୀ କହିଛନ୍ତି ଯେ, ନିଜ ଶିଳ୍ପପତି ବନ୍ଧୁଙ୍କୁ ଫାଇଦା ଦେବା ପାଇଁ ପ୍ରଧାନମନ୍ତ୍ରୀ ରାଫେଲ୍ ଚୁକ୍ତିରେ ନିୟମ ଉଲ୍ଲଂଘନ କରିଛନ୍ତି। ଚୁକ୍ତି ବାବଦରେ ମୋଦିଙ୍କ ବାଦ୍ ଅମ୍ବାନୀଙ୍କୁ ହିଁ ଜଣା। ସପ୍ତଦଶ ଶତାବ୍ଦୀର ଫ୍ରାନ୍ସର ଏକଚ୍ଛତ୍ରବାଦୀ ଶାସକ ଲୁଇସ୍ ଚତୁର୍ଦ୍ଦଶଙ୍କ ସହିତ ସେ ପ୍ରଧାନମନ୍ତ୍ରୀଙ୍କୁ ତୁଳନା କରିଛନ୍ତି। ଦାସଲ୍ଟ କମ୍ପାନୀ ତୁଳନାରେ ୨୦ ପ୍ରତିଶତ କମ୍ ମୂଲ୍ୟରେ ରାଫେଲ୍ ଯୁଦ୍ଧବିମାନ ଯୋଗାଇଦେବା ଲାଗି ୨୦୧୫ ଜୁଲାଇ ୧୪ରେ ୟୁରୋ ଫାଇଟର୍ସ କମ୍ପାନୀ କେନ୍ଦ୍ରକୁ ଚିଠି ଲେଖିଥିଲା। କିନ୍ତୁ ସରକାର ଏହା ଉପରେ ଥରେ ଚିନ୍ତା ମଧ୍ୟ କଲେ ନାହିଁ ବୋଲି ରେଡ୍ଡୀ କହିଛନ୍ତି।

ଅପରାଧ ସହ ଜଡ଼ିତ ଆଇନପ୍ରଣେତାଙ୍କୁ ଅଯୋଗ୍ୟ ଘୋଷଣା

ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୨୮।୮ (ପି.ଟି.)

ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ଏମ୍‌ପି ଓ ଏମ୍‌ଏଲଏଙ୍କୁ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି ହେଉଛି। ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ମଙ୍ଗଳବାର ଏସବୁର ଶୁଣାଣି ଶେଷ କରି ଦାଗୀ ଆଇନପ୍ରଣେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ରାୟ ସଂରକ୍ଷିତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ।

ନିର୍ବାଚନ କମିଶନ (ଇସି) ଏବଂ କେନ୍ଦ୍ର ସରକାରଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏ ମାମଲାରେ ରାୟ ସଂରକ୍ଷିତ ରଖିଛନ୍ତି। ରାଜନୈତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟକୁ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ (ଏଜି) କେ.କେ. ବେଣୁଗୋପାଳ ପ୍ରଶଂସା କରିଛନ୍ତି। ଆଇନପ୍ରଣୟନ କ୍ଷେତ୍ରରେ ନ୍ୟାୟପାଳିକା ପ୍ରବେଶ କରିପାରିବ ନାହିଁ ବୋଲି ଖଣ୍ଡପୀଠଙ୍କୁ ସେ କହିଛନ୍ତି।

ଷ୍ଟାଲିନ୍ ଡିଏମ୍‌କେ ସଭାପତି ନିର୍ବାଚିତ

ଚେନ୍ନାଇ, ୨୮।୮ (ପି.ଟି.)

ପ୍ରଥମ ଉଦ୍‌ବୋଧନରେ ମୋଦି ସରକାରଙ୍କୁ ଟାର୍ଗେଟ

ନିର୍ଦ୍ୱନ୍ଦ୍ୱରେ ଡିଏମ୍‌କେ ସଭାପତି ନିର୍ବାଚିତ ହେଲେ ଦଳର କାର୍ଯ୍ୟକାରୀ ସଭାପତି ଏମ୍.କେ. ଷ୍ଟାଲିନ୍। ପିତା ଏମ୍. କରୁଣାନିଧିଙ୍କ ପରଲୋକ ପରେ ତାମିଲନାଡୁ ବିଧାନସଭାର ମୁଖ୍ୟ ବିରୋଧୀ ଦଳର ସର୍ବେସର୍ବା ପାଲଟିଛନ୍ତି ଷ୍ଟାଲିନ୍। ଦୀର୍ଘ ୫ ଦଶନ୍ଧି ଧରି ଡିଏମ୍‌କେ ମଙ୍ଗ କରୁଣାନିଧିଙ୍କ ହାତରେ ଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ୍‌ଙ୍କୁ ସର୍ବସମ୍ମତିକ୍ରମେ ଦଳର ସଭାପତି ଭାବେ ପଦୋନ୍ନତି ମିଳିଛି। ଷ୍ଟାଲିନ୍‌ଙ୍କ ନିର୍ବାଚନ ପରେ ଦଳର କାର୍ଯ୍ୟକାରୀ ସଭାପତି ପଦକୁ ମଧ୍ୟ ଉଚ୍ଛେଦ କରିଦିଆଯାଇଛି।। 'ଥଲାପାଥି'ଙ୍କ ପଦୋନ୍ନତି ପରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅଭିନବ ଉତ୍ସାହ ଦେଖିବାକୁ ମିଳିଥିଲା। ଦଳରେ ଆଉ ଏକ ସୂର୍ଯ୍ୟୋଦୟ ଘଟିଥିବା ପ୍ରକାଶ ପାଇଛି। ଷ୍ଟାଲିନ୍‌ଙ୍କ ନିଯୁକ୍ତିକୁ ନେଇ ବିଦ୍ରୋହ ମୁଦ୍ରାକୁ ଚାଲି ଆସିଛନ୍ତି ବଡ଼ଭାଇ ଏମ୍.କେ. ଆଲାଗିରି। ଭାଇ-ଭାଇ ସମ୍ଭାବ୍ୟ କଳିର ସମାଧାନ ପାଇଁ ଜୀବଦ୍ଦଶାରେ ସାନପୁଅ ଷ୍ଟାଲିନ୍‌ଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରି ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ କରୁଣାନିଧି। ପ୍ରକାଶ ଯେ, ଅଗଷ୍ଟ ୭ରେ କରୁଣାନିଧିଙ୍କ ପରଲୋକ ପରେ ଆଲାଗିରି ନିଜକୁ ପ୍ରକୃତ ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଲାଗିରିଙ୍କୁ ୨୦୧୪ରେ ନିଜେ କରୁଣାନିଧି ଦଳରୁ ନିଲମ୍ବନ କରିଥିଲେ। 'କଲାଇଗ୍‌ନାର' (କରୁଣାନିଧି) ଏବେ ଦଳରେ ନାହାନ୍ତି ଏବଂ ତାଙ୍କୁ ଦଳରେ ସାମିଲ କରାଯାଉ ବୋଲି ସେ ଦାବି କରୁଛନ୍ତି। ଯଦି ତାଙ୍କୁ ପୁଣିଥରେ ଦଳରେ ସାମିଲ କରା ନ ଯାଏ, ତା'ହେଲେ ଡିଏମ୍‌କେ ଏହାର ପରିଣାମ ଭୋଗିବ ବୋଲି ସେ ସୋମବାର ଧମକ ଦେଇଥିଲେ। ଡିଏମ୍‌କେ ସଭାପତି ନିର୍ବାଚିତ ହେବା ପରେ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ ଭାଜପାକୁ ଟାର୍ଗେଟ୍ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଉଚିତ ଶିକ୍ଷାଦେବା ଲାଗି ଆହ୍ୱାନ ଦେଇଛନ୍ତି। ସରକାର ଦେଶର ଧ୍ରୁବୀକରଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଦେଶକୁ ଗୈରିକ ରଙ୍ଗରେ ରଙ୍ଗିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। ୨୦୧୯ ନିର୍ବାଚନ ପାଇଁ ଡିଏମ୍‌କେ ଏବଂ ଭାଜପା ମଧ୍ୟରେ ଘନିଷ୍ଠତା ବଢ଼ିବାରେ ଲାଗିଛି ବୋଲି ହେଉଥିବା ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଛନ୍ତି ଷ୍ଟାଲିନ୍। ସେହିପରି ତାମିଲନାଡୁର ଜରାଜୀର୍ଣ୍ଣ ଏଆଇଏଡିଏମ୍‌କେ ସରକାରଙ୍କୁ ଫିଙ୍ଗି ଫୋପାଡ଼ିବାର ବେଳ ଆସିଛି ବୋଲି ଷ୍ଟାଲିନ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଡିଏମ୍‌କେ ସଭାପତି ହେବେ ବୋଲି ସେ କେବେ ଚିନ୍ତା କରି ନ ଥିଲେ। ଦଳର ପ୍ରତିଟି ସଦସ୍ୟ ସମାନ ବୋଲି ସେ ବିଶ୍ୱାସ କରନ୍ତି। ଭବିଷ୍ୟତରେ ସେ ନିଜେ ଯଦି କିଛି ଭୁଲ କରନ୍ତି, ତା'ହେଲେ ତୁରନ୍ତ ସେ ବିଷୟରେ ସତର୍କ କରିବା ଲାଗି ଦଳୀୟ ନେତା ଓ କର୍ମୀଙ୍କୁ 'ଥଲାପାଥି' ନିବେଦନ କରିଛନ୍ତି। ସଭାପତି ନିର୍ବାଚିତ ହେବା ପରେ ଷ୍ଟାଲିନ୍‌ଙ୍କ ନିକଟକୁ ଛୁଟିଛି ଚାରିଆଡୁ ଅଭିନନ୍ଦନର ସୁଅ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଏମ୍‌ଡିଏମ୍‌କେ ପ୍ରତିଷ୍ଠାତା ଭାଇକୋଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

ଫୁରସତ

୨୦୨୨ରେ ଭାରତ ପଠାଇବ 'ଗଗନଯାନ'

ନୂଆଦିଲ୍ଲୀ

୨୦୨୨ରେ ଭାରତ ପ୍ରଥମକରି ମାନବଯୁକ୍ତ ମହାକାଶଯାନ-'ଗଗନଯାନ' ମହାକାଶକୁ ପଠାଇବ। ଏଥିରେ ଜଣେ ମହିଳାଙ୍କ ସମେତ ଦୁଇ ପୁରୁଷ ମହାକାଶକୁ ଯିବେ। ଉକ୍ତ ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର କକ୍ଷପଥଠାରୁ ୩୦୦ରୁ ୪୦୦କିଲୋମିଟର ତଳେ ଅବସ୍ଥାନ କରାଯିବ। ଏଠାରେ ଏକ ଖବରଦାତା ସନ୍ନିଳନୀରେ ବିସ୍ତୃତ ବିବରଣୀ ଦେଇ ଆଣବିକ ଶକ୍ତି ଓ ମହାକାଶ ଗବେଷଣା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଲେ, ଜିଏସ୍‌ଏଲ୍‌ଭି ଏମ୍‌କେ-୩ ରକେଟ୍ ଦ୍ୱାରା ଗଗନଯାନ ମହାକାଶକୁ ଛଡାଯିବ। ତେବେ ମହାକାଶକୁ ମାନବ ପଠାଇବା ପୂର୍ବରୁ ଦୁଇଟି ମାନବବିହୀନ ମହାକାଶଯାନ ପରୀକ୍ଷାମୂଳକ ଭାବରେ ପ୍ରେରଣ କରାଯିବ। 'ଇସ୍ରୋ' କାର୍ଯ୍ୟସୂଚୀ ଅନୁଯାୟୀ, ୨୦୧୮ ଅଗଷ୍ଟରୁ ଆରମ୍ଭ କରି ୩୦ ଓ ୩୬ ମାସ ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ମାନବବିହୀନ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ପଠାଯିବ। ତୃତୀୟ ତଥା ମାନବଯୁକ୍ତ ମହାକାଶଯାନ ୪୦ମାସ ମଧ୍ୟରେ ଅର୍ଥାତ୍ ୨୦୨୧ ଡିସେମ୍ବର ଅଥବା ୨୦୨୨ ଜାନୁୟାରୀରେ ପ୍ରେରଣ କରାଯିବ। ଉଭୟ ସର୍ଭିସ ମଡ୍ୟୁଲ୍ ଏବଂ କ୍ରିଉ ମଡ୍ୟୁଲ୍‌କୁ ନେଇ ଗଠିତ ଗଗନଯାନର ଓଜନ ୭ ଟନ୍। ୩ ମାନବ ଧାରଣ କରୁଥିବା କ୍ରିଉ ମଡେଲ୍‌ର ବ୍ୟାସ ୩.୭ ମିଟର ଏବଂ ଉଚ୍ଚତା ୭ ମିଟର।

ଏହି କାର୍ଯ୍ୟକ୍ରମ ପାଇଁ ପାଖାପାଖି ୧୦,୦୦୦କୋଟି ଟଙ୍କା ବ୍ୟୟ ହେବ ବୋଲି ସିଂ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ବେଳେ ଗଗନଯାନ ମିଶନ୍ ବିଷୟରେ ଘୋଷଣା କରିଥିଲେ। ୨୦୨୨ କିମ୍ବା ତା' ପୂର୍ବରୁ କେତେକ ତରୁଣ ଭାରତୀୟ ମହାକାଶରେ ତ୍ରିରଙ୍ଗା ଉଡାଇବେ ବୋଲି ସେ ପ୍ରକାଶ କରିଥିଲେ। ଏଭଳି ଏକ ବ୍ୟୟବହୁଳ କାର୍ଯ୍ୟକ୍ରମ ପାଇଁ ଭାରତ ପ୍ରୟାସ କରିଥିବାରୁ ଏଥିରେ ଇସ୍ରୋ ସମେତ କେତେକ ସରକାରୀ ଏବଂ ବେସରକାରୀ ସଂସ୍ଥା ଅଂଶୀଦାର ରହିବେ। ଏହାଦ୍ୱାରା ଭାରତ ମହାକାଶକୁ ମାନବ ପଠାଇବା କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ରାଷ୍ଟ୍ରରେ ପରିଗଣିତ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଇସ୍ରୋ କେତେକ ବନ୍ଧୁରାଷ୍ଟ୍ରର ମହାକାଶ ଗବେଷଣା ସଂସ୍ଥାର ସହଯୋଗ ନେବାକୁ ବିଚାର କରୁଛି। ୨୦୦୪ ଠାରୁ ଉକ୍ତ ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି ଏବଂ ୨୦୨୨ରେ ୭୫ତମ ସ୍ୱାଧୀନତା ଦିବସ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଆଶାପ୍ରକାଶ କରିଛନ୍ତି।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୨.୨	୨୪.୫
ଚାନ୍ଦବାଲି	୩୧.୬	୨୫.୩
କଟକ	୩୨.୨	୨୪.୨
ପାରାଦ୍ୱୀପ	୩୦.୧	୨୬.୨
ଭୁବନେଶ୍ୱର	୩୧.୪	୨୫.୫
ଗୋପାଳପୁର	୩୨.୫	୨୫.୮
ପୁରୀ	୩୧.୮	୨୫.୦
ଅନୁଗୋଳ	୩୦.୭	୨୩.୦
ବାରିପଦା	୩୧.୮	୨୬.୬
ଝାରସୁଗୁଡ଼ା	୨୮.୦	୨୪.୮
କେନ୍ଦୁଝର	୩୦.୯	୨୪.୬
ସମ୍ବଲପୁର	୨୮.୬	୨୨.୩
ସୁନ୍ଦରଗଡ଼	---	୧୮.୦
ହୀରାକୁଦ	୨୯.୩	୨୩.୪
ତାଲଚେର	୩୧.୧	୨୫.୦
ଭବାନୀପାଟଣା	---	୨୩.୪
ବଲାଙ୍ଗୀର	୨୯.୫	୨୪.୦
କୋରାପୁ

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୯/୨୦୧୮ | Bhubaneswar, Wednesday, August 29 / 2018 | ପୃଷ୍ଠା-୧

ମୁଦ୍ରାକୁ ଖସିବାକୁ ଦିଆଯାଉ

ଭାରତୀୟ ମୁଦ୍ରା ଯେଉଁ ସ୍ତର ପର୍ଯ୍ୟନ୍ତ ଖସୁଛି ତାହାକୁ ଖସିବାକୁ ଦିଆଯାଉ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମତ ଦେଇଛନ୍ତି।

୧୫

୧୬

ମହିଳା ୨୦୦ ମିଟର ଫାଇନାଲରେ ଦୁତୀ

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଦୁତୀ ଚାନ୍ଦ।

Govinda Poddar
Sports Personality

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM

ସିନ୍ଧୁ, ମନଜିତ୍‌ଙ୍କ ଐତିହାସିକ ସଫଳତା

ଜାକର୍ତ୍ତା,୨୮।୮ (ପି.ଟି.)

ଏସିଆନ ଗେମ୍ସର ଦଶମ ଦିବସରେ ଭାରତୀୟ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ତାରକା ପୁରୁଷ ଧାବକ ମନଜିତ ସିଂ ୮୦୦ମିଟର ଦୌଡ଼ ସ୍ୱର୍ଣ୍ଣ ଓ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।

ଏସିଆନ ଗେମ୍ସ

୨୮ ବର୍ଷୀୟ ମନଜିତ୍ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୧ ମନିଟ୍ ଓ ୪୬. ୧୫ ସେକେଣ୍ଡ ସମୟ ନେବା ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ପ୍ରଥମଥର ପାଇଁ ସେ କୌଣସି ମେଜର ଆନ୍ତର୍ଜାତିକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ରେସ୍‌ରେ ମନଜିତ୍ ଆଦୌ ଫେଭରାଇଟ ବିବେଚିତ ହେଉ ନ ଥିଲେ ମଧ୍ୟ ସମସ୍ତଙ୍କୁ ଚକ୍‌ମା ଦେଇ ବାଜି ମାରିଛନ୍ତି। ଦୀର୍ଘ ୩୬ ବର୍ଷପରେ କୌଣସି ଭାରତୀୟ ଧାବକ ୮୦୦ ମିଟର ରେସ୍‌ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୧୯୮୨ରେ ଚାର୍ଲ୍ସ ବୋରୋମେଓ ଏହି ଇଭେଣ୍ଟରେ ଭାରତ ଲାଗି ଶେଷଥର ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। କୋଚ୍ ଅମରୀଶ କୁମାରଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଓ ଚାକିରି ପାଇଁ ସଂଘର୍ଷ କରୁଥିବା ମନଜିତ୍ ଏହି କ୍ରମରେ ଚଳିତବର୍ଷ ଗୁଆହାଟୀରେ ହାସଲ କରିଥିବା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ଇଭେଣ୍ଟ ପୂର୍ବରୁ ପ୍ରସ୍ତୁତି ଭଲ କରିଥିଲି ଓ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲି ବୋଲି ମନଜିତ କହିଛନ୍ତି।

☞ପୃଷ୍ଠା–୧୨

ମହାନଦୀରେ ଆସୁଛି ବନ୍ୟା



- ହୀରାକୁଦ ଡ୍ୟାମ୍‌ର ୨୫ ଗେଟ୍ ଖୋଲିଲା
- ମୁଣ୍ଡଳିରେ ପ୍ରବାହିତ ହେବ ୮ ଲକ୍ଷ କ୍ୟୁସେକ ଜଳ
- ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ
- ଜିଲାପାଳଙ୍କୁ ସତର୍କ କଲେ ରାଜ୍ୟ ସରକାର
- ଓଡ୍ରାଫ୍, ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗ ସଜାଗ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ମହାନଦୀ ଅବବାହିକାରେ ପୁଣି ଦେଖାଦେଇଛି ବନ୍ୟା ଆଶଙ୍କା। ଛତିଶଗଡରେ ବର୍ଷା ଲାଗି ରହିଥିବାରୁ ପ୍ରବଳ ବନ୍ୟା ଜଳ ହୀରାକୁଦ ଡ୍ୟାମ ଭିତରକୁ ପ୍ରବେଶ କରିବା ଆରମ୍ଭ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ହୀରାକୁଦ ଡ୍ୟାମ୍ ପୂରି ଉଠିବ। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ପର୍ଯ୍ୟାୟକ୍ରମେ ଜଳଭଣ୍ଡାରର ୨୫ଟି ଗେଟ୍ ଖୋଲିଛନ୍ତି। ଏଥିଯୋଗୁ ମହାନଦୀରେ ୮ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ଗଣମାଧ୍ୟମକୁ ସୂଚନା ଦେଇ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି ଯେ, ଛତିଶଗଡ଼ରେ ଗତ ୩ଦିନ ଧରି ପ୍ରବଳ ବର୍ଷା ହେଉଛି। ରବି ଶଙ୍କର ଡ୍ୟାମରୁ ଛତିଶଗଡ ସରକାର ପ୍ରତି ସେକେଣ୍ଡରେ ୧.୪୦ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଦୁଇଟି ଡ୍ୟାମରୁ ପ୍ରତି ସେକେଣ୍ଡରେ ୬୦ ହଜାର କ୍ୟୁସେକ ଜଳ ଛାଡୁଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ପାଣି ହୀରାକୁଦ ଡ୍ୟାମ୍‌ରେ ପ୍ରବେଶ କରିବ। ୨୫ଟି ଗେଟ୍ ଖୋଲାଯାଇଥିବାରୁ ବୁଧବାର ସକାଳ ସୁଦ୍ଧା ମହାନଦୀର ମୁଣ୍ଡଳିଠାରେ ୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ।

☞ପୃଷ୍ଠା–୧୨

ଉତ୍ତର ଓଡ଼ିଶାରେ ମୃଦୁ ଭୂକମ୍ପ

ଭୁବନେଶ୍ୱର,୨୮।୮(ବ୍ୟୁରୋ)– ମଙ୍ଗଳବାର ସନ୍ଧ୍ୟା ୬ଟା ୩୩ ମିନିଟରେ ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳରେ ମୃଦୁ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଆନନ୍ଦପୁର, ବାରିପଦା ଓ ବାଲେଶ୍ୱରରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୦ ମପାଯାଇଛି। ଏହାର କେନ୍ଦ୍ରସ୍ଥଳ ପଶ୍ଚିମବଙ୍ଗର ହୁଗୁଳି ଜିଲା ଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା କମ୍ ଥିବାରୁ କୌଣସି ସ୍ଥାନରେ କ୍ଷୟକ୍ଷତିର ସୂଚନା ନାହିଁ। ଭୂକମ୍ପ ଝଟକା ଅନୁଭବ କରି ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳର ଲୋକମାନେ ଘରୁ ପଦାକୁ ବାହରି ଆସିଥିଲେ।

ଜାତୀୟ କ୍ରୀଡ଼ା ଦିବସ ବିଶେଷ

ପୃଷ୍ଠା-୧୪

ଆଜିର ସମ୍ପାଦକୀୟ

ଚାକିରି, ଅବସର, ଚାକିରି

ଆଜିର ମନ୍ତବ୍ୟ

ଦେଶରେ ଏକପ୍ରକାର ଜରୁରୀ ପରିସ୍ଥିତି ଘୋଷଣା ହୋଇଯାଇଛି।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

କିଛି ତଥ୍ୟ

୨୦୧୬–୧୭ ଅମଳ ବର୍ଷରେ ଦେଶରେ ମୋଟ ୨୭୫.୧୧ ନିୟୁତ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଥିବା ବେଳେ ସେଥି ମଧ୍ୟରୁ କେବଳ ଗହମ ପରିମାଣ ୯୮.୫୧ ନିୟୁତ ଟନ ଥିଲା।

–କୃଷି ମନ୍ତ୍ରଣାଳୟ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE — 28.08.2018 — Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	61	107	117
CTC	61	107	117
DKL	63	110	120
BDK	63	110	120
BLS	63	110	120
ANG	63	110	120

Eggs Retail Price- 43/-Dozen
Issued in the Interest of Consumers
*Conditions Apply

ବାରବରାଙ୍କ ସମେତ ୫ ଗିରଫ

ପୁଣେ,୨୮।୮

ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହରେ ମହାରାଷ୍ଟ୍ର ପୋଲିସ ମଙ୍ଗଳବାର କେତେଜଣ ବିଶିଷ୍ଟ ବାମପନ୍ଥୀ କର୍ମୀମାନଙ୍କ ଘରେ ଏକକାଳୀନ ଚଢ଼ାଉ କରିଛି। ମୁମ୍ବାଇ, ପୁଣେ, ଗୋଆ, ତେଲେଙ୍ଗାନା, ଛତିଶଗଡ଼, ଦିଲ୍ଲୀ ଓ ହରିୟାଣାରେ ଚଢ଼ାଉ ପରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାମ୍ବାଦିକ, ପ୍ରଫେସର ଓ ମାନବାଧିକାର କର୍ମୀ। ଏହାକୁ ବାମପନ୍ଥୀ ଓ ମାନବାଧିକାର ସୁରକ୍ଷା ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ କରାଯାଇଛି।

ଗତବର୍ଷ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା–କୋରେଗାଓଁରେ 'ଏଲ୍‌ଗାର ପରିଷଦ' ନାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଦଳିତ ଓ ଉଚ୍ଚବର୍ଗର ପେଶୱାଙ୍କ ମଧ୍ୟରେ ହିଂସା ଘଟିଥିଲା। ଏହାର ତଦନ୍ତ ପାଇଁ ମଙ୍ଗଳବାର ଉପରୋକ୍ତ ଚଢ଼ାଉ କରାଯାଇଥିଲା। ସେଥିମଧ୍ୟରେ ହାଇଦ୍ରାବାଦସ୍ଥିତ ପ୍ରଖ୍ୟାତ୍ ତେଲୁଗୁ କବି ବରବରା ରାଓ, ମୁମ୍ବାଇର ପୂର୍ବତନ ଅଧ୍ୟାପକ ଭର୍ନନ ଗନ୍‌ସାଲଭେସ୍ ଓ ଅରୁଣ ଫରେଇରା, ଫରିଦାବାଦର ଟ୍ରେଡ୍ ୟୁନିୟନ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭାଲଖାଙ୍କ ବାସଭବନ ରହିଛି। ଯାଞ୍ଚ ପରେ ବାରବରା, ସୁଧା, ଗୌତମ, ଭର୍ନନ ଓ ଅରୁଣଙ୍କୁ

ମାଓବାଦୀ ଲିଙ୍କ୍

- ୬ ରାଜ୍ୟରେ ଚଢ଼ାଉ, ପୋଲିସର ତନାଘନା
- ପ୍ରଧାନମନ୍ତ୍ରୀଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତି ଅଭିଯୋଗ

ବାରବରା ରାଓ

ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯାଇଥିବା ପୋଲିସଠାରୁ ଜଣାପଡ଼ିଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରାଞ୍ଚିରେ ସୁସାନ୍ ଆବ୍ରାହମ, କ୍ରାଚ୍ଚି ତେକୁଲା, ଫାଦର ଷ୍ଟାନ୍ ସ୍ୱାମୀ ଓ ଗୋଆରେ ଆନନ୍ଦ ତେଲତୁମ୍ବଡେଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି। ପୋଲିସ ସେମାନଙ୍କଠାରୁ କେତେକ କମ୍ପ୍ୟୁଟର, ଲାପ୍‌ଟପ, ସିଡୀ, ପୁସ୍ତକ ଓ ଅନ୍ୟ ଦସ୍ତାବିଜ୍ ଜବତ କରିଛି। ଅଭିଯୁକ୍ତମାନେ ମାଓବାଦୀଙ୍କ ପାଇଁ 'ସହରୀ ବିଚାରକ' ଭାବେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି।

୧୮୧୮ ଜାନୁୟାରୀ ୧ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ମରାଠା ସାମ୍ରାଜ୍ୟର ଶେଷ

☞ପୃଷ୍ଠା–୧୨

ଜାତିସଂଘରେ ଓଡ଼ିଆ ଅର୍ଥନୀତିଜ୍ଞଙ୍କୁ ଗୁରୁଦାୟିତ୍ୱ

- ସତ୍ୟ ଏସ୍. ତ୍ରିପାଠୀ ୟୁଏନ୍‌ଇପି ସହକାରୀ ମହାସଚିବ ନିଯୁକ୍ତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ମିଳିତ ଜାତିସଂଘ,୨୮।୮(ପି.ଟି.)

ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇସି)ର ସହକାରୀ ମହାସଚିବ ତଥା ଏହାର ନ୍ୟୁୟର୍କ ମୁଖ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ବିଶିଷ୍ଟ ଓଡ଼ିଆ ଅର୍ଥନୀତିଜ୍ଞ ସତ୍ୟ ଏସ୍. ତ୍ରିପାଠୀ। କାରିବିୟାନ୍ ଦେଶ ତ୍ରିନିଦାଦ୍ ଆଣ୍ଡ ଟୋବାଗୋର ଏଲିଅଟ୍ ହ୍ୟାରିସ୍‌ଙ୍କ ସ୍ଥାନରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ତ୍ରିପାଠୀଙ୍କୁ ନିଯୁକ୍ତ କରିଛନ୍ତି। ୨୦୧୭ ମସିହାଠାରୁ ତ୍ରିପାଠୀ ୟୁଏନ୍‌ଇପିର ନିରନ୍ତର ବିକାଶ ୨୦୩୦ ଏଜେଣ୍ଡାର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ।


ସତ୍ୟ ଏସ୍. ତ୍ରିପାଠୀ

ଡେଭ୍‌ଲପ୍‌ମେଣ୍ଟ ଇକୋନୋମିଷ୍ଟ ଭାବେ ଖ୍ୟାତ ତ୍ରିପାଠୀଙ୍କ ନିକଟରେ ୩୫ ବର୍ଷର ଓକିଲାତି ଅଭିଜ୍ଞତା ମଧ୍ୟ ରହିଛି। ୧୯୯୮ରୁ ସେ ଜାତିସଂଘ ପାଇଁ ୟୁରୋପ, ଏସିଆ ଏବଂ ଆଫ୍ରିକାରେ ନିରନ୍ତର ବିକାଶ, ☞ପୃଷ୍ଠା–୧୨

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରୋନି
ପରିବାରବର୍ଗ

ମଣ୍ଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

BRIDE WANTED

ସବୁ ଧର୍ମ, ଜାତି, ବର୍ଗର bride ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8043

Brahmin boy 1987/ 6'2" B.Tech, MBA, Engineer Hyderabad 11 Lakhs required professional housewife. Barsha. 9338229705, 8339813069. D-62785

GROOM WANTED

Divorcee bride Govt. Officer 38, Clerk 33 (Caste-no-bar). Contact: 7873374269. D-63480

48 ବର୍ଷ କରଣ ଘରର ଝିଅ Railwayରେ କାର୍ଯ୍ୟରତ। ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (ଘରଜ୍ୱାଇଁ ପ୍ରାଥମିକତା) 9583402122. D-63718

ସବୁ ଧର୍ମ, ଜାତି, ବର୍ଗର groom ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8044

Wanted groom preferrable Govt. employee, Engineer, Doctor for Potalibania girl (29-5'2"). Contact: 8763356918. D-60810

Now Matrimonial ads. only on Wednesday & Sunday
Book 1 Get 1 FREE

classified

automobile

SALE

Indica Vista, Leyland Bus, Bolero Plus, massey, Sonalika Tractor, TVS Scooty. Finance available. 9938424739. D-8087

real estate

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Immediate ready for possession with bank finance facility (2/3)BHK flats, duplex available at Hanspal, Bomikhal, Patia, Patrapada. Details: 9937850303. (ଲକ୍ଷ୍ମୀଧର). D-7976

ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। **Sanjay: 9861812258.** D-63585

Book a 3BHK duplex house at Patia, Bhubaneswar. Having land area 1300 sqft. and 1900 sqft. construction area. Price 78 lakh, Bank finance available. 9078151122. D-64110

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64115

Luxurious ready to move 3BHK flat BJB Nagar, Bhubaneswar, only genuine buyer Contact Deepak: 9937329999. D-61495

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

ମେଣ୍ଟାଶାଳ ନିକଟବର୍ତ୍ତୀ ହରିପୁର ମୌଜାରେ ୭୧/୨ ଏକର ଉନ୍ନତମାନର ଜମି ବିକ୍ରି ହେବ। ଆନିକଟ ଏବଂ ଡେରାସଡ୍ୟାମ୍ ପାଖରେ। 9438323520, 9853116886. D-63078

PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64104

GENERAL

SALE

Servicing Machine, preser machine sale ହେବ। 9437619903. D-8088

to-let

3 bigroom, 2 toilet at Goutam Nagar, 2nd floor for office cum residence. Call: 9437033691. D-63834

2BHK with puja room, balcony, parking space behind Hotel VITS, Cuttack Road, Bhubaneswar. Contact: 9937961430. D-8089

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-8090

healthcare

"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Full body massage home service also available please contact: 7751085315 . D-61021

G.S Spa herbal full body massage ladies/ gents. 9078429117, 7683840853. D-63079

Fully refreshed/ relaxed body massage by expert therapist, Shastrinagar. 7377984773. D-64105

Newly opening ayurvedic body massage in joint pains, smart therapist. 9776383819. D-64106

Herbal full body massage by smart/ expert therapist. Contact: 8338067247. D-64113

Newly opening ayurvedic body massage smart therapist, Shree Herbal. 7750020754. D-64107

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

Herbal full body massage smart boys therapist home service available. Phone: 9937929638. D-7970

All type of massage and good therapy full body massage Sai herbal spa. 7609005923. D-64201

Experience full body massage with us by experts. Enquiry: 7377048581. D-64114

BBSR opening newly ayurvedic full body massage ladies & gents. 7438851534, 7609923705. D-38525

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

AFFIDAVIT

Affidavit before Executive Magistrate, Dhenkanal, 18.07.2018, I have changed my name after marriage from Pranati Satapathy to Pranati Mishra, W/o- Debasisha Mishra, Deulasahi, Dhenkanal Town. Henceforth, I shall be known as Pranati Mishra for all purposes. D-62040

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଚଳ ଟଙ୍କା ରଖିପାରିବେ ଆଇଟି, ଇଡି

ସଂଶୋଧିତ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୨୮।୮

ଚଳିତ ବେଳେ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ଅଚଳ ଟଙ୍କା ଜବତ କରିବା ଆୟକର ବିଭାଗ(ଆଇଟି) ଏବଂ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ଭଳି ତଦନ୍ତକାରୀ ଏଜେନ୍ସିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହାକୁ ଦୂର କରିବା ଲାଗି କେନ୍ଦ୍ର ସରକାର ବିଳମ୍ବରେ ହେଉ ପଛେ ପଦକ୍ଷେପ ନେଇଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ, ସେଣ୍ଟ୍ରାଲ ବୋର୍ଡ ଅଫ ଇନଡାଇରେକ୍ଟ ଟ୍ୟାକ୍ସେସ ଏବଂ ଇଡି ଜବତ କରିଥିବା ଅଚଳ ଟଙ୍କା ନିଜ ପାଖରେ ରଖିପାରିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଦର୍ଶାଯାଇଛି।

ପ୍ରଚଳିତ ସ୍ପେସିଫାଏଡ ବ୍ୟାନ୍ ନୋଟ୍ସ (ସେସନ୍ ଆଣ୍ଡ ଲାଇବିଲିଟିଜ) ଆକ୍ଟ, ୨୦୧୭ ଅନୁଯାୟୀ ରିଜର୍ଭ ବ୍ୟାଙ୍କ, ଏହାର ସମସ୍ତ ଏଜେନ୍ସି ଓ ଏହାଦ୍ୱାରା ଅନୁମୋଦିତ ବ୍ୟକ୍ତି ତଥା ଅଦାଲତଙ୍କ ନିର୍ଦ୍ଦେଶ ବ୍ୟତୀତ ଅନ୍ୟମାନେ ନିର୍ଦ୍ଧାରିତ ସୀମା ଠାରୁ ଅଧିକ ଅଚଳ ଟଙ୍କା ନିଜ ପାଖରେ ରଖିପାରିବେ ନାହିଁ। ଏହି ଆଇନ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତି ସର୍ବାଧିକ ୧୦ଟି ଏବଂ ଅନୁଧ୍ୟାନ ଓ ଗବେଷଣା ଲାଗି ୨୫ଟି ଅଚଳ ଟଙ୍କା ନିଜ ପାଖରେ ରଖିହେବ। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାନ କରିଥିଲେ। ସେହିବର୍ଷ ଡିସେମ୍ବର ୩୦ ସୁଦ୍ଧା ଏହାକୁ ବ୍ୟାଙ୍କରେ ଜମା କରିବାକୁ କୁହାଯାଇଥିଲା। ଏହା ପରେ ସୀମାବହିର୍ଭୂତ ଅଚଳ ଟଙ୍କା ଜବତ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଥିଲେ। ଉକ୍ତ ସମୟସୀମା ପରେ ଜବତ ଅଚଳ ଟଙ୍କାକୁ ନେଇ ଇଡି, ଆୟକର ବିଭାଗର ଚିନ୍ତା ବଢ଼ି ଯାଇଥିଲା। ଜବତ କାଗଜପତ୍ର ଦର୍ଶାଇଲେ ଏହାକୁ ବ୍ୟାଙ୍କରେ ଜମା କରି ହେବ ବୋଲି ସରକାର ପୂର୍ବରୁ ମଧ୍ୟ ଏକ ବିଜ୍ଞପ୍ତି ଜାରି କରିଥିଲେ।

୧୯ ଜୁନିୟର ଓପିଏସ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

୧୯ ଜୁନିୟର ଓପିଏସ୍ ଅଧିକାରୀ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେମାନେ ଓପିଏସ୍ ଗ୍ରୁପ୍-ଏର ଜୁନିୟର ବ୍ୟାଚ୍‌ର ଥିବାବେଳେ ଓପିଏସ୍‌ର ସିନିୟର ବ୍ୟାଚକୁ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ପୋଲିସ ଅଧିକାରୀମାନେ ହେଲେ ଜୟରାମ ଶତପଥୀ, ଅଭିରାମ କର, ବିନେସ ଚନ୍ଦ୍ର ବେହେରା, ସାନ୍ତନୁ କୁମାର ମହାନ୍ତି, ବିଷ୍ଣୁପଦ ମହନ୍ତ, ସୁନୀଲ କୁମାର ମଣ୍ଡଳ, ସୁଜନ ଦେଓ, ଅର୍ଜୁନ ବାରିକ, ଚିତ୍ତରଞ୍ଜନ ସାମନ୍ତ, ପ୍ରକାଶଚନ୍ଦ୍ର ପରିଡା, ପ୍ରଭାତଚନ୍ଦ୍ର ରାଉତରାୟ, ଶଶି ଶେଖର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ଜେନା, ବିପିନ ବିହାରୀ ମଲ୍ଲିକ, ମଙ୍ଗରା କୁଜୁର, ମାଧୁରୀ ସାମଲ, ତପସ୍ୱିନୀ ଆଗୁଖ, ଅମିତା ପଟ୍ଟନାୟକ ଓ ଯଶୋବନ୍ତ ନାରାୟଣ ମହାପାତ୍ର। ଡିଜି ଏବଂ ଆଇଜି ପରବର୍ତ୍ତୀ ସମୟରେ ସେମାନଙ୍କ ପୋଷ୍ଟିଂ ଅର୍ଡର କରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଓଡ଼ିଶା ସୀମାରୁ ହଟିଲା ପଶ୍ଚିମବଙ୍ଗର ହୋର୍ଡିଂ

ଭୋଗରାଇ, ୨୮ ।୮(ଡି.ଏନ.ଏ.)

ଓଡ଼ିଶା ସୀମାକୁ ପ୍ରବେଶ କରି ପଶ୍ଚିମବଙ୍ଗ ପ୍ରଶାସନ ଦୀଘା ସିଁ ବିଚ୍ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାସ୍ତାକଡରେ ଲଗାଇଥିବା ଏକ ହୋର୍ଡିଂକୁ ବାଲେଶ୍ୱର ଜିଲା ପ୍ରଶାସନ ମଙ୍ଗଳବାର ହଟାଇ ଦେଇଛି। ଏଥିଲାଗି ଘଟଣାସ୍ଥଳରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପଶ୍ଚିମବଙ୍ଗ ପ୍ରଶାସନ ବିଭିନ୍ନ ସମୟରେ ଓଡ଼ିଶା ଅଞ୍ଚଳ ଉପରେ ଅଧିକାର ଜାହିର କରି ଦାଦାଗିରି ଚଳାଇ ଆସୁଥିବା ବେଳେ ସମ୍ପ୍ରତି ଓଡ଼ିଶା ସୀମାରେ ଏହି ହୋର୍ଡିଂ ଲଗାଇବାରୁ ସୀମାନ୍ତ ଇଲାକାରେ ବିବାଦ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପ୍ରତିବାଦ କରାଯାଇଥିଲେ ମଧ୍ୟ ପଶ୍ଚିମବଙ୍ଗ ସରକାର କର୍ଣ୍ଣପାତ କରି ନ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ପ୍ରଶାସନ ପ୍ରଥମ କରି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଜିଲା ପ୍ରଶାସନ ପୋଲିସ ଫୋର୍ସ ନେଇ ହୋର୍ଡିଂ ଉଚ୍ଛେଦ କରିବାକୁ ଉଦ୍ୟମ କଲା ବେଳେ ପଶ୍ଚିମବଙ୍ଗ ସୀମାନ୍ତବାସୀ ଓ କେତେକ ଲୋକ ପ୍ରତିନିଧି ଏହାକୁ ବିରୋଧ କରିଥିଲେ। ଫଳରେ ଘୁଇ ରାଜ୍ୟର ପ୍ରଶାସନ ସମେତ ଉପସ୍ଥିତ ଜନସାଧାରଣ ଓ ଲୋକପ୍ରତିନିଧି ମୁହାଁମୁହିଁ ହୋଇଥିଲେ। ଏନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲେଶ୍ୱର ଜିଲା ପ୍ରଶାସନ କାଳବିଳମ୍ବ ନ କରି ପୋଲିସ ଲଗାଇ ଉକ୍ତ ହୋର୍ଡିଂକୁ ହାଇଡ୍ରା ମେଶିନ୍ ସାହାଯ୍ୟରେ ଭାଙ୍ଗି ଦେଇଥିଲେ। ଉଚ୍ଛେଦ କାର୍ଯ୍ୟ ବେଳେ ଉପସ୍ଥିତ ଓଡ଼ିଶାର ସୀମାନ୍ତବାସୀ ଏବଂ ଉତ୍କଳ ସମ୍ମିଳନୀର ବହୁ ସଦସ୍ୟ 'ବନ୍ଦେ ଉତ୍କଳ ଜନନୀ' ସ୍ଲୋଗାନ ଦେଇ ଏହାକୁ ସମର୍ଥନ କରିଥିଲେ। ଏଭଳି ଜନସମର୍ଥନ ଓ ବହୁ ସଂଖ୍ୟାରେ ପୋଲିସ ବାହିନୀ ଉପସ୍ଥିତିକୁ ଦେଖି ପଶ୍ଚିମବଙ୍ଗ ପ୍ରଶାସନ ନରମି ଯାଇ ନୀରବ ରହିଥିଲା। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ଏସ୍‌ଡ଼ିପିଓ ରାମଚନ୍ଦ୍ର ଗୌଡ଼, ଜଳେଶ୍ୱର ଓ ଭୋଗରାଇ ତହସିଲଦାରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ତଥା ବାଲେଶ୍ୱର ଜିଲା ପ୍ରଶାସନର କଠୋର ଆଭିମୁଖ୍ୟ ପଶ୍ଚିମବଙ୍ଗ ପ୍ରଶାସନକୁ ଆଲୋଡିତ କରିଛି। ଦୀଘା ଥାନାରେ ପଶ୍ଚିମବଙ୍ଗର ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏକ ବୈଠକ କରି ଘଟଣା ସମ୍ପର୍କରେ ତାଙ୍କ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ପଶ୍ଚିମବଙ୍ଗ ରାଜନୀତିରେ ଉଷ୍ମତା ବଢ଼ିଛି। ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ ବିରୋଧୀ ଦଳମାନେ ମଧ୍ୟ ଘେରିଛନ୍ତି। ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସୀମାନ୍ତ ଇଲାକାରେ ଓଡ଼ିଶା ଅଞ୍ଚଳକୁ ଅନଧିକାର ପ୍ରବେଶ କରି ପଶ୍ଚିମବଙ୍ଗ ପ୍ରଶାସନ ହୋର୍ଡିଂ ଲଗାଇବା ଘଟଣାକୁ ଭୋଗରାଇ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ଗୁରୁତର ଭାବେ ଗ୍ରହଣ କରି ମନ୍ତ୍ରୀ ଏବଂ ସଚିବସ୍ତରୀୟ ବୈଠକ କରିଥିଲେ। ୧୫ଦିନ ମଧ୍ୟରେ ଉକ୍ତ ନାମଫଳକ ହଟାଇ ନେବା ସକାଶେ ରାଜସ୍ୱମନ୍ତ୍ରୀ ପଶ୍ଚିମବଙ୍ଗ ସରକାରଙ୍କ ସମେତ ପୂର୍ବମେଦିନୀପୁର ଜିଲାପାଳ ଓ ସେଚ ବିଭାଗକୁ ଚରମପତ୍ର ଦିଆଯାଇଥିଲା। କିନ୍ତୁ ପଶ୍ଚିମବଙ୍ଗ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଜିଲା ପ୍ରଶାସନ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି।

ଉଦୟପୁର ବେଳାଭୂମି ରାସ୍ତାରୁ ପଶ୍ଚିମବଙ୍ଗ ହୋର୍ଡିଂକୁ ମେଶିନ୍ ଦ୍ୱାରା ହଟାଯାଉଛି।

- କଠୋର ଆଭିମୁଖ୍ୟ ନେଲା ବାଲେଶ୍ୱର ପ୍ରଶାସନ
- ୫ ପ୍ଲାଟୁନ ଫୋର୍ସ ମୁତୟନ
- ଉଚ୍ଛେଦ ବେଳେ ନରମିଲା ପଶ୍ଚିମବଙ୍ଗ ପ୍ରଶାସନ

ମନେ ପଡ଼ନ୍ତି

ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମୋତି ଦେବୀ
ଆଳିଶି ଶାସନ, ବାଲିପାଟଣା, ଖୋର୍ଦ୍ଧା
ତିରୋଧାନ: ୧୯।୦୮।୨୦୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଉପଦେଶ ଆମର ଚିର ପାଥେୟ ହେଉ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ଭଣଜାଭାଣିଜୀ, ଅଣନାତିଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୬୩୦୭୭

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ରାଜୀବ କୁମାର ରାୟ
ବିରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ
ଆବିର୍ଭାବ: ୦୫।୦୫।୧୯୬୯
ତିରୋଧାନ: ୧୯।୦୮।୨୦୧୮
ଗଡ଼କରମଳା, ଗୋପ, ପୁରୀ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଆପଣ ହଠାତ୍ ଗୋଟିଏ ମୁହୂର୍ତ୍ତ ଭିତରେ ଇହଧାମ ତ୍ୟାଗ କଲେ ଏହା ଆମ ସ୍ୱପ୍ନର ବାହାରେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମା ପରମାତ୍ମାଙ୍କଠାରେ ଲୀନ ହେଉ ଏହା ଆମର ଭରତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକ ସନ୍ତପ୍ତ ପରିବାରବର୍ଗ ଓ ବିରତୁଙ୍ଗ ଗ୍ରାମପଞ୍ଚାୟତବାସୀ

ଧ-୮୦୪୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଜୟରାମ ସାହୁ
ପୂର୍ବତନ ସରପଞ୍ଚ,
ଗ୍ରା.ପ. ଚଅଁରପଦା,
ହଂସପଡ଼ା, ତଳପାଟକ
ଆବିର୍ଭାବ: ୦୧।୦୨।୧୯୩୦
ତିରୋଧାନ: ୧୯।୦୮।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ନାତି-ନାତୁଣୀ ଓ ସାହୁ ପରିବାରବର୍ଗ।

ଧ-୬୩୪୩୫

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଅା, ଗଞ୍ଜାମ

ମେଷ

ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରାକାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ଅବଶ୍ୟ ସୁଫଳ ପାଇବେ।

ବୃଷ

ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବନ୍ଧୁଙ୍କ କାର୍ଯ୍ୟକଳାପ ଦେଖି ବିଚଳିତ ହୋଇପାରନ୍ତି। ନିଜକାମ ଛାଡି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯଦ୍ଦ୍ୱାରା ଅପଦସ୍ଥ ହେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟାନ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ।

ମିଥୁନ

ପୂର୍ବ ଶତ୍ରୁତା କାରଣରୁ ଆଶା କରି ନ ଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହେବାର ସୂଚନା ରହିଛି। ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ।

କର୍କଟ

କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ସାଙ୍ଗକୁ ପ୍ରାଧାନ୍ୟତା ମଧ୍ୟ ବଢ଼ିବ। ସାୟାହ୍ନେ ଟେନସନ୍ କମିଯିବା ସହ ଆଳାପ ଆଲୋଚନାରେ ସମୟ କଟାଇବେ।

ସିଂହ

ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। ଏଞ୍ଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରୁ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

କନ୍ୟା

ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବନ୍ଧୁମାନଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନା କରିବେ। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ଭ୍ରମଣହେତୁକ କ୍ଲାନ୍ତି ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

ତୁଳା

ପରିସ୍ଥିତିକୁ ଗୁରୁତ୍

ରୋଗୀଙ୍କ ମୃତ୍ୟୁ ପରେ ନିଜ ଗଳା କାଟିଦେଲେ କ୍ୱାକ୍

ବରଗଡ଼ ଅଫିସ୍, ୨୮।୮

ବରଗଡ଼ ସହରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସହରର ଏକ ଘରୋଇ କ୍ଲିନିକ୍‌ରେ କାର୍ଯ୍ୟରତ କ୍ୱାକ୍ ସୁବୋଧ ସାହୁ (୩୦)ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବରଗଡ଼ ସଦର ଥାନା ଅଞ୍ଚଳର ସାହେବ ସାହୁଙ୍କ ସ୍ତ୍ରୀ ଲବଙ୍ଗ (୪୦)। ତେବେ ମହିଳାଙ୍କ ମୃତ୍ୟୁକୁ ନେଇ ତାଙ୍କ ସମ୍ପର୍କୀୟ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କ୍ଲିନିକରେ ପହଞ୍ଚିଥିଲା। ହେଲେ ପୋଲିସକୁ ଦେଖି ସୁବୋଧ ପୋଲିସ ସମ୍ମୁଖରେ ହିଁ ନିଜ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଲବଙ୍ଗଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଗୁରୁତର ସୁବୋଧଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ଲବଙ୍ଗଙ୍କ ଦାନ୍ତ ବିନ୍ଧା ହୋଇଥିଲା। ଫଳରେ ସେ ପରିବାର ଲୋକଙ୍କ ସହିତ କ୍ୱାକ୍ ସୁବୋଧଙ୍କ ପାଖକୁ ଆସିଥିଲେ। ଦାନ୍ତ କାଢ଼ିବାକୁ କହି ସୁବୋଧ ଲବଙ୍ଗଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବା ପରେ ଲବଙ୍ଗ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ମାତ୍ର ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଲବଙ୍ଗଙ୍କ ମୃତ୍ୟୁ ପରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଲବଙ୍ଗଙ୍କ ଜଣେ ସମ୍ପର୍କୀୟ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କ୍ୱାକ୍ ସୁବୋଧଙ୍କ ବିରୋଧରେ ଦଫା ୩୦୪ (ଏ)ରେ ଏକ ମାମଲା (ନଂ. ୪୮୩/୧୮) ରୁଜୁ କରିବା ସହ ତାଙ୍କ କ୍ଲିନିକରେ ପହଞ୍ଚିଥିଲା। ତେବେ ପୋଲିସକୁ ଦେଖିବା ପରେ ସୁବୋଧ ଡ୍ରୟରରୁ ଏକ ଧାରୁଆ ସାମଗ୍ରୀ ବାହାର କରି ନିଜ ଗଳା କାଟିଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

AMITY UNIVERSITY
MEDIA & COMMUNICATION PROGRAMMES
LAST OPPORTUNITY
Apply by: 31.08.18
TOP PLACEMENTS AT AMITY
Ogilvy · The Times of India · Genesis BCCL · ZEE MEDIA · cohn & wolfe · Lexicon · ITV Network · Viacom18 · Network18 · Rajshri · Crazy Fox · Republic · Radio City · Nucleus
• B.A. - Journalism & Mass Comm./ Film & TV Production/3C
• B.Sc. - Animation & Visual Graphics
• M.Sc. - Graphics & Animation
• M.A. - Journalism & Mass Communication/Film, TV & Radio/Advertising & PR/ Media Studies/Film & TV Production/Advertising & Marketing Management
• PG Dip. in Journalism & Mass Communication
For programme availability & Admission Pack, visit respective universities' website
www.amity.edu/gurugram · www.amity.edu/lucknow
www.amity.edu/gwalior · www.amity.edu/mumbai
www.amity.edu/jaipur · www.amity.edu/raipur

BAJAJ
2 ଲକ୍ଷ ଲୋକ ଲଗେଇଲେ ହ୍ୟାଟ୍-ଟ୍ରିକ୍
ଜଲ୍‌ଦି କରନ୍ତୁ! ଅଫର୍ ଏବେ 31 ଅଗଷ୍ଟ 2018 ପର୍ଯ୍ୟନ୍ତ
1 ବର୍ଷ ମାଗଣା ଇନ୍‌ସ୍ୟୋରାନ୍ସ + 2 ବର୍ଷ ମାଗଣା ସର୍ଭିସ୍ + 5 ବର୍ଷ ୱାରଣ୍ଟୀ
ହ୍ୟାଟ୍-ଟ୍ରିକ୍ ଅଫର୍*
CT100 | pulsar | PLATINA | Discover
Call 7219821111 or visit www.bajajauto.com/hattrick
*ଡିନୋଟିଯାକ ଅଫର୍ ପଲ୍‌ସର୍ 150, ପଲ୍‌ସର୍ 160, V, ଡିସ୍‌କଭର୍ ଓ ପ୍ଲାଟିନା ସକାଶେ ବି ମିଳୁଛି । 2 ବର୍ଷର ମାଗଣା ସର୍ଭିସ୍ ଓ 5 ବର୍ଷର ୱାରଣ୍ଟୀ ଅନ୍ୟାନ୍ୟ ପଲ୍‌ସର୍ ଓ CT100 ସକାଶେ ମିଳୁଛି । 5 ବର୍ଷର ୱାରଣ୍ଟୀ ଡୋମିନାର୍ ଓ ଆଭେଞ୍ଜର୍ ପାଇଁ ମିଳୁଛି । ସର୍ତ୍ତ ଓ ନିୟମାବଳୀ ଲାଗିବ । ନ୍ୟୁନ ସୁଧ ହାର ଓ ନ୍ୟୁନ ଡାଉନ୍ ପେମେଣ୍ଟ ଅଫର୍‌ସବୁ ବି ପାଆନ୍ତୁ ।
For institutional/bulk orders, please send an email to corporatesales@bajajauto.co.in
Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9337250089 • Rahama MAITREE BAJAJ 9668801781, Nayagarh MSB Bajaj 7873925390 • Keonjhar JR BAJAJ 9937697094 • Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. **Authorised Service Centre:** Balianta 9937144926, Balipatna 9040180943, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939, JajpurTown 9937888777, Bhuban 9438570111, Kuakhia 9937312014, Bari 8917242713 Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417.

Fortune
ସୋୟା ବଡ଼ି
ପାଆନ୍ତୁ ମାଗଣା* ଫ୍ରୁଟ୍ ବାଉଲ୍
Free FRUIT BOWL ₹18
Soya Chunks
Fortune

MARUTI SUZUKI
THIS MONSOON, IT'S RAINING EXCITEMENT.
With offers up to Rs.65,000*, Maruti Suzuki makes this August more exciting than ever before.
Hurry!!! Last 3 days
ALTO 800 · CELERIO · WAGONR
ALTO 800 SAVE UPTO ₹45,000*
CELERIO SAVE UPTO ₹50,000*
WAGONR SAVE UPTO ₹65,000*
GET EXCHANGE BONUS UPTO ₹30,000*
Special offer upto ₹5,100* for employees of LIC, PSUs, Central and State Health Departments
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
Special Offer for IFFCO Linked Co-op Society Members & IFFCO, IFFCO TOKIO Employees
For any feedback/concern please contact Regional Office, Maruti Suzuki 0674-6571581
NARAYANI MOTORS
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044
ODYSSEY MOTORS
• ANGUL: 7752076136,9776901481
• PALLAHARA: 7873565435,9437831123
JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240
• NAYAGARH: 7381028515 • BALASORE: 7064499108
SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777
Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. Savings include consumer and exchange offer and is valid from 1st August'18 to 31st August'18. Savings are mentioned for Alto 800, Celerio (AGS) and WagonR (AGS). Exciting offer mentioned is of WagonR AGS Model. Mentioned Exchange Bonus of ₹30,000 is only on Celerio and WagonR. Exclusive Offer of upto ₹5,100 for LIC employees and Agents, Navratna PSUs (as listed in Maruti DMS Database) and Govt. Health Dept. employees and Member of IFFCO linked Co-op Society & Employees of IFFCO & TOKIO only as applicable. All offers and the savings given above are applicable for the month of August'18 only. Offers as shown above may change without any prior notice.

চাঁদাচক, শ্রবণঘর, চাঁদাচক

ভাগ | চাঁদার চুক্তিবদ্ধ কর্মচারী (শ্রাঃকর্ম) এবং (শ্রাঃকর্ম) কর্মচারীদের মধ্যে মতানৈক্য দেখা দেওয়ায় বৃহস্পতিবার থেকে চাঁদাচক শ্রবণঘর বন্ধ। এদিন সকাল থেকে চাঁদাচকের সামনে জড়ো হন শ্রাঃকর্ম। তাঁদের দাবি, চুক্তি অনুযায়ী তাঁদের বেতন বৃদ্ধি করতে হবে। চাঁদাচক কর্তৃপক্ষ জানিয়েছে, আলোচনা চলছে। তাই সমস্যা মিটে যাবে বলে আশা করা হচ্ছে। চাঁদাচক কর্তৃপক্ষের তরফে জানানো হয়েছে, শ্রাঃকর্মদের বেতন বৃদ্ধি নিয়ে



ସମ୍ପ୍ରତି ହୀରା ଚୋରି କରୁଥିବା ଏକ ପିମ୍ପୁଡିର ଭିଡ଼ିଓ ୟୁଟ୍ୟୁବ୍‌ରେ ଭାଇରାଲ ହୋଇଛି। ହୀରା ଦୋକାନରେ ଥିବା ହୀରାକୁ ପିମ୍ପୁଡି ବୋହି ନେଉଥିବାର ଦୃଶ୍ୟ ଭିଡ଼ିଓରେ ଦେଖିବାକୁ ମିଳୁଛି। ପିମ୍ପୁଡ଼ିର ଘ୍ରାଣ ଶକ୍ତି ଅଧିକ ତେବେ ହୀରାରେ ହୁଏତ କିଛି ମିଠା ଦ୍ରବ୍ୟ ଲାଗିଥିବାରୁ ଏହାକୁ ପିମ୍ପୁଡି ବୋହି ନେଉଥିବା ଅନୁମାନ କରାଯାଉଛି। ପିମ୍ପୁଡ଼ି ନିଜ ଓଜନ ଠାରୁ ୫୦ ଗୁଣା ଅଧିକ ଭାରି ଦ୍ରବ୍ୟ ବୋହି ନେଇପାରେ ବୋଲି ଗବେଷକ ସୂଚିତ କରିଛନ୍ତି।

ସଂକ୍ଷେପରେ

ଜାଲ୍ ପ୍ରମାଣପତ୍ରରେ ନାମଲେଖା ମହଙ୍ଗା ପଡ଼ିଲା ରଦ୍ଦ ହେବ ୧୯ ଛାତ୍ରୀଛାତ୍ରଙ୍କ ନାମ ଲେଖା

ପୁରୀ ଅଫିସ, ୨୮।୮: ଚଳିତ ଶିକ୍ଷାବର୍ଷରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନିରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମଲେଖାଇଥିବା ୧୯ ଛାତ୍ରୀଛାତ୍ରଙ୍କ ନାମଲେଖା ରଦ୍ଦ ହେବ। ଏନେଇ କଲେଜ କର୍ତ୍ତୃପକ୍ଷ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ଜାଲ୍ ପ୍ରମାଣପତ୍ର ଦେଇ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇ ଦିଆଯାଇଥିଲା। ଶନିବାର କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଷ୍ଟାଫ କାଉନ୍‌ସିଲ ବୈଠକରେ ଏ ନେଇ ଆଲୋଚନା କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଧରାପଡିଥିବା ୧୯ ଛାତ୍ରୀଛାତ୍ରଙ୍କ ନାମଲେଖା ରଦ୍ଦ ଲାଗି ନିଷ୍ପତ୍ତି ହୋଇଥିଲା। ଏନେଇ କଲେଜ ନୋଟିସ ବୋର୍ଡରେ ସୂଚନା ଦିଆଯାଇଛି। ବୁଧବାର ସୁଦ୍ଧା ନିଜ ସାର୍ଟିଫିକେଟ ଅସଲି ବୋଲି ପ୍ରମାଣିତ ନ କଲେ ସେମାନଙ୍କ ଆଡ୍‌ମିଶନକୁ ରଦ୍ଦ କରିଦିଆଯିବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଯୁକ୍ତ ତିନି ଏବଂ ସ୍ନାତକୋତ୍ତରରେ ୩୯ ଛାତ୍ରୀଛାତ୍ର ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନାମଲେଖାଇଥିବା ଖବର ପ୍ରକାଶ ପାଇଥିଲା। ସାର୍ଟିଫିକେଟ ଯାଞ୍ଚ ଲାଗି କଲେଜ କର୍ତ୍ତୃପକ୍ଷ ପୁରା ସିଡିଏମଓଙ୍କ ନିକଟକୁ ପଠାଇଥିଲେ। ସିଡିଏମଓ ତଦନ୍ତ କରି ୧୯ ଜଣଙ୍କ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇଥିଲେ।

ବାଲିମେଳା ଜଳଭଣ୍ଡାରର ୨ ଗେଟ୍ ଖୋଲିବ

ମାଲକାନଗିରି, ୨୮।୮ (ଡି.ଏନ.ଏ.): ମାଲକାନଗିରି ଜିଲା ବାଲିମେଳା ଜଳଭଣ୍ଡାରର ୨ଟି ଗେଟ୍ ବୁଧବାର ଖୋଲିବ। ଡ୍ୟାମରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨ଟି ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଗେଟ୍ ଖୋଲିଲେ ୨୦ ହଜାର କ୍ୟୁସେକ୍ ଜଳ ନିଷ୍କାଷିତ ହେବ। ଏଥିପାଇଁ ଜନସାଧାରଣ ଭୟଭିତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବାକୁ ନଦୀ ଓ ଡ୍ୟାମକୁ ନ ଯିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଏଥିଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ଥିବାରୁ ବୋରାଗୁଡା, ଗୁଣ୍ଡାଗୁଡା ଓ ନୂଆଗୁଡା ପଞ୍ଚାୟତବାସୀଙ୍କୁ ସତର୍କ ରହିବାକୁ ପ୍ରଶାସନ କହିଛି। ବାଲିମେଳା ଜଳଭଣ୍ଡାରର ଏଫଏଲଆର(ଫୁଲ ରିର୍ଭଏର ଲେବଲ) ୧୫୧୬ ଫୁଟ୍ ଥିବା ବେଳେ ଏବେ ଜଳସ୍ତର ୧୫୧୧ ଫୁଟ୍ ରହିଛି।

ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ ଚିନ୍ତା

୨ ସଂସ୍ଥା ସହ ଏମ୍‌ଓୟୁ ସ୍ୱାକ୍ଷର କଲେ ସରକାର

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାର ଦୁଇଟି ସଂସ୍ଥା ସହିତ ହାତ ମିଳାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମେରିକୀୟ ସଂସ୍ଥା 'ମ୍ୟାଲେରିଆ ନୋ ମୋର୍' ଏବଂ ଭାରତୀୟ ସଂସ୍ଥା 'ମ୍ୟାଲେରିଆ ନିରାକରଣ ଟ୍ରଷ୍ଟ' ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ 'ଦମନ' ଯୋଜନାର କାର୍ଯ୍ୟକାରିତା ଫଳରେ ରାଜ୍ୟରୁ ମ୍ୟାଲେରିଆର ପ୍ରକୋପ ୮୪ ପ୍ରତିଶତ ହ୍ରାସ ପାଇଛି। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏଭଳି ସଫଳତା କେବଳ ଦେଶ ମଧ୍ୟରେ ନୁହେଁ, ବିଦେଶରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି। ଖୋଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛି। ଯେହେତୁ ମ୍ୟାଲେରିଆକୁ ଏକାକୀ ନିରାକରଣ କରିବା ଆମ ରାଜ୍ୟ ପାଇଁ ଏକ ଆହ୍ୱାନ ହୋଇଛି, ତେଣୁ ବିଭିନ୍ନ ସଂଗଠନ ସହିତ ସହଯୋଗ ସ୍ଥାପନ କରି କାମ କରିବା ନିହାତି ଆବଶ୍ୟକ। 'ମ୍ୟାଲେରିଆ ନୋ ମୋର୍' ଏବଂ 'ମ୍ୟାଲେରିଆ ନିରାକରଣ ଟ୍ରଷ୍ଟ' ସହଯୋଗରେ ଓଡ଼ିଶାରୁ ସହଜରେ ମ୍ୟାଲେରିଆ ନିରାକରଣ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ଏହି ଦୁଇ ସଂସ୍ଥା ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତିରେ ସାହାଯ୍ୟ କରିବା ସହିତ ଜନସଚେତନତା ପାଇଁ କାର୍ଯ୍ୟାବଳୀ ପ୍ରସ୍ତୁତି, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ସମନ୍ୱୟ ରକ୍ଷା କରିବେ।

ସୂଚନାଯୋଗ୍ୟ, ରାଜ୍ୟ ସରକାର 'ଦମନ' କାର୍ଯ୍ୟକ୍ରମରେ ୧ କୋଟି ୧୩ ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରି ବଣ୍ଟନ କରିବା ସହିତ ଲୋକଙ୍କୁ ବିଭିନ୍ନ ଉପାୟରେ ସଚେତନ କରିଛନ୍ତି। ୨୦୧୫ରେ ୪,୩୬,୭୯୨ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ବେଳେ ୮୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୬ରେ ୪,୪୯,୬୯୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ରେ ୩,୫୨,୧୪୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ୪୧,୯୩୭ ଜଣ ଆକ୍ରାନ୍ତ ହୋଇଛନ୍ତି ଏବଂ ୨ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ଏହି ଦୁଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର ଦ୍ୱାରା ରାଜ୍ୟରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ। ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଏବଂ ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ ବିଭାଗ ତରଫରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବ୍ରଜକିଶୋର ବ୍ରହ୍ମା ମ୍ୟାଲେରିଆ ନୋ ମୋର ସିଇଓ ମାର୍ଟିନ୍ ଏଡ୍‌ଲୁଣ୍ଡ ଏବଂ ମ୍ୟାଲେରିଆ ନିରାକରଣ ଟ୍ରଷ୍ଟର ଟ୍ରଷ୍ଟି ଡା. କୌଶିକ ସରକାରଙ୍କ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା, ବିଭାଗୀୟ ପଦାଧିକାରୀ ଏବଂ ସଂସ୍ଥାର ଅଧିକାରୀ।

ସେପ୍ଟେମ୍ବର ୧ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ସେପ୍ଟେମ୍ବର ୧ରେ ଏହା ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉପକୂଳ ସମେତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧ ତାରିଖରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ସେହିପରି ୨ ତାରିଖରେ ବାଲେଶ୍ୱର, କେନ୍ଦ୍ରାପଡା, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ, ସୁନ୍ଦରଗଡ, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ଅଗଷ୍ଟ ୩୦ ତାରିଖ ବେଳକୁ ଏହାର ରୂପରେଖ କିପରି ହେବ ତାହା ଜଣାପଡିବ।

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ରହୁଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ଘଡଘଡି ସହ ଅସରାଏ କିମ୍ବା ଦି'ଅସରା ବର୍ଷା ହେବାର ସମ୍ଭାବନା ରହିଛି। ୧ ତାରିଖରୁ ବର୍ଷା ପରିମାଣ ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୩୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୯, ପାରାଦୀପ ୩.୪, ପୁରୀ ୧୧.୧, ବାରିପଦା ୧୬, ଝାରସୁଗୁଡା ୩୦.୬, କୋରାପୁଟ ୧୮.୯ ଏବଂ ମାଲକାନଗିରିରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଭୀମଭୋଇ, ଫକୀରମୋହନଙ୍କ ନାମରେ ନାମିତ ହେଲା ମେଡିକାଲ କଲେଜ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ସନ୍ଥ କବି ଭୀମଭୋଇ ଏବଂ ବ୍ୟାସକବି ଫକୀରମୋହନ ସେନାପତିଙ୍କ ନାମରେ ନୂତନ ମେଡିକାଲ କଲେଜର ନାମକରଣ ହୋଇଛି। ବାଲେଶ୍ୱର ମେଡିକାଲ କଲେଜକୁ ଫକୀର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବଲାଙ୍ଗୀର ମେଡିକାଲ କଲେଜକୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନାମରେ ନାମିତ କରାଯାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି।

ବ୍ରହ୍ମପୁର-ସୁରଟକୁ ଦୈନିକ ରେଳ ଚଳାଚଳ ହେଉ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

- ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି
- ଦୈନିକ ୨ଟି ରେଳ ଚଳାଚଳ ପାଇଁ ଦାବି
- ପୁରୀ-ଅହମ୍ମଦାବାଦ, ପୁରୀ-ଓଖା, ପୁରୀ-ଗାନ୍ଧୀଧାମ ଟ୍ରେନ୍ ପୂର୍ବରୁ ଚଳାଚଳ କରୁଛି

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର ଓ ଗୁଜରାଟର ସୁରଟକୁ ଦୈନିକ ୨ଟି ରେଳ ଚଳାଚଳ ହେଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ମଙ୍ଗଳବାର ଚିଠି ଲେଖି ଅନୁରୋଧ କରିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାୟ ୭ ଲକ୍ଷ ଲୋକ ସୁରଟରେ କାର୍ଯ୍ୟ କରୁଛନ୍ତି। ହେଲେ ସୁରଟ୍ ସହ ଉକ୍ତ ସହରର ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ରେଳ ଚଳାଚଳକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। କିଛିଦିନ ତଳେ ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ଚଳାଚଳ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖିଛନ୍ତି। ଗୁଜରାଟରେ ରହୁଥିବା ଓଡ଼ିଆଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନ ଓ ଦଳର ଗ୍ରହଣୀୟତା ବଢାଇବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ଆଲୋଚନା ହେଉଛି।

ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବ୍ରହ୍ମପୁର-ସୁରଟ ମଧ୍ୟରେ ରେଳ ଚଳାଚଳ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଉକ୍ତ ସହରର ବିଭିନ୍ନ ଅର୍ଥନୈତିକ କ୍ଲଷ୍ଟରରେ ବହୁ ସଂଖ୍ୟକ ଓଡ଼ିଆ କାର୍ଯ୍ୟ କରୁଛନ୍ତି। ଓଡ଼ିଆମାନେ ପୋଷାକ ଶିଳ୍ପ, ଡାଇଙ୍ଗ୍ , ପ୍ରିଣ୍ଟିଙ୍ଗ୍, ହୀରା କଟିଂ ଓ ଅନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ତେଣୁ ଉଭୟ ସହର ମଧ୍ୟରେ ପ୍ରତିଦିନ ରେଳ ଯୋଗାଯୋଗର ଆବଶ୍ୟକତା ରହିଛି। ବର୍ତ୍ତମାନ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ସପ୍ତାହକୁ ୪ ଦିନ ଚାଲୁଥିବା ବେଳେ ପୁରୀ-ଓଖା ଏକ୍ସପ୍ରେସ ସପ୍ତାହକୁ ଥରେ ଚଳାଚଳ କରୁଛି। ସେହିପରି ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ ସପ୍ତାହକୁ ଥରେ ଯାତାୟାତ କରୁଛି। ଫଳରେ ଉକ୍ତ ଟ୍ରେନଗୁଡିକରେ ଭିଡ ରହୁଛି। ତେଣୁ ଅଧିକସଂଖ୍ୟକ ଟ୍ରେନ ଯାତାୟାତ କରିବାର ଆବଶ୍ୟକତା ରହିଥିବା ଯୁକ୍ତି ଦର୍ଶାଯାଇଛି।

ଶିକ୍ଷାନୁଷ୍ଠାନ ପରିସରରେ ଧର୍ମାନୁଷ୍ଠାନ

କରି ଫ୍ରି ଥଟ୍ ପାର୍ଟି ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଅଧ୍ୟାପକ ବି. ରାମଚନ୍ଦ୍ର ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏ ବାବଦରେ ନିଷ୍ପତ୍ତି ଗ୍ରହଣ କରିବାକୁ ୪ ସପ୍ତାହ ମହଲତ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ପରିସରରେ ମନ୍ଦିର କିମ୍ବା ଧର୍ମାନୁଷ୍ଠାନ ରହିବ କି ନାହିଁ ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବି. ରାମଚନ୍ଦ୍ରଙ୍କ ପକ୍ଷରୁ ଆଡ୍‌ଭୋକେଟ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି। ଆଡ୍‌ଭୋକେଟ ଜୟନ୍ତୀ ନାୟକ, ସୁରେନ୍ଦ୍ର କୁମାର ରାଉତ ଓ ଅନିଲ କୁମାର ଦଳାଇ ସହାୟତା କରୁଛନ୍ତି।

ନିଷ୍ପତ୍ତି ଜଣାଇବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୨୮।୮

ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜ ପରିସରରେ ବେଆଇନ ଭାବେ ଧର୍ମାନୁଷ୍ଠାନ ଗଢିଉଠିଛି। ଭାରତ ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ବିଭିନ୍ନ ଶିକ୍ଷାନୁଷ୍ଠାନରେ ସବୁ ଧର୍ମାବଲମ୍ବୀ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ତେଣୁ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ଧର୍ମାନୁଷ୍ଠାନ ଗଢିଉଠିବା ସମ୍ବିଧାନ ତଥା ଆଇନ ବିରୋଧୀ। ଏହାକୁ ପ୍ରସଙ୍ଗ

ନୋଟିସ

ମାଡ୍ରାସ ସ୍ଥିତ ନ୍ୟାୟାଧିକରଣର ଉଚ୍ଚ ନ୍ୟାୟାଳୟରେ

(ସାଧାରଣ ମୂଳ ଦେୱାନୀ ନ୍ୟାୟାଧିକାର)

ଆବେଦନ ନଂ. ୨୦୧୭ର ୮୬୧୬

ମଧ୍ୟସ୍ଥତା ଏବଂ ମୀମାଂସା ଅଧିନିୟମ, ୧୯୯୬ ମାମଲାରେ ଏବଂ

ମେସର୍ସ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିଃ ଏବଂ ଶ୍ରୀ ଶତ୍ରୁଘ୍ନ ଭୁଏ ଓ ଅନ୍ୟମାନଙ୍କ ମାମଲାରେ ଯାହା ଋଣ ରାଜିନାମା ସଂ ଏକ୍ସଭିଏଫ୍‌ପିଜେଆର୍‌ଏ୦୦୦୦୨୧୫୮୪୬ ତାରିଖ ୨୯।୦୨।୨୦୧୨ରୁ ଉତ୍ପନ୍ନ

ମେସର୍ସ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍,
'ଡେୟାର୍ ହାଉସ୍', ନଂ.୨, ଏନ୍.ଏସ୍.ସି. ବୋଷ ରୋଡ୍, ପାରିକ୍, ଚେନ୍ନାଇ-୬୦୦୦୦୧
ଏହାର ପ୍ରାଧିକୃତ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ :ଆବେଦନକାରୀ

ବନାମ

୧. ଶ୍ରୀ ଶତ୍ରୁଘ୍ନ ଭୁଏ
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. ଶ୍ରୀ ଅଙ୍ଗଦ ଭୁଏ
ପିତା- ଡମ୍ବରୁ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩
: ପ୍ରତିବାଦୀ

ପ୍ରାପ୍ତେଷୁ
୧. ଶ୍ରୀ ଶତ୍ରୁଘ୍ନ ଭୁଏ
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. ଶ୍ରୀ ଅଙ୍ଗଦ ଭୁଏ
ପିତା- ଡମ୍ବରୁ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

ମାନ୍ୟବର ଉକ୍ତ ନ୍ୟାୟାଳୟ, ମାଡ୍ରାସ ତାରିଖ ୦୩।୭।୨୦୧୮ରିଖ ଦିନ ଉପରୋକ୍ତ ଆବେଦନରେ ଏକ ଆବେଶ ସ୍ୱହାତ କରି ଆପଣଙ୍କୁ ଟ.୪,୫୫,୩୬୦/- ପରିମାଣର ଦାବି ରାଶିର ଅମାନତ ଜମା କରିବାର ନିର୍ଦ୍ଦେଶ ଦେଇଥିଲେ। ତାରିଖ ୦୩।୦୮।୨୦୧୮ରିଖ ଦିନ ମାନ୍ୟବର ନ୍ୟାୟାଳୟ ତାରିଖ ୦୯।୦୯।୨୦୧୮ରିଖ ସୁଦ୍ଧା ଫେରନ୍ତଯୋଗ୍ୟ ଖବରକାଗଜ ପ୍ରକାଶନ ଦ୍ୱାରା ନୋଟିସର ଆବେଶ ଦେଇଛନ୍ତି। ଦୟାକରି ଧ୍ୟାନରେ ରଖନ୍ତୁ ଯେ ଆବେଦନ ତାରିଖ ୦୯।୦୯।୨୦୧୮ରିଖରେ ପ୍ରେରିତ ହୋଇଛି ଏବଂ ଆପଣ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜିର ହୋଇ ଅମାନତ ଜମା କରନ୍ତୁ।

ମେସର୍ସ ଡି. ପ୍ରଦୀପ କୁମାର
ଆବେଦନକାରୀଙ୍କ ଓକିଲ

SAHARAYN UNIVERSAL MULTIPURPOSE SOCIETY LIMITED

(Formerly known as Saharayn E-Multipurpose Society Limited) I (Regd. No.-MSCS/CR/935/2014)
195, Zone –1, In front of D.B. Mall, M

ସଂକ୍ଷେପରେ

ନାଗ ଉଦ୍ଧାର

କୁଜଙ୍ଗ,୨୮।୮(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ବଡ଼ପାଳ ଗ୍ରାମର କାଳନ୍ଦୀ ବେହେରାଙ୍କ ବାଡ଼ିରୁ ଏକ ୬ ଫୁଟର ନାଗ ସାପ ଉଦ୍ଧାର ହୋଇଛି। ଅପରାହ୍ନରେ ତାଙ୍କ ବାଡିରେ ଏକ ଜାଲରେ ସାପଟି ଛନ୍ଦି ହୋଇଯାଇଥିଲା। ସ୍ଥାନୀୟ ଯୁବକ ମିହିର ମଲ୍ଲ ସାପଟିକୁ କାବୁ କରି ଜାଲରୁ ବାହାର କରିଥିଲେ। ଏହା ପରେ ନିକଟସ୍ଥ ନଦୀପଠା ଜଙ୍ଗଲରେ ସାପଟିକୁ ଛାଡି ଦିଆଯାଇଥିଲା। ସୂଚନାଯୋଗ୍ୟ, ମିହିର ପୂର୍ବରୁ ୨୦ରୁ ଉର୍ଦ୍ଧ୍ୱ ବିଷାକ୍ତ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡିଥିବା କହିଛନ୍ତି।

ଗଙ୍ଗାଧର ମେହେର ଜୟନ୍ତୀ

ବାଲିଆ,୨୮।୮: ବିରିଡ଼ି ବ୍ଲକ ମହାବୀର ଲାଇବ୍ରେରୀ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅକ୍ଷୟ କୁମାର ବ୍ରହ୍ମା ସଭପତିତ୍ୱ କରିଥିଲେ। ସାମାଜିକ କର୍ମୀ ଧନଞ୍ଜୟ ବ୍ରହ୍ମା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବଜପେୟୀ, ଅଭିନେତା ଦେବୁ ବୋଷ, ବରିଷ୍ଠ ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ପିତାମ୍ବର ମହାପାତ୍ର, କୃଷ୍ଣଚନ୍ଦ୍ର ବାରିକ, ଚନ୍ଦ୍ରମଣୀ ଦାଶ, ଖଗେଶ୍ୱର ମହାରଣା, ରମାକାନ୍ତ ନାୟକ, ଧନଞ୍ଜୟ ବ୍ରହ୍ମା, ଅକ୍ଷୟ କୁମାର ବ୍ରହ୍ମା ପ୍ରମୁଖ ଗଙ୍ଗାଧରଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ରମାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

■ ରସଲପୁରରେ ମହିଳାଙ୍କୁ ଆକ୍ରମଣ ମାମଲା

ତିର୍ତ୍ତୋଲ ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ,୨୮।୮

■ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ
■ ମାମଲା ରୁଜୁ କରିବା ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ତିର୍ତ୍ତୋଲ ଥାନା ରସୁଲପୁର ଗାଁର ଅଲିମ ଉଲ୍ଲା ଖାନ୍‌ଙ୍କ ସ୍ତ୍ରୀ ରେଶମା ଖାତୁନ(୩୨)ଙ୍କୁ ଗତ ୨୪ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ରେଶମା ଅଭିଯୋଗ କରିବା ପରେ ପୋଲିସ ମାମଲା ସଂଖ୍ୟା ୨୧୧/୧୮ ରୁଜୁ କରିଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କୁ ଗିରଫ କରିବା ବଦଳରେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ରେଶମା। ସେ ଦର୍ଶାଇଛନ୍ତି ଯେ, ଘଟଣାଦିନ ଏହି ଗାଁର ସେଖ ସଲିମ୍ ମହମ୍ମଦ ତାଙ୍କୁ ଏକ ରଡ୍‌ରେ ବାଡେଇବା ସହ ମାଡିବସି ଧରିଥିବାବେଳେ ତସଲିମ ମହମ୍ମଦ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ବେକରେ ଥିବା ସୁନା ଚେନ୍ ଛଡାଇ ନେଇଥିଲେ। ଏଥିରେ ଅନ୍ୟ ୩ଜଣ ମଧ୍ୟ ସାମିଲ ଥିଲେ। ଏହି ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ପରେ ରେଶମା କନକପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ଦଫା ୩୪୧/ ୩୨୩/ ୩୨୫/୨୯୪/ ୩୭୮/୩୫୪/ ୩୪ ଆଇପିସିରେ ମାମଲା ରୁଜୁ କରିଥିଲେ ସୁଦ୍ଧା ଦଫା ୩୦୭ ଲଗାଇ ନାହିଁ। ଏଥିସହ ତାଙ୍କ ଛୋଟ ପିଲାକୁ ମାଡ଼ ହୋଇଥିଲେ ସୁଦ୍ଧା ପକ୍ସୋ ଆକ୍ଟ ଲଗାଯାଇନାହିଁ। ବରଂ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଚେଷ୍ଟା କରିଛି। ଅଭିଯୁକ୍ତଙ୍କ ପକ୍ଷରୁ ପାଲଟା ଅଭିଯୋଗ ଗ୍ରହଣ କରି ମାମଲା ସଂଖ୍ୟା ୨୧୨/୧୮ ରୁଜୁ କରିଛି। ତେଣୁ ଏସ୍‌ପି ନିଜେ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ତେବେ ସନ୍ଧ୍ୟାରେ ତିର୍ତ୍ତୋଲ ଥାନାରେ ପହଞ୍ଚିବାକୁ ଏସ୍‌ପି ତାଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି।

ବନ୍ଧୁକ ଦେଖାଇ ୧.୨୯ ଲକ୍ଷ ଟଙ୍କା ଲୁଟ୍

ଏରସମା,୨୮।୮(ସ୍ୱ.ପ୍ର.)

ନାଉଗାଁ ଥାନା ଅଧୀନ ଡେରିକି ପଞ୍ଚାୟତ ବାଲିଚନ୍ଦ୍ରପୁରଠାରେ ମଙ୍ଗଳବାର ମଧ୍ୟାହ୍ନରେ ଭାରତ ଫାଇନାନ୍ସର କର୍ମଚାରୀ ରଶ୍ମିରଞ୍ଜନ ସାମଲଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧.୨୯ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ସୂଚନା ଅନୁଯାୟୀ, ବିଭିନ୍ନ ମହିଳା ସଂଘରୁ ଋଣ ଟଙ୍କା ଆଦାୟ କରି ଫେରୁଥିବାବେଳେ ୩ଜଣ ଦୁର୍ବୃତ୍ତ ରଶ୍ମିରଞ୍ଜନଙ୍କୁ ବାଟରେ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏହା ପରେ ଟଙ୍କା ନେଇ ଛୁ ମାରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକରେ ବିଭିନ୍ନ ଫାଇନାନ୍ସ କମ୍ପାନୀ ଟଙ୍କା ଋଣ ଦେଇଥିବାବେଳେ ଭାରତ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ବାରମ୍ବାର ଲୁଟ୍ ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି ଯେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ମାମଲା ରୁଜୁ ହେବ।

■ ଜିଲା ଆଇନସେବା ପ୍ରାଧିକରଣର ସଚେତନତା ଶିବିର

୧.୨୫ ଲକ୍ଷରୁ କମ୍ ଆୟକାରୀଙ୍କୁ ମାଗଣା ଆଇନ ସେବା

ଜଗତ୍‌ସିଂହପୁର ଅଫିସ,୨୮।୮

ମଙ୍ଗଳବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଧିକରଣ ସେକ୍ରେଟାରୀ କମଳାକାନ୍ତ ରାଉତ ପୌରୋହିତ୍ୟ କରି କେଉଁମାନଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦିଆଯାଇପାରିବ ସେ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ସେ କହିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୨୦୦୫ ରୁ ସାରା ଦେଶରେ ଆଇନସେବା ପ୍ରାଧିକରଣ କାର୍ଯ୍ୟ କରୁଛି। ଆଇନ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଜାତୀୟ, ରାଜ୍ୟ, ଜିଲା ଓ ତାଲୁକସ୍ତରରେ ଆଇନ ସେବା ପ୍ରାଧିକରଣ ରହିଛି। ବାର୍ଷିକ ୧.୨୫ ଲକ୍ଷ ଟଙ୍କାରୁ କମ ରୋଜଗାରକ୍ଷମ ଲୋକଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ଦିଆଯିବ। ଅନୁସୂଚିତ ଜନଜାତି, ଜାତି, ସବୁ ଜାତିର ମହିଳା, ବିଚାରାଧୀନ କଏଦୀ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଦଙ୍ଗା ଯୋଗୁ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ତେଣୁ ଲୋକେ ଏ ବାବଦରେ ଅବଗତ ହେବା ଦରକାର ବୋଲି ବିଚାରପତି ରାଉତ କହିଥିଲେ। ଶିବିରରେ ଟ୍ରାଫିକ ନିୟମ, ହେଲ୍‌ମେଟର ଆବଶ୍ୟକତା, ବୀମାଭୁକ୍ତ ହେବା, ଯୌତୁକ ନିର୍ଯାତନା, ଘରୋଇ ହିଂସା, ଭରଣପୋଷଣ ଓ ଜାତିଆଣ ଆଇନ ସମ୍ପର୍କରେ ମଧ୍ୟ କୁହାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏବିଡିଓ କେଦାର ମିଶ୍ର ସାମାଜିକ ସୁରକ୍ଷା, ଭତ୍ତା, ମଧୁବାବୁ ପେନ୍‌ସନ୍ ଆଦି ଯୋଜନା ଉପରେ ସୂଚନା ଦେଇଥିଲେ। ବଳରାମପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଭାତ ମହାନ୍ତି, ସରପଞ୍ଚ କାଞ୍ଚନବାଳା ମହାରଣା, ପାରାଲିଗାଲ ସଦସ୍ୟ ଅବନୀକାନ୍ତ ମହାରଣା, ପ୍ରଦୀପ୍ତ ମିତ୍ରଙ୍କ ସମେତ ପଞ୍ଚାୟତର ଲୋକେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ପାଲା ପରିବେଷଣ କରାଯାଇଥିଲା। ମୁରଲୀଧର ଭୋଇ ଧନ୍ୟବାଦ ଦେଇଥିଲେ।

ବିଷ୍ଣୁ ଦାସ ଶ୍ରେଷ୍ଠ ବିଧାୟକ ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବାଲିଆ,୨୮।୮

ଜଗତ୍‌ସିଂହପୁର ଜିଲା ବିଜୁ ଜନତା ଦଳ ସଭାପତି ବିଷ୍ଣୁ ଚରଣ ଦାସଙ୍କୁ ୨୦୦୯ ବର୍ଷ ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ଘୋଷଣା କରାଯାଇଛି। ଏଥିପାଇଁ ଜଗତ୍‌ସିଂହପୁର ଜିଲା ସଂଖ୍ୟାଲଘୁ କମିଟି ଅଧ୍ୟକ୍ଷ ମୀର ଆଜମିର୍ ଅଲ୍ଲିଙ୍କ ସମେତ ଲତିଫ ଖାଁ, ସେକ୍ ଫୟାଜଉଦିନ, ଗୋଲାମ ମୁସ୍ତାଫା ଖାଁ, ଫିରୋଜ ଖାଁ, ଲୋକମାନ ଅଲ୍ଲି ଖାଁ, ମହମ୍ମଦ ସିକନ୍ଦର ଆଲ୍ଲାମ, ମହମ୍ମଦ ଇଲିୟାସ ଖାଁ, ଆୟୁବ ସାହା, ମହମ୍ମଦ ଆଜାତ୍ ଅହେମଦ୍, କଲିମଉଦିନ ଖାଁ, ସେକ୍ ଅନସର ଅଲ୍ଲି, ସୟାଦ ରାଜ ହବିବ୍, ଇସ୍ତାକ ଅଲ୍ଲି ଖାଁ ଓ ହାକିମ ଖାଁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ବିଷ୍ଣୁ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କରମ ଦଶା
ଯେ ଫଳ ଖାଇଲେ ସେ ଫଳ କଷା ।

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ସେହିପରି ଭାଗ୍ୟ ସାଥି ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

କାଚ କାଚ ମଣି ମଣି
କିଣାବିକାରେ ଜଣାଜଣି ।

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣା ପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି, ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ, ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

ବାବା ଦିବାକର ଦାସଙ୍କୁ ସମ୍ବର୍ଦ୍ଧନା

ବାବା ଦିବାକର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲିଆ,୨୮।୮

ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଶ୍ରୀ ଦିବାକର ଦାସଙ୍କୁ କଟକ ବିଦ୍ୟାଧରପୁରର ଅମୃତ ପସରା ଆଧ୍ୟାତ୍ମିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବାଲିଆ ଗୋପୀନାଥପୁରରେ ଜନ୍ମିତ ଶ୍ରୀ ଦାସ ଓଡିଶା ଏବଂ ଓଡିଶା ବାହାରେ ଆମ ଭାଷା ଓ ସଂସ୍କୃତିକୁ ପହଞ୍ଚାଇବା ଦିଗରେ ଉଦ୍ୟମ ଚଳାଇଛନ୍ତି। ଓଡ଼ିଆ ଭାଗବତକୁ ଘରେ ଘରେ ପହଞ୍ଚାଇବାକୁ ତାଙ୍କ ସାଧୁ ଉଦ୍ୟମ ବାଲ୍ୟ କାଳୁ ବେଶ ଜଣାଶୁଣା। ସେହିପରି ସମାଜସେବା, ଅନ୍ଧବିଶ୍ୱାସ ଦୂରୀକରଣ, ବୃକ୍ଷରୋପଣ, ଗୋ ସୁରକ୍ଷା ଆଦି ବିଭିନ୍ନ କାର୍ଯ୍ୟ କରି ସେ ଜନସାଧାରଣଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି। କଟକ ବିଦ୍ୟାଧରପୁରଠାରେ ଅମୃତ ପସରା ସଂଘ ତରଫରୁ ଆୟୋଜିତ ଝୁଲଣ ଉତ୍ସବ ଉଦ୍‌ଯାପନୀ ସମାରୋହରେ ବାବା ଶ୍ରୀ ଦିବାକର ଦାସଙ୍କୁ ମାନପତ୍ର, ଉପଢୌକନ ଦେଇ ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ବେହେରା ଓ ରମେଶ ଚନ୍ଦ୍ର ମହାରଣା ସମ୍ବର୍ଦ୍ଧିତ କରିଥିଲେ।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

JAGANNATH FINANCE COMPNAY

ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
GOZARI
86979-80580
95578-79781

ଓଡ଼ିଆ ଭାଉଚର ଫିଲ୍ମ ଆସୁଛି ? ଓଡ଼ିଆ ଭାଉଚର ଫିଲ୍ମ ଆସୁଛି ?

ହିମାଚଳପ୍ରଦେଶ କଚଲୁ ଜିଲାରେ ଘଟିଛି ଏକ ଦୁଃଖଦ ଘଟଣା। ଏଠାରେ ଏକ ପାହାଡ଼ ଉପରେ ଗୋରୁ ପଲ ଚରୁଥିବାବେଳେ ହଠାତ୍ ପାହାଡ଼ର ଏକ ଅଂଶ ଧସି ପଡ଼ିଥିଲା। ଏଥିରେ ଗୋରୁ ଚରାଳିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୧୧୬ ଗୋରୁଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପଞ୍ଚାୟତ ମୁଖ୍ୟ ରାକେଶ ଠାକୁର ସୂଚିତ କରିଛନ୍ତି।

ସଂକ୍ଷେପରେ

ଏସ୍‌ସିବିରେ ୧୨୯ ଡେଙ୍ଗୁ ରୋଗୀ

କଟକ ଅଫିସ, ୨୮।୮: ଏସ୍‌ସିବି ମେଡିକାଲରେ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ୧୨୯ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୧୮ଜଣ ୱାର୍ଡରେ ଓ ୧୧ଜଣ ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ମଙ୍ଗଳବାର ମେଡିକାଲରେ ମୋଟ ୧୬୫ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୪୩ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ କଟକରୁ ୧୩ ଜଣ ରୋଗୀ ରହିଛନ୍ତି।

ରାସ୍ତାରେ ପ୍ରସବ କଲେ ମହିଳା

ଦଶମନ୍ତପୁର,୨୮।୮(ଡି.ଏନ୍.ଏ.): ଗାଁକୁ ପକ୍କା ରାସ୍ତା ନାହିଁ। ଫଳରେ ଆମ୍ବୁଲାନ୍ସ ଆସିପାରିଲାନି। ବାଧ୍ୟହୋଇ ପରିବାର ଓ ଗ୍ରାମବାସୀ ଭାର କରି ଗର୍ଭବତୀଙ୍କୁ ୨ କିମି ବୋହି କରି ନେଇଥିଲେ। ରାସ୍ତାରେ ହିଁ ଗର୍ଭବତୀ ଜଣଙ୍କ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ପ୍ରବଳ ବର୍ଷା ହେଉଥିବାରୁ ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ଶିଶୁପୁତ୍ରକୁ ଛତା ତଳେ ଧରି ଆଶାକର୍ମୀ ବସି ରହିଥିଲେ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ବନ୍ଧଗୁଡ଼ା ଗ୍ରାମରେ ମଙ୍ଗଳବାର ଏଭଳି ଘଟିଛି। ସୂଚନା ଅନୁଯାୟୀ, ବନ୍ଧଗୁଡ଼ା ଗ୍ରାମର ଘେନୁ ମୁଦୁଲିଙ୍କ ସ୍ତ୍ରୀ ଆଶାଇ ଗର୍ଭ ଯନ୍ତ୍ରଣା ପାଇବାରୁ ପରିବାର ଲୋକେ ଆଶା କର୍ମୀ ସୁଷମା ବେନ୍ୟାଙ୍କୁ ଖବର ଦେଇଥିଲେ। ସୁଷମା ୧୦୨ ଆମ୍ବୁଲାନ୍ସକୁ ଫୋନ କରି ଡକାଇଥିଲେ ମଧ୍ୟ ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିନଥିଲା। ବାଧ୍ୟହୋଇ ପରିବାର ଲୋକେ ଓ ଗ୍ରାମବାସୀ ଗର୍ଭବତୀଙ୍କୁ ଭାର କରି ପ୍ରାୟ ୨କିମି ଆଣିଥିଲେ। କୁମୁଟି ବୁଥା ନିକଟରେ ପ୍ରସବ ଯନ୍ତ୍ରଣା ଅଧିକ ହେବାରୁ ସେହିଠାରେ ମହିଳାଙ୍କ ସନ୍ତାନ ଜନ୍ମ ହୋଇଥିଲା। ପରେ ଗୁଲିମୂଷା ଗ୍ରାମ ନିକଟରୁ ଆମ୍ବୁଲାନ୍ସ ମା' ଓ ନବଜାତକଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

ଉପରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବେ ଓମ୍‌ପ୍ରକାଶ

ଜୟପୁର,୨୮।୮(ଡି.ଏନ୍.ଏ./ନି.ପ୍ର.): ରାଜ୍ୟର ଏକମାତ୍ର ଭାବେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଶ୍ରେଷ୍ଠ ଶିକ୍ଷକ ମନୋନୀତ ହୋଇଛନ୍ତି। ଆସନ୍ତା ୫ରେ ଗୁରୁଦିବସ ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ତାଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ସମ୍ମାନିତ କରିବେ। ମାନପତ୍ର ସହ ୫୦ ହଜାର ଟଙ୍କା ଏବଂ ରୌପ୍ୟ ପଦକରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦେଶର ବିଭିନ୍ନ ରାଜ୍ୟରୁ ସମୁଦାୟ ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଅବସରରେ ସମ୍ମାନିତ ହେବେ। ୧୯୭୦ ମାର୍ଚ୍ଚ ୩୦ରେ ଗଞ୍ଜାମ ଜିଲା ପ୍ରାଣଦେଇପୁର ଶାସନରେ ଶିକ୍ଷକ ମିଶ୍ରଙ୍କର ଜନ୍ମ। ପିତା ନାଳଅଲ ମିଶ୍ର ଏବଂ ମାତା ଜ୍ୟୋସ୍ନାରାଣୀ ମିଶ୍ର। ସେ ବିଜ୍ଞାନ ଓ ଶିକ୍ଷା ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୮ରେ କୋରାପୁଟ ଜିଲାରୁ ଶିକ୍ଷକତା ଆରମ୍ଭ କରିଥିବା ବେଳେ ୨୦୦୬ରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ୨୦୧୫ରେ ଜିଲାସ୍ତରୀୟ, ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି।

ହକି ବିଶ୍ୱକପ୍ ବେଳେ ଅତିଥିଙ୍କ ରହଣି ଚିନ୍ତା

'ଓୟୋ' ସହ ଏମ୍‌ଓୟୁ ସ୍ୱାକ୍ଷର କଲା ଓଟିଡିସି

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଓଟିଡିସି ଓ ଓୟୋ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

- ଉପଲବ୍ଧ ହେବ ୧୬୦ ହୋଟେଲରେ ୧୬୦୦ ରୁମ୍
- ବିମାନବନ୍ଦର, ରେଲୱେ ଷ୍ଟେଶନରେ ସ୍ୱତନ୍ତ୍ର ହେଲ୍ପଡେସ୍କ

ହକି ବିଶ୍ୱକପ୍‌ର ଆୟୋଜନ କରି ଓଡ଼ିଶା ଇତିହାସ ରଚିବାକୁ ଯାଉଥିବା ବେଳେ ଏବେ ଆୟୋଜକଙ୍କୁ ଘାରିଛି ଏଠାରେ ଥିବା ହୋଟେଲ ଅଭାବ ସମସ୍ୟା। ନଭେମ୍ବରରେ ହେବାକୁ ଥିବା ଏହି କ୍ରୀଡ଼ା ମହାସମରକୁ ଆଉ ମାତ୍ର ୨ମାସ ବାକି ଥିବା ବେଳେ ହୋଟେଲ ଯୋଗାଡ଼ରେ ଲାଗିପଡ଼ିଛନ୍ତି ରାଜ୍ୟ ସରକାର। ୧୬ ଦେଶର କ୍ରୀଡ଼ାବିତ୍, ସେମାନଙ୍କ ଅଫିସିଆଲ୍, ସମର୍ଥକ ଏବଂ ଦର୍ଶକଙ୍କୁ ମିଶାଇ ପ୍ରାୟ ୩୦ହଜାର ଲୋକ ଓଡ଼ିଶାକୁ ଆସୁଥିବା ବେଳେ ସେମାନଙ୍କ ପାଇଁ ୩୦ ହଜାର କ୍ଲାସିଫାଏଡ୍ ରୁମ୍‌ର ଆବଶ୍ୟକତା ରହିଛି। ମାତ୍ର ରାଜ୍ୟରେ ଏତେ ସଂଖ୍ୟକ ହୋଟେଲ ନ ଥିବାରୁ ଲୋକଙ୍କ ରହଣି, ଅତିଥି ସତ୍କାର ଏବେ ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଦେଶର ସର୍ବବୃହତ୍ ବଜେଟ ହୋଟେଲ ନେଟ୍‌ୱାର୍କ ତଥା ଭାରତୀୟ ହସ୍ପିଟାଲିଟି ସର୍ଭିସର ପ୍ରମୁଖ ବ୍ରାଣ୍ଡ 'ଓୟୋ ରୁମ୍ସ' ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)। ଏହାଦ୍ୱାରା ହକି ବିଶ୍ୱକପ୍ ପୂର୍ବରୁ ଓୟୋ ନିଜର ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନରେ ଅଧିକରୁ ଅଧିକ ହୋଟେଲକୁ ଅନ୍ତର୍ଭୁକ୍ତ କରିବ। ଏହାସହ ରାଜ୍ୟରେ ଥିବା ହୋମ୍ ଷ୍ଟେ' ଏବଂ ଛୋଟବଡ଼ ସମସ୍ତ ହୋଟେଲକୁ ଓୟୋ ପ୍ଲାଟଫର୍ମରେ ଉପଲବ୍ଧ କରାଇବାକୁ ବୁଝାମଣାପତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପର୍ଯ୍ୟଟକ ଏବଂ ଆସିବାକୁ ଥିବା ଦର୍ଶକ ବିନା ଦ୍ୱିଧାରେ ନିଜ ପସନ୍ଦର ରୁମ୍ ପାଇପାରିବେ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଏମ୍‌ଡି ତଥା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତୀନ ଭାନୁଦାସ ଜଓ୍ୱାଲେ ଏବଂ ଓୟୋ ରୁମ୍ସର ଓଡ଼ିଶା ସର୍କଲ ଅଧିକାରୀମାନଙ୍କ ଉପସ୍ଥିତିରେ ମଙ୍ଗଳବାର ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସହ କଟକ, ପୁରୀ ଏବଂ ଆଖପାଖ ସମସ୍ତ ଅଞ୍ଚଳକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଓୟୋର ଏହି ରହଣି ସେବା ସମ୍ପର୍କରେ ଅଧିକରୁ ଅଧିକ ଲୋକଙ୍କୁ ଅବଗତ କରାଇବାକୁ ଓଟିଡିସି ନିଜ ୱେବ୍‌ସାଇଟ୍ ସହ ସୋସିଆଲ ମିଡିଆ ପ୍ଲାଟଫର୍ମ ଆଦିରେ ପ୍ରଚାର ପ୍ରସାର କରିବ। ଏହାସହ ଓୟୋ ପକ୍ଷରୁ ବିମାନବନ୍ଦର, ରେଲୱେ ଷ୍ଟେଶନ, ବସ୍ ଟର୍ମିନାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ହକି ବିଶ୍ୱକପ୍‌ର ୫ ଦିନ ପୂର୍ବରୁ ସ୍ୱତନ୍ତ୍ର ହେଲ୍ପଡେସ୍କ ବା ସହାୟତା କେନ୍ଦ୍ର ଖୋଲାଯିବ। ସେହିଭଳି ବୁକିଂ କରିବା ଏବଂ ଏ ସମ୍ପର୍କିତ ସମସ୍ତ ସୂଚନା ପାଇଁ ଓୟୋ ପକ୍ଷରୁ ଏକ ନୂଆ ଫୋନ୍ ଲାଇନ୍ ମଧ୍ୟ ଆରମ୍ଭ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବ କହିଛନ୍ତି, ଦେଶ ଏବଂ ଦେଶ ବାହାରେ ଓୟୋ ଏକ ଭରସାଯୋଗ୍ୟ ବ୍ରାଣ୍ଡ୍। ହକି ବିଶ୍ୱକପ୍‌କୁ ଆଉ ମାତ୍ର କିଛିମାସ ବାକି ଥିବା ବେଳେ ଆମେ ବହୁ ସଂଖ୍ୟକ ଲୋକଙ୍କ ଆଗମନ ଆଶା କରୁଛୁ। ଏଭଳିସ୍ଥଳେ ଓୟୋ ସହ ଓଟିଡିସିର ଏହି ଏମ୍‌ଓୟୁ ଅନେକାଂଶରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

ଓୟୋର ପ୍ରତିଷ୍ଠାତା ତଥା ଓଡ଼ିଶାରେ ଜନ୍ମିତ ସଫଳ ଯୁବ ଉଦ୍ୟୋଗୀ ରିତେଶ ଅଗ୍ରୱାଲ କହିଥିଲେ, ହକି ବିଶ୍ୱକପ୍ ପାଇଁ ଓଡ଼ିଶା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଓଟିଡିସି ସହ ଓୟୋର ସହଭାଗିତା ଆମ ପାଇଁ ଗର୍ବର ବିଷୟ। ଦେଶ ଏବଂ ବିଦେଶରୁ ଓଡ଼ିଶା ଆସିବାକୁ ଥିବା କ୍ରୀଡ଼ାପ୍ରେମୀମାନଙ୍କୁ ଉନ୍ନତମାନର ତଥା ଉତ୍ତମ ସେବାବିଶିଷ୍ଟ ହୋଟେଲ ଓ ହୋମ୍ ଷ୍ଟେ' ଯୋଗାଇଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏବେ ଆମ ନିକଟରେ ୧୬୦ ହୋଟେଲର ମୋଟ ୧୬୦୦ ରୁମ୍ ଥିବା ବେଳେ ଏହା କିଭଳି ଗ୍ରାହକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ରହିବ, ସେଥିପାଇଁ ଓୟୋ ଟିମ୍ ଦିନରାତି କାମ କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ କେବଳ ଓୟୋ ନୁହେଁ, ଓଟିଡିସି ଏବେ ଅନ୍ୟ କେତେକ ଅନ୍‌ଲାଇନ୍ ଟ୍ରାଭେଲ ଏଜେଣ୍ଟ ସହ ସମାନ ଚୁକ୍ତି କରିବାକୁ ଯୋଜନା ରଖିଛି।

ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

୧୭୧ପଞ୍ଚାୟତ ପାଇଁ ୩୮.୪୫କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ମଙ୍ଗଳବାର ୮ ଜିଲାର ୧୦ବ୍ଲକ ପାଇଁ ୩୮.୪୫କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ବ୍ଲକଗୁଡିକ ହେଉଛି ବରଗଡ ଜିଲାର ବରପାଲି, ପୁରୀ ଜିଲାର ବ୍ରହ୍ମଗିରି ବ୍ଲକ, ରାୟଗଡ ଜିଲାର କାଶୀପୁର, ସମ୍ବଲପୁର ଜିଲାର ବାମରା, କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ କୋଟପାଡ, କେନ୍ଦୁଝର ଜିଲାର ପାଟଣା, କଳାହାଣ୍ଡି ଜିଲାର କାଳାମୁଣ୍ଡା, ମୟୂରଭଞ୍ଜ ଜିଲାର ଉଦଳା ଓ ରାଇରଙ୍ଗପୁର । ମୁଖ୍ୟମନ୍ତ୍ରୀ ବରପାଲି ବ୍ଲକର ୨୩ ପଞ୍ଚାୟତ ପାଇଁ ୩.୯୧କୋଟି ଟଙ୍କାରେ ୨୨୯ପ୍ରକଳ୍ପ, ବ୍ରହ୍ମଗିରି ବ୍ଲକର ୨୪ ପଞ୍ଚାୟତ ପାଇଁ ୫.୬୩କୋଟି ଟଙ୍କାରେ ୩୬୯ ପ୍ରକଳ୍ପ, କାଶୀପୁର ବ୍ଲକର ୨୪ପଞ୍ଚାୟତ ପାଇଁ ୫କୋଟି ଟଙ୍କାରେ ୨୧୩ ପ୍ରକଳ୍ପ, ବାମରା ବ୍ଲକର ୧୭ ପଞ୍ଚାୟତ ପାଇଁ ୩.୭୧କୋଟି ଟଙ୍କାରେ ୧୬୮ପ୍ରକଳ୍ପ, ଲକ୍ଷ୍ମୀପୁର ବ୍ଲକର ୧୩ ପଞ୍ଚାୟତ ପାଇଁ ୩.୪୧କୋଟି ଟଙ୍କାରେ ୧୭୫ ପ୍ରକଳ୍ପ, କୋଟପାଡ ବ୍ଲକର ୧୭ ପଞ୍ଚାୟତ ପାଇଁ ୪.୩୪କୋଟି ଟଙ୍କାରେ ୧୫୮ପ୍ରକଳ୍ପ, ପାଟଣା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮୦କୋଟି ଟଙ୍କାରେ ୧୦୪ପ୍ରକଳ୍ପ, କାଳାମୁଣ୍ଡା ବ୍ଲକର ୧୨ପଞ୍ଚାୟତ ପାଇଁ ୨.୪୦କୋଟି ଟଙ୍କାରେ ୧୩୯ ପ୍ରକଳ୍ପ, ଉଦଳା ବ୍ଲକର ୧୨ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୯୫ ପ୍ରକଳ୍ପ ଏବଂ ରାଇରଙ୍ଗପୁର ବ୍ଲକର ୯ ପଞ୍ଚାୟତ ପାଇଁ ୨.୨୫କୋଟି ଟଙ୍କାରେ ୯୬ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୧୭୧ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୭୪୬ପ୍ରକଳ୍ପ ମଞ୍ଜୁର କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୧୭୫ ବ୍ଲକର ୩୮୮୮ ଗ୍ରାମପଞ୍ଚାୟତବାସୀଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ପଞ୍ଚାୟତଗୁଡିକ ପାଇଁ ୮୮୨.୧୦କୋଟି ଟଙ୍କା ମଞ୍ଜୁର ହୋଇଛି।

ମୃତଚାଷୀଙ୍କ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ଋଣବୋଝ ଚିନ୍ତାରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ବରଗଡ଼ ଅଫିସ୍/ପାଇକମାଲ,୨୮।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ଥାନା ପଲସଦା ଗ୍ରାମରେ ଜଣେ ଚାଷୀଙ୍କ ସୋମବାର ରାତିରେ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦ ବିଶ୍ୱାଳ। ମଙ୍ଗଳବାର ଏହା ପଦାକୁ ଆସିଛି। ଋଣ ଭାର ଚିନ୍ତାରେ ତାଙ୍କର ଜୀବନ ଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳର ଚାଷୀମାନେ ପଲସଦା ନିକଟ ଗୌରଝୁରୀ ଛକରେ ପଦ୍ମପୁର–ପାଇକମାଲ ରାସ୍ତା ଉପରେ ମୃତଦେହ ରଖି ମଙ୍ଗଳବାର ସକାଳ ୮ଟାରୁ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ପଡ଼ି ଯାଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଲ ତହସିଲଦାର ସଦାଶିବ ନାଏକ, ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇ, ଏସଡ଼ିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ପରିବାର ଲୋକଙ୍କୁ ୧୦ଦିନ ମଧ୍ୟରେ ବୀମା କ୍ଷତିପୂରଣ ପ୍ରଦାନ, ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା, ଇନ୍ଦିରା ଆବାସ ଏବଂ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଦେବା ପାଇଁ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।ଏହାପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ପରେ ପରିବାର ଲୋକେ ଦାହ କରିବାକୁ ଯାଇଥିଲେ। ସୂଚନାଯୋଗ୍ୟ, ଏଥର ସେ କରିଥିବା ଫସଲ ଉଜୁଡି ଯାଇଛି। ପଲସଦା ସେବା ସମବାୟ ସମିତି ସମେତ ବିଭିନ୍ନ ସ୍ଥାନରୁ ଚାଷ ପାଇଁ ପ୍ରାୟ ୭୫ହଜାର ଟଙ୍କାର ଋଣ କିଭଳି ପରିଶୋଧ କରିବେ ସେ ନେଇ ସବୁବେଳେ ଚିନ୍ତିତ ଥିଲେ।

ସାତକୋଶିଆରେ ବାଘ ଜଗିବେ କର୍ନାଟକୀ ହାତୀ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

- ୩ କୁମ୍‌କୀ ହାତୀ ଓଡ଼ିଶା ଆସିବେ

ସାତକୋଶିଆରେ ବାଘକୁ ଜଗିବେ ହାତୀ। ମଧ୍ୟପ୍ରଦେଶରୁ ଅଣାଯାଇଥିବା ଅତିଥି ବାଘ ଉପରେ ନଜର ରଖିବା ପାଇଁ କର୍ନାଟକରୁ ପ୍ରଶିକ୍ଷିତ ହାତୀ ବା କୁମ୍‌କି ହାତୀଙ୍କୁ ଓଡ଼ିଶା ଅଣାଯିବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟ ରାଜ୍ୟରୁ ହାତୀ ଆଣିବା ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ଅନୁମତି ମିଳିସାରିଥିବା ବେଳେ ବର୍ତ୍ତମାନ ବନବିଭାଗ କର୍ନାଟକ ବନବିଭାଗ ସହ ଆଲୋଚନା କରୁଛି। ଆସନ୍ତା ୨ରୁ ୩ମାସ ମଧ୍ୟରେ ୩ଟି କୁମ୍‌କୀ ହାତୀ ଅଣାଯିବାକୁ ଯୋଜନା ଚାଲିଛି।

ମଧ୍ୟପ୍ରଦେଶରୁ ବାଘ ଆଣି ସାତକୋଶିଆରେ ଛଡ଼ାଯିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ଜୀବନଯାପନ କରୁଛନ୍ତି। ବାଘ ଜନବସତି ଆଡ଼କୁ ଚାଲିଆସିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଲୋକଙ୍କ ଭୟକୁ ଦୂର କରିବା ପାଇଁ ବନ ବିଭାଗ ଏହି ଯୋଜନା କରିଛି। କୁମ୍‌କୀ ହାତୀ ଦ୍ୱାରା ଦୁର୍ଗମ ଅଞ୍ଚଳରେ ପ।ଟ୍ରା।ର୍ଲି ଂ କରିବା ସହଜ ହୋଇପାରିବ ବୋଲି କୁହାଯାଉଛି। ବର୍ଷାଦିନେ ଏବଂ ଘଞ୍ଚ ଜଙ୍ଗଲରେ ଯେଉଁଠିକୁ ବନ କର୍ମଚାରୀମାନେ ଯାଇପାରୁନାହାନ୍ତି ସେଠାକୁ ଏହି କୁମ୍‌କୀ ହାତୀ ଯାଇପାରିବେ ବୋଲି ପିସିସିଏଫ୍ କହିଛନ୍ତି। ଏହି କୁମ୍‌କୀ ହାତୀଙ୍କୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କୁ ଘଉଡ଼ାଇବା ପାଇଁ ମଧ୍ୟ ନିୟୋଜିତ କରାଯିବ। ଅନେକ ସମୟରେ ହାତୀ ଜନବସତିକୁ ଆସିବା ଫଳରେ ହାତୀ–ମଣିଷ ଲଢ଼େଇ ହେଉଛି। କେତେବେଳେ ମଣିଷର ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ହାତୀ ନିଜେ ଶିକାର ହେଉଛି। ତେଣୁ ଏଭଳି ପରିସ୍ଥିତିରେ ଏହି କୁମ୍‌କୀ ହାତୀ ସହାୟତାରେ ହାତୀଙ୍କ ଉପଦ୍ରବ ରୋକାଯାଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ କର୍ନାଟକରୁ କୁମ୍‌କୀ ହାତୀ ମହେନ୍ଦ୍ର ଓ ରାଜକୁମାରକୁ ଓଡ଼ିଶା ଅଣାଯାଇଥିଲା। ଶିମିଳିପାଳ ଅଭୟାରଣ୍ୟରେ ଏମାନେ ପାଟ୍ରୋଲିଂ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଅନ୍ୟପଟେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁଯାୟୀ, ସାତକୋଶିଆରେ ବାଘ ଆଣିବା ପୂର୍ବରୁ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର କରି ଥଇଥାନ କରାଯିବା ଉଚିତ ଥିଲା। ଯେପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାନାନ୍ତର କରି ଥଇଥାନ କରା ନ ଯିବ ସେ ପର୍ଯ୍ୟନ୍ତ ସେମାନଙ୍କ ମନରୁ ଭୟ ଦୂରହେବ ନାହିଁ।

ଚିଟ୍‌ଫଣ୍ଡ ଠକେଇ: ୧୬ ଜମାକାରୀ ଫେରିପାଇଲେ ଟଙ୍କା

କଟକ ଅଫିସ, ୨୮।୮

ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ୧୬ଜଣ ଜମାକାରୀ ସେମାନଙ୍କ ଜମାଟଙ୍କା ଫେରି ପାଇଛନ୍ତି। ମଙ୍ଗଳବାର ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରେ ଦୁଇଟି ଚିଟ୍‌ଫଣ୍ଡ ସଂସ୍ଥା ଏହି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିଛି। ଉକ୍ତ ଦୁଇ ଚିଟ୍‌ଫଣ୍ଡ ସଂସ୍ଥା ହେଲେ ୱେଲ୍‌ଫେୟାର ବିଲ୍‌ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ୍ ଓ ଭିନ୍‌ପ୍ଲସ୍ ପ୍ରାଇଭେଟ ଲିମିଟେଡ୍। ୱେଲଫେୟାର ବିଲ୍‌ଡିଂ ଚିଟ୍‌ଫଣ୍ଡ ସଂସ୍ଥାରେ ମୋଟ ୪୮ଜଣ କ୍ଷୁଦ୍ର ଜମାକାରୀ ଥିବାବେଳେ ଏହି ସଂସ୍ଥା ପୂର୍ବରୁ ୮ଜଣଙ୍କୁ ଓ ଏବେ ୧୩ଜଣଙ୍କୁ ଜମା ଟଙ୍

ସଂକ୍ଷେପରେ

ଲେଖିକା ସଂସଦର ଶ୍ରାବଣୀ ଆସର

ବାଲିଆ,୨୮।୮: ବିରିଡ଼ି ବ୍ଲକ ହାଜିପୁରର ପ୍ରସିଦ୍ଧ ପଞ୍ଚସଖାଙ୍କ ଧାନ କ୍ଷେତ୍ର ଧାନକୁଦ ଠାରେ ଜଗତ୍‌ସିଂହପୁର ଲେଖିକା ସଂସଦ ଆନୁକୂଲ୍ୟରେ ଶ୍ରାବଣୀ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଲେଖିକା ସଂସଦ ସଭାପତି ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତିଳୋତ୍ତମା ଦାଶ ସଂଚାଳନା କରିଥିଲେ। ଧାନକୁଦ ପୀଠାଧିଶ ପ୍ରେମ ସାଗର ବାବା ଅରକ୍ଷିତ ଦାସ ମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଚଳଚିତ୍ର ତାରକା ଦେବୁ ବୋଷ ଏବଂ କେରଳ ବନ୍ୟା ମୃତକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାଇଜରର କୂଳ ସଚିବ ଡା. ଅଭୟ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳେଇଘାଇ ଆଷାଢ଼ ସାହିତ୍ୟ ସଂସଦ ସଭାପତି ପିତାମ୍ବର ମହାପାତ୍ର, ବିଭୂତି ରାୟ, ଅଧ୍ୟାପକ ଭଗବାନ ଦାସ, ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ମଧୁସ୍ମିତା ନାୟକ, ଗୀତା ଦାସ, କଳ୍ପନା ବିଶ୍ୱାଳ, ସୁକାନ୍ତ ଦାସ, ରମାକାନ୍ତ ନାୟକ, ସୌଦାମିନୀ ରାଉତ, ବସନ୍ତମଞ୍ଜରୀ ଦାସ, ସୁରେନ୍ ରାଉତ୍, ଆରତୀ ତ୍ରିପାଠି ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଖଗେଶ୍ୱର ମହାରଣା ଓ ପ୍ରତାପ ମହାରଣା କବିତା ସଂଯୋଜନା କରିଥିଲେ। ସର୍ମିଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀ ତାଲିକାରେ ତ୍ରୁଟି ଅଭିଯୋଗ

ବାଲିକୁଦା,୨୮।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକର ଅଧିକାଂଶ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀ ତାଲିକାରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଂଗ୍ରେସ ଜିଲା ପରିଷଦ ଜୋନ ସଭାପତି ବିଭୂତି ଭୂଷଣ ସ୍ୱାଇଁ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ କରି ତ୍ରୁଟିରୁ ତାଲିକା ସଂଶୋଧନ ପାଇଁ ଦାବି ଜଣାଇଛନ୍ତି। ନ ହେଲେ ଚିକିତ୍ସା ଅଭାବରୁ ବହୁ ହିତାଧିକାରୀ ସେମାନଙ୍କ ମୂଲ୍ୟବାନ ଜୀବନ ହରାଇବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୂର୍ବରୁ ଥିବା ବିଜୁ କୃଷକ କଲ୍ୟାଣ ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା କାର୍ଡର ୧ଲକ୍ଷ ଟଙ୍କା ମୂଲ୍ୟ ପରିବର୍ତ୍ତେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ହିତାଧିକାରୀ ପାଇବେ। ମାତ୍ର ଏହି ସବୁ ତାଲିକା ତିଆରି ସମୟରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ଯେଉଁଥିରେ ୯୦ ଭାଗ ହିତାଧିକାରୀଙ୍କ ଠିକଣା ଭୁଲ୍ ରହିଛି। ଉଦାହରଣ ସ୍ୱରୂପ ଅଳାଭର ପଞ୍ଚାୟତ ରଣପୁର ଗାଁର ଗୋଲେଖ ବିଶ୍ୱାଳଙ୍କ ନାମ ଅଳାଭର ଗାଁ ତାଲିକାରେ ରହିଛି। ସେହିପରି ରଣପୁରର ଦେବବ୍ରତ ଷଡ଼ଙ୍ଗୀଙ୍କ ଘର କୁଳିଆଗାଁ, କୁଳିଆଗାଁ ଘନଶ୍ୟାମ ଦାସଙ୍କ ଘର ରଣପୁର, କୁଳିଆ ଗାଁ ବିଜୟ ସାହୁଙ୍କ ଘର ମଝିକୋରା, କଣିଆ ନିରଞ୍ଜନ ସ୍ୱାଇଁଙ୍କ ଘର ମଝିକୋରା ତାଲିକାରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ତାଲିକା ଇଂଲିଶରେ ପ୍ରକାଶ ପାଇଥିବାବେଳେ ସେଗୁଡିକ ସୁପରିଭିଜନ ପାଇଁ ଆଶାମାନଙ୍କୁ ଦାୟୀତ୍ୱ ଦିଆଯାଇଛି। ସେହି ଆଶାମାନଙ୍କ ମଧ୍ୟରୁ ଅଧିକାଂଶ ଇଂଲିଶ ଜାଣନ୍ତି ନାହିଁ। ତେଣୁ ଜିଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱାଇଁ ଦାବି କରିଛନ୍ତି।

ଭାଜପାର ୬ ଦଫା ଦାବି

ଏରସମା,୨୮।୮(ସ୍ୱ.ପ୍ର.): ଏରସମା ବ୍ଲକ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କିତ ୬ ଦଫା ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ଉପସଭାପତି ନିର୍ଲିପ୍ତ କୁମାର ଜେନା, ଜିଲା ସମ୍ପାଦକ ଅକ୍ଷୟ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ଅଳାବଳ ପଞ୍ଚାୟତର ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଅଢଙ୍ଗା ସମିତି ସଭ୍ୟ ଜଟାଧାରୀ ଦାସ, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରଦୀପ୍ତ ବାରିକ ଯୋଗ ଦେଇଥିଲେ। ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବାଲିଚୁଠ, ଗୋଡା, କୁଞ୍ଜକୋଠି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଦୁରାବସ୍ଥା, କଳାଗୁଳି ଗ୍ରାମରେ ଡେଙ୍ଗୁ ବ୍ୟାପିବା, ବିଭିନ୍ନ ଦୁର୍ନୀତି, ବିପର୍ଯ୍ୟସ୍ତ ରାସ୍ତା, ମାତ୍ରାଧିକ ଚିଙ୍ଗୁଡି ଘେରା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହେବା ସମ୍ପର୍କରେ ଭାଜପା ପ୍ରତିବାଦ ଜଣାଇଛି।

ସମିତି ସଭ୍ୟଙ୍କୁ ଥାନା ଅଧିକାରୀଙ୍କ ମାଡ଼ ଅଭିଯୋଗ

ଏସ୍‌ପିଙ୍କୁ ଭେଟିଲେ ପଞ୍ଚାୟତ ପ୍ରତିନିଧି

- ବଧୂହତ୍ୟା ଅଭିଯୋଗ ନେଇ ମୁହାଁମୁହିଁ ହୋଇଥିଲେ ଗ୍ରାମବାସୀ
- ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ସମିତିସଭ୍ୟଙ୍କୁ ଥାନାଧିକାରୀ ମାଡ଼ ମାରିଥିବା ଅଭିଯୋଗ

କୁଜଙ୍ଗ,୨୮।୮(ସ୍ୱ.ପ୍ର.)

ତ୍ରିଲୋଚନପୁର ଗ୍ରାମର ଏକ ବଧୂହତ୍ୟା ଅଭିଯୋଗକୁ ନେଇ ସୋମବାର ଫତେପୁର ପଞ୍ଚାୟତ ସମିତିସଭ୍ୟ ଓ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ସମୟରେ ଥାନା ଅଧିକାରୀ ସମିତିସଭ୍ୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ କୁଜଙ୍ଗ ଥାନା ଅଭ୍ୟର୍ଥନା କକ୍ଷରେ ବିଳମ୍ବିତ ରାତିରେ ଏହାର ଆପୋସ ସମାଧାନ କରାଯାଇଥିଲା। ସ୍ଥାନୀୟ ତହସିଲଦାର ପୋଲିସ ଅଧିକାରୀଙ୍କ କାର୍ଯ୍ୟ ପାଇ ଦୁଃଖ ପ୍ରକାଶ କରିବା ସହିତ ଉଭୟଙ୍କ ମଧ୍ୟରେ ବୁଝାବଣା କରାଇଥିଲେ। ମାତ୍ର ଏହି ଘଟଣାକୁ ନେଇ ମଙ୍ଗଳବାର କୁଜଙ୍ଗ ବ୍ଲକର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ନାମରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବଦଳି ଦାବି କରିଛନ୍ତି। ପରେ ଏସପି ପାରାଦୀପ ଏଏସପିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ପ୍ରଦାନ କରିଥିବା କୁଜଙ୍ଗ ବ୍ଲକ ସରପଞ୍ଚ ସଙ୍ଘ ସଭାପତି ମିହିର ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କୁଜଙ୍ଗ ବ୍ଲକ ଫତେପୁର ପଞ୍ଚାୟତର ସମିତିସଭ୍ୟ ସଂଗ୍ରାମ ରାଉତରାୟ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏପରିକି ସେଠୀ ସମିତିସଭ୍ୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଅଭୟଚାନ୍ଦପୁର ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ବହୁ ଆଲୋଚନା ପରେ କୁଜଙ୍ଗ ଥାନାରେ ଏହାର ସମାଧାନ ହୋଇଥିଲା। ମାତ୍ର କୁଜଙ୍ଗର ବୁଦ୍ଧିଜୀବୀ ତଥା ଜନପ୍ରତିନିଧିମାନେ ଘଟଣାକୁ ସହଜରେ ହଜମ କରିପାରି ନାହାନ୍ତି। ସେମାନେ ବ୍ଲକ ସଭାଗୃହରେ ଏକତ୍ରିତ ହୋଇ ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ପରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଜଗତ୍‌ସିଂହପୁର ଯାଇ ଏସପିଙ୍କୁ ଅବଗତ କରାଇଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧକ୍ଷ ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ଭାରତଭୂଷଣ ନାୟକ, ସାଇଲୋ ସରପଞ୍ଚ ରୋଜାଲିନ ମହାପାତ୍ର, ଫତେପୁର ସରପଞ୍ଚ ସ୍ନେହମୟୀ ଲେଙ୍କା, ୨ନଂ ଜୋନ୍ ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରୟଦର୍ଶନୀ, ପ୍ରମୋଦ କୁମାର ସ୍ୱାଇଁ, ନନ୍ଦିନୀ ପଣ୍ଡା, ଅଧିର କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ।

ଭାଙ୍ଗିପଡ଼ିଲା ହାଇମାଷ୍ଟ ଲାଇଟ୍ ଖୁଣ୍ଟ: ଅଳ୍ପକେ ବର୍ତ୍ତିଲେ କାର ଚାଳକ

ପାରାଦୀପ,୨୮।୮(ସ୍ୱ.ପ୍ର)

ପାରାଦୀପ ପୌର ପାଳିକା ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପାଖରେ ଗତବର୍ଷ ଲଗାଯାଇଥିବା ହାଇମାଷ୍ଟ ଲାଇଟ୍ ଖୁଣ୍ଟଟି ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ଭାଙ୍ଗି ପଡିଛି। କେତେଜଣ ଦୁର୍ବୃତ୍ତ ବିଦ୍ୟୁତ୍ ଖୁଣ୍ଟ ମୂଳରେ ଥିବା ନଟ୍ ବୋଲ୍ଟ ଖୋଲି ନେଇଯିବା ଦ୍ୱାରା ଏଭଳି ଘଟିଛି। ୧୭ ମିଟର ଉଚ୍ଚତା ବିଶିଷ୍ଟ ଏହି ଖୁଣ୍ଟ ମୂଳ ଭାଙ୍ଗି ଏକ କାର ଉପରେ ପଡିଥିଲା। ସୌଭାଗ୍ୟବସତଃ କାରରେ ଥିବା ଚାଳକ ଓ ଅନ୍ୟ ୨ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖୁଣ୍ଟ ପଡିବାବେଳେ ପ୍ରଥମେ ମନ୍ଦିର ପାଚେରି ଓ ପାଖରେ ଥିବା ଗଛରେ ବାଡେଇ ହେବାରୁ ସେମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ପରେ କ୍ରେନ୍ ସାହାଯ୍ୟରେ ଖୁଣ୍ଟକୁ ଅପସାରଣ କରାଯାଇଛି। ପ୍ରାୟ ୫ଲକ୍ଷ ଟଙ୍କାର ଏହି ଲାଇଟ୍ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି।

ଭାଙ୍ଗି ପଡ଼ିଥିବା ହାଇମାଷ୍ଟ ଲାଇଟ୍ ଖୁଣ୍ଟ।

ଖାଲଗାଁ ପଞ୍ଚାୟତରେ ଚାରା ରୋପଣ

ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥିଙ୍କ ସହ ଯୁବବାହିନୀ କର୍ମକର୍ତ୍ତା।

ବାଲିକୁଦା,୨୮।୮(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତର ଶୋଭା ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ କରାଯାଇଛି। ଏହି ଉପଲକ୍ଷେ ପଞ୍ଚାୟତ ଯୁବବାହିନୀ ସଭାପତି ପ୍ରଶାନ୍ତ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜିଲାପରିଷଦ ସଭ୍ୟ ବବିତା ସ୍ୱାଇଁ ମୁଖ୍ୟଅତିଥି, ସରପଞ୍ଚ ଗୋବିନ୍ଦ ସେଠୀ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନମିତା ମହାନ୍ତି, କୃଷ୍ଣଚନ୍ଦ୍ର ସ୍ୱାଇଁ, ଦୁର୍ଯ୍ୟୋଧନ ବିଶ୍ୱାଳ, ସରୋଜ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ପ୍ରତି ବୃକ୍ଷର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଜଳ ବାୟୁପରିବର୍ତ୍ତନ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି। ସେଥିରୁ ଜୀବ ଜଗତକୁ ସୁରକ୍ଷା ଦେବା ପାଇଁ ବିଜୁ ଯୁବବାହିନୀ ଏଭଳି ପଦକ୍ଷେପ ନେଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଯୁବ ବାହିନୀର ଟୁଲୁ ମହାନ୍ତି, ବବୁଲ ବାରିକ, ସୁଶାନ୍ତ ଦାସ, ହେମନ୍ତ ବିଶ୍ୱାଳ, ଦୀପକ ମହାନ୍ତି, ଅଶୋକ ଦାସ, ଟୁକୁନା ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଚୈତନ୍ୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

GOVERNMENT OF ODISHA
ଓଡ଼ିଶା ସରକାର
OFFICE OF THE BLOCK DEVELOPMENT OFFICER
SADAR BLOCK, SUNDARGARH
INVITATION TENDER CALL NOTICE

No. 2865 **Dt. 26.08.2018**

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

Sl. No.	Name of the Place	Name of the Work	Amount put to Tender in Rs.	Cost of Tender paper (Non-refundable) in Rs.	Bid security EMD 1% in Rs.	Period of Completion	Class of Contractor
1	2	3	4	5	6	7	8
1	Bhawanipur Kirei G.p	Improvement of the road from village Bhawanipur to Model School	30,00,000/-	6,000/-	30,000/-	02 (Two months)	'C' & 'B' Class

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

Sd./- Block Development Officer, Sadar, Sundargarh

No. 179-D

ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା

No. 179-D:- କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ଜିଲ୍ଲା/ ବାଟାଲିୟନର ଅଧକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୬୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

ଅଧକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ

ବି.ଦ୍ର.: ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୬୬

12028/11/0009/1819

ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No.: LA Case No.- 18/2018 **1219** Dated 25.07.2018

No. V-53:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ହଳଦୀବଟା, ଥାନା- ପାଟଣା, ନଂ.-୧୯୬, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତପସିଲମତେ ପ୍ରାୟ ଏ.୨.୬୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:

୧. ସାର୍ବଜନୀନ ଉଦ୍ଦେଶ୍ୟର ସ

ସଂକ୍ଷେପରେ

ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର

ମହାକାଳପଡା,୨୮।୮(ଡି.ଏନ୍.ଏ.): ମହାକାଳପଡା ବ୍ଲକ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲବନ୍ଧର ରୁପାଲି ଛକରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧା ଗୁରତର ହୋଇଛନ୍ତି। ସେ ହେଲେ ବଉଳକଣୀ ପଞ୍ଚାୟତ ଅନ୍ତର୍ଗତ ତୋଷିଆ ବେଲାରା ଗ୍ରାମର ପଲଟା ମାଝି(୬୦)। ଏଥିରେ ତାଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ମାଝିଙ୍କୁ ଉଦ୍ଧାର କରି ପ୍ରଥମେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ସଚେତନତା ପାଇଁ ମୋଟର ସାଇକେଲ ରାଲି

ପାଟକୁରା,୨୮।୮(ଡି.ଏନ.ଏ.)-ମଙ୍ଗଳବାର ଗରଦପୁର ବ୍ଲକ ଅଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ସଚେତନତା ପାଇଁ ଏକ ମୋଟର ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ସ୍ୱଚ୍ଛ ଭାରତ ମିଶନ ଜିଲା ସଂଯୋଜକ ଅନିଲ କୁମାର ଲେଙ୍କାଙ୍କ ନେତୃତ୍ୱରେ ୮୦ ଜଣ ମୋଟିଭେଟର ମୋଟର ସାଇକେଲ ଯୋଗେ ବ୍ଲକର ପଦ୍ମପୁର, ବେଡରା, ପାଟକୁରା, କଳାବୁଦା, ପାଖଡ, ନଡିଆବରେଇ ଗ୍ରାମ ପଞ୍ଚାୟତ ପରିକ୍ରମା କରିଥିଲେ । ବାହାରେ ମଳତ୍ୟାଗ ନ କରିବା ଓ ଶୌଚାଳୟ ବ୍ୟବହାର କରିବାକୁ ସେମାନେ ସ୍ଲୋଗାନ ଦେଇଥିଲେ । ଏପରି କି ପାଇଖାନା ନାହିଁ ତ ରେଶନ ନାହିଁ କି ବାର୍ଦ୍ଧକ୍ୟ ଭତ୍ତା ନାହିଁ ସ୍ଲୋଗାନ ଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ ।

ଏମ୍ଆର୍ଏଫ ଶୋ'ରୁମ୍ ଉଦ୍ଘାଟିତ

କେନ୍ଦ୍ରାପଡା ଅଫିସ, ୨୮।୮

ସହରର ଦୁଆରିଆ ରେଲୱେ ବ୍ରିଜ ନିକଟ ଗୁଆଳସିଂଠାରେ ଏମ୍ଆର୍ଏଫ ଏକ୍ସକ୍ଲୁସିଭ ଶୋ'ରୁମ 'ବାଲାଜୀ ଟାୟାର୍ସ' ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ଏହାକୁ ଏରିଆ ମ୍ୟାନେଜର ସତ୍ୟବ୍ରତ ପତି ଉଦ୍ଘାଟନ କରିଥିଲେ। ଏଥି ଉପଲକ୍ଷେ ସ୍ଥାନୀୟ ହୋଟେଲରେ ଏକ ସଭା ଆୟୋଜିତ ହୋଇଥିଲା। ଶୋ'ରୁମ ମାଲିକ ଅଜିତ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏରିଆ ମ୍ୟାନେଜର ପତି ଓ ଅଭିଜିତ ସାବତ ଯୋଗ ଦେଇ ବ୍ୟବସାୟିକ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଏଠାରେ ଗ୍ରାହକଙ୍କୁ ଅଟୋମେଟିକ ଟାୟାର ବଦଳାଇବା ସୁବିଧା ମିଳିବ। ସେହିପରି ଏଠାରେ ଗ୍ରାହକମାନେ ନିଜ ପସନ୍ଦର ଏମ୍ଆର୍ଏଫ ଟାୟାର୍ସ ଓ ଟ୍ୟୁବସ୍ ସମ୍ପର୍କରେ ସମସ୍ତ ସୂଚନା ପାଇପାରିବେ। ଏହି କାର୍ଯ୍ୟକ୍ରମକୁ ପ୍ରମୋଦ ଦାସ, ଓ କାଳିପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

ବାବା ଗଗନ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ

କେନ୍ଦ୍ରାପଡା ଅଫିସ, ୨୮।୮: କେନ୍ଦ୍ରାପଡ଼ା ବ୍ଲକ ଭରତପୁରସ୍ଥିତ ପୂର୍ବତନ କନ୍ତିଆ ମଠାଧୀଶ ବାବା ଗଗନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭରତପୁର ବାଗ୍‌ଦେବୀ କଳାମନ୍ଦିର ଦ୍ୱାରା ଆୟୋଜିତ ଏହି ଉତ୍ସବରେ କନ୍ତିଆମଠର ଐତିହାସିକତା ଆଲୋଚନା ହୋଇଥିବା ବେଳେ ବାବା ଗଗନ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଠାଧୀଶ ସିଦ୍ଧାର୍ଥ ଶଙ୍କର ଦାସ, ଛେଦରା ମଠ ମହନ୍ତ ଡା. ଯଶୋବନ୍ତ ଦାସ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧକ୍ଷ ମାନସ ପରିଡ଼ା, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।

■ କଙ୍ଗାରୁକୋର୍ଟରେ ଯୁବକଙ୍କୁ ଉଲଗ୍ନ କରି ମାଡ ମାରିବା ଘଟଣା

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ରାଜନଗର, ୨୮।୮(ଡି.ଏନ୍.ଏ.)

ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

- ପ୍ରେମ ବ୍ୟାପାରକୁ ନେଇ ବସିଥିଲା କଙ୍ଗାରୁ କୋର୍ଟ
- ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ

ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ସନ୍ଧ୍ୟାରେ ଏକ ପ୍ରେମ ବ୍ୟାପାରକୁ ନେଇ କଙ୍ଗାରୁ କୋର୍ଟ ବସିଥିଲା। ଏହି କୋର୍ଟରେ ଭେକ୍ଟା ଗ୍ରାମର ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ ଦିଆଯାଇଥିଲା। ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଟାୟାରଜାଳି ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ରହିଥିଲା। କୌଣସି କର୍ମଚାରୀ ଅବା ସରପଞ୍ଚ କାର୍ଯ୍ୟାଳୟକୁ ଆସି ନ ଥିଲେ। ଧାରଣା ସମୟରେ ଘଟଣାରେ ସମ୍ପୃକ୍ତ ସରପଞ୍ଚ ଓ ଅନ୍ୟାନ୍ୟ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଥିଲା। ଖବରପାଇ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୋମବାର ଏନେଇ ପୀଡିତ ଯୁବକଙ୍କ ପରିବାର ପକ୍ଷରୁ ତାଳଚୁଆ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ-୪୪/୨୦୧୮) ରୁଜୁ କରାଯାଇ ଅଭିଯୁକ୍ତ ହୀରାଲାଲ ମଣ୍ଡଳଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତଙ୍କ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ସୂଚନାଯୋଗ୍ୟ ଯେ, ପୀଡିତ ଯୁବକ ଶିକାରପାଇ ଗ୍ରାମର ଏକ ଚିଙ୍ଗୁଡିଘେରିରେ କାମ କରୁଥିଲେ। ସେଠାରେ ଚିଙ୍ଗୁଡିଘେରି ମାଲିକ ଝିଅ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରବିବାର ଉଭୟ ଗାଁ ଛାଡି ଭୁବନେଶ୍ୱର ଚାଲିଯାଇଥିଲେ। ଝିଅର ପରିବାର ଲୋକେ ସେମାନଙ୍କ ସନ୍ଧାନପାଇ କାବୁକରି ଗ୍ରାମକୁ ଆଣିଥିଲେ।

ତାଳଚୁଆ ପଞ୍ଚାୟତ ସରପଞ୍ଚଙ୍କ ଅଧକ୍ଷତାରେ ଏହି କଙ୍ଗାରୁ କୋର୍ଟ ବସିଥିଲା। ଏହି ସମୟରେ ହୀରାଲାଲ ସମେତ ଅନ୍ୟ ୪ ଜଣ ଯୁବକ ଉତ୍ତ୍ୟକ୍ତ ହୋଇ ପୀଡିତ ଯୁବକଙ୍କୁ ଉଲଗ୍ନ କରି ମାଡ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏବେ ସେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏବେବି ଏହି ଘଟଣାକୁ ନେଇ ତାଳଚୁଆ, ରଙ୍ଗଣୀ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

ମହାକାଳପଡାରେ ବ୍ୟାପୁଛି ଡେଙ୍ଗୁ

ମାର୍ଶାଘାଇ,୨୮।୮(ଡି.ଏନ୍.ଏ.)

ମହାକାଳପଡା ବ୍ଲକ ମାର୍ଶାଘାଇ ଥାନା ଅଧୀନ ଜୟଚନ୍ଦ୍ରପୁର ପଞ୍ଚାୟତରୁ ଜଣେ ଡେଙ୍ଗୁ ରୋଗୀ ଚିକିତ୍ସିତ ହୋଇ ମଙ୍ଗଳବାର ଘରକୁ ଫେରିଛନ୍ତି। ସେ ହେଲେ ପଞ୍ଚାୟତ ଅନ୍ତର୍ଗତ ସାନ ଗାଁ ଗ୍ରାମର କୁଳମଣି ବେହେରାଙ୍କ ପୁଅ ବିପିନ ବିହାରୀ ବେହେରା(୪୦)। ରକ୍ତ ନମୁନା ପରୀକ୍ଷା ହେବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ସ୍ପଷ୍ଟ ହୋଇଛି। ବିପିନ ପାରାଦୀପରେ ପାନ ବ୍ୟବସାୟ କରନ୍ତି। କିଛି ଦିନ ହେବ ସେ ଜ୍ୱରରେ ଆକ୍ରାନ୍ତ ଥିଲେ। ଔଷଧ ଖାଇବା ପରେ ମଧ୍ୟ ସୁସ୍ଥ ନ ହେବାରୁ ରକ୍ତ ନମୁନା ପରୀକ୍ଷା କରିଥିଲେ। ଡେଙ୍ଗୁ ଚିହ୍ନଟ ହେବା ପରେ ତାଙ୍କୁ ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨ ଦିନ ଚିକିତ୍ସିତ ହେବା ପରେ ସେ ଘରକୁ ଫେରିଛନ୍ତି। କିଛି ଦିନ ପୂର୍ବରୁ ମହାକାଳପଡା ବ୍ଲକର ଏହି ପଞ୍ଚାୟତ ନିକଟବର୍ତ୍ତୀ ତେରଗାଁ ପଞ୍ଚାୟତର ଗୋପିନାଥପୁର ଗ୍ରାମରେ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିଲା। ମହାକାଳପଡା ବ୍ଲକରେ କିଛିଦିନ ହେବ ଡେଙ୍ଗୁ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏ ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଡେରାବିଶ, ୨୮।୮ (ସ୍ୱ.ପ୍ର.)

ଡେରାବିଶ ଥାନା ଏଣ୍ଡର ପଞ୍ଚାୟତ ଅଧୀନ ନୀଳକଣ୍ଠପୁର(୧) ଗ୍ରାମର ପୀତାମ୍ବର ସ୍ୱାଇଁଙ୍କ ପୁଅ ରଞ୍ଜନ କୁମାର (୪୫)ଙ୍କର ମଙ୍ଗରବାର ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଏ ନେଇ ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ୭/୧୮ନଂ.ରେ ଏକ ମାମଲା ରୁଜୁ କରିଛି। ଘଟଣା ମୁତାବକ, ରଞ୍ଜନ ମଙ୍ଗଳବାର ଅପରାହ୍ନରେ ମାହାଙ୍ଗା ଥାନା ଅଧୀନ ଭୈରବ ପଡିଆକୁ ଯାଇଥିଲେ। ସେଠାରୁ କାମ ସାରି ସାଇକେଲ ଯୋଗେ ଲକ୍ଷ୍ମୀନାରାୟଣପୁର-ଓଳକଣା କେନାଲ ବନ୍ଧ ରାସ୍ତାରେ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ରଞ୍ଜନ କେନାଲ ଭିତରକୁ ଖସି ପଡ଼ିଥିଲେ। କେନାଲ ଭିତରେ ରଞ୍ଜନଙ୍କ ମୃତଦେହ ଦେଖି କେତେଜଣ ବାଇକ ଆରୋହୀ ତାଙ୍କ ପରିବାରକୁ ଖବର ଦେଇଥିଲେ।

ବାଲିକଷୋଟି ଗ୍ରାମରେ ବଳରାମଙ୍କ ପୂଜା

ବାଲିକଷୋଟି ଗ୍ରାମରେ ପୂଜା ପାଉଥିବା ଶ୍ରୀବଳରାମଙ୍କ ମୃଣ୍ମୟ ମୂର୍ତ୍ତି।

ମାର୍ଶାଘାଇ,୨୮।୮(ଡିଏନ୍ଏ)

ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ ଗହ୍ମାପୁର୍ଣ୍ଣିମା ଅବସରରେ ଶ୍ରୀବଳରାମଙ୍କ ପୂଜା ଧୁମ୍ଧାମରେ ପାଳିତ ହେଉଛି । ଚଳିତବର୍ଷ ମାର୍ଶାଘାଇ ବ୍ଲକର ବାଲିକଷୋଟି ଗ୍ରାମରେ କୃଷିର ପ୍ରତୀକ ହଳ ମୂଷଳଧାରୀ ଶ୍ରୀ ବଳରାମଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ପାଉଛି । ଗ୍ରାମର ମଧ୍ୟସ୍ଥଳରେ ବଳରାମଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଛି । ସୁସଜ୍ଜିତ ଆଲୋକମାଳା ପୂଜା ମଣ୍ଡପକୁ ଆକର୍ଷଣୀୟ କରିଛି । ଏହି ଗ୍ରାମର ଶତାଧିକ ଚଷା ପରିବାର ଏକତ୍ରିତ ହୋଇ ରବିବାର ସକାଳୁ ନିଜ ଗୁହାଳ ଘରକୁ ଲିପାପୋଛା କରି ଚିତା ପକାଇ ଗୋରୁମାନଙ୍କୁ ସୁସଜ୍ଜିତ କରି ଫୁଲ ,ଚନ୍ଦନ,ସିନ୍ଦୁର ଲଗାଇ ଶିଙ୍ଗରେ ରାଖୀ ବାନ୍ଧି ପୂଜାର୍ଚ୍ଚନା କରିଥିଲେ । ଘରେ ଘରେ କୃଷି ଉପକରଣ ଲଙ୍ଗଳ, ମହି, ଜୁଆଳି, ପାଇଲି, ଗଉଣି ପୂଜା କରିଥିଲେ । ବୁଧବାର ମୂର୍ତ୍ତି ବିସର୍ଜନ କରାଯିବ ବୋଲି କମିଟି ସଦସ୍ୟ ବୃନ୍ଦାବନ ବେହେରା,ଅଂଶୁମାନ ବସନ୍ତିଆ, ତପନ ବସନ୍ତିଆ,ବାପୁ ବସନ୍ତିଆ,ପପୁ ବସନ୍ତିଆ ପ୍ରମୁଖ ସୂଚନା ଦେଇଛନ୍ତି । ସେହିପରି ଏହି ବ୍ଲକର ମାର୍ଶାଘାଇ, ଡଅଁରମୁଣ୍ଡ, ବାଘଡିଆ, ପଳାଶପୁର, ବେରୁହାଁ, ବଟିରା, ହଳଦିଆ ଭଗବାନପୁର,କରିଲୋପାଟଣା ପ୍ରଭୃତି ଗ୍ରାମରେ ବଳରାମଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି ।

ଟାଟା ଏସି-୪୦୭ ମୁହାଁମୁହିଁ, ଜଣେ ମୃତ

ଡେରାବିଶ, ୨୮।୮ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଖମୋଳ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଜଗତପୁର ଥାନା ଅଧୀନ ଗୁଜରପୁର ଗ୍ରାମର ସୌରୀ ନାୟକଙ୍କ ପୁଅ ଶରତ(୨୫)। ପୋଲିସ ସୂଚନା ମୁତାବକ, ଶରତ ବ୍ୟବସାୟିକ କାର୍ଯ୍ୟରେ କେନ୍ଦ୍ରାପଡ଼ା ଆସି ଏକ ଟାଟା ଏସି (ନଂ.-ଓଡି ୦୫ଜେ ୪୮୭୩) ଯୋଗେ ଫେରୁଥିଲେ। ଖମୋଳ ଛକଠାରେ ତାଙ୍କ ଗାଡ଼ିକୁ ଏକ ୪୦୭ ଟ୍ରକ(ନଂ.-ଓଡି ୧୩ ଜେ ୧୯୫୬) ଆଗରୁ ଧକ୍କା ଦେଇଥିଲା। ଫଳରେ ଦୁଇଟିଯାକ ଗାଡ଼ି ରାସ୍ତା କଡ଼କୁ ଖସି ପଡ଼ିଥିଲା। ଟାଟା ଏସିରେ ବସିଥିବା ଶରତଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଡେରାବିଶ ଥାନା ଏଏସ୍ଆଇ ଭାଗବତ ମାହାଳି ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିଥିଲେ। ଏ ନେଇ ୧୧୮/୧୮ନଂ. ରେ ଏକ ମାମଲା ରୁଜୁ ହୋଇଛି।

ବାଲଣା ଗ୍ରାମର ମୃତ ଅବିନାଶଙ୍କ ପରିବାରକୁ ଭେଟିଲେ ଜିଲା କଂଗ୍ରେସ ପ୍ରତିନିଧି ଦଳ

ଜିଲା କଂଗ୍ରେସର ପ୍ରତିନିଧି ଦଳ ମୃତ ଅବିନାଶଙ୍କ ପରିବାରକୁ ଭେଟୁଛନ୍ତି।

ମାର୍ଶାଘାଇ,୨୮।୮(ଡିଏନ୍ଏ)

ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲଣା ଗ୍ରାମର ଅବିନାଶ ପାଇଟାଳ (୨୩) ଶନିବାର ରାତିରେ ମହାକାଳପଡା ଥାନା ହାଜତରୁ ଚମ୍ପଟ ହୋଇ ଯାଇଥିବା ବେଳେ ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଜିଲା କଂଗ୍ରେସ କମିଟି ତରଫରୁ ଏକ ପ୍ରତିନିଧି ଦଳ ବାଲଣା ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ରବିବାର ଅବିନାଶଙ୍କ ଝୁଲନ୍ତା ମୃତଦେହ ମହାକାଳପଡା ଥାନା ଠାରୁ ୨୦୦ ମିଟର ଦୂର ଜଣେ ବ୍ୟକ୍ତିଙ୍କ ଶିଡି ଘରୁ ଉଦ୍ଧାର ହୋଇଥିଲା । ତାଙ୍କ ଶରୀରର କେତେକ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା । ପୋଲିସ ମାଡ ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ଏହି ଘଟଣାର ସିବିଆଇ ତଦନ୍ତ କରାଯିବା ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ , ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଓ ସଂପୃକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେଉରା,କାର୍ଯ୍ୟକାରୀ ସଭାପତି ମହମ୍ମଦ ଆକବର ଅଲ୍ଲୀ ଏବଂ ପ୍ରଫୁଲ୍ଲ ଦାସ, ସମ୍ପାଦକ ସଞ୍ଜୟ ରାଉତ ,ମହାକାଳପଡା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା,ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ମୁକ୍ତାର ଖାଁ, ମାର୍ଶାଘାଇ ବ୍ଲକ ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ କର, ଜିଲା ଦଳିତ ସେଲ୍‌ର ଉପସଭାପତି ଗୌରାଙ୍ଗ ଚରଣ ଜେନା ପ୍ରମୁଖ ସାମିଲ ଥିଲେ ।

କୃଷକ ସଚେତନତା ସମାବେଶ

ସମାବେଶରେ ଉପସ୍ଥିତ ଅତିଥିବୃନ୍ଦ ଓ ଚାଷୀମାନେ।

ପଟ୍ଟାମୁଣ୍ଡାଇ, ୨୮।୮ (ସ୍ୱ.ପ୍ର.)

ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କରିବା ସହିତ ଆଧୁନିକ ପ୍ରଣାଳୀରେ ଚାଷ କରିବା ଲକ୍ଷ୍ୟରେ ରବିବାର ଏକ କୃଷକ ସଚେତନତା ସମାବେଶ ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା । ଗଙ୍ଗାରାମପୁର ପଞ୍ଚାୟତ କୁଆଖିଆ ଛକ ଲିଙ୍ଗରାଜ ମହାଦେବଙ୍କ ମନ୍ଦିର ନିକଟରେ ଦରଦୀ ବନ୍ଧୁ ସେବା ସଂସ୍ଥା, ଗୋପବନ୍ଧୁ ସାହୁ ଫର୍ଟିଲାଇଜର୍ସ, ସରସ୍ୱତୀ ସେବା ସଂସ୍ଥା ଓ ସିକ୍ୟୁଲାର ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ସମାବେଶରେ ଶିକ୍ଷାବିତ ସଞ୍ଜୀବ ତରାଇ ସଭାପତିତ୍ୱ କରିଥିଲେ। ଗଙ୍ଗାରାମପୁର, ସାନଜରିଆ ଓ ଅରଡପଲ୍ଲୀ ଆଦି ୩ଟି ପଞ୍ଚାୟତର କୃଷକମାନଙ୍କୁ ନେଇ ହୋଇଥିବା ଏହି ସମାବେଶରେ ମୁଖ୍ୟଅତିଥି ଭାବେ ରାଜକନିକା ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲା କୃଷି ବିଶେଷଜ୍ଞ ପ୍ରଭାତ ରଞ୍ଜନ ଦାସ ଯୋଗଦେଇ ଅଳ୍ପ ଖର୍ଚ୍ଚରେ କିପରି ଅଧିକ ଅମଳ ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଏହାଛଡା ରାସାୟନିକ ସାର ଓ କୀଟନାଶକ କିପରି ଫସଲରେ କମ ପରିମାଣରେ ପ୍ରୟୋଗ କରାଯିବ ତାହାର ଏକ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏହି ସମାବେଶରେ ଗଙ୍ଗାରାମପୁର ସରପଞ୍ଚ ପ୍ରଫୁଲ୍ଲ ତରାଇ, ସାନଜରିଆ ପଞ୍ଚାୟତ ନାଏବ ସରପଞ୍ଚ ସୁରେନ୍ଦ୍ର ପରିଡା, ଅରଡପଲ୍ଲୀ ସରପଞ୍ଚଙ୍କ ପ୍ରତିନିଧି ରାଜେଶ ଜେନା, ସ୍ୱପ୍ନରଞ୍ଜନ ବେହେରା, ବରିଷ୍ଠ କୃଷକ ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଗ୍ରଣୀ କୃଷକ ଭାବେ ସାନଜରିଆ ପଞ୍ଚାୟତର ନଟବର ରାଉତ, ଗଙ୍ଗାରାମପୁର ପଞ୍ଚାୟତର ବାବାଜୀ ସ୍ୱାଇଁ ଓ ଅରଡପଲ୍ଲୀ ପଞ୍ଚାୟତର ପ୍ରତାପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କୃଷକ ସଂଗଠନ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସମାବେଶରେ ନିଷ୍ପତ୍ତି ହୋଇଥିଲା। ଏହି ସମାବେଶରେ ୩ ଶହରୁ ଅଧିକ ଚାଷୀ ଯୋଗ ଦେଇଥିଲେ।

■ ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

ପୋଲିସ ବିରୋଧରେ ତେନ୍ତୁଛି ଜନ ଅସନ୍ତୋଷ

**କେନ୍ଦ୍ରାପ

ସଂକ୍ଷେପରେ

ଘରୁ ଉଠାଇ ନେଇ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

ଆଳି, ୨୮।୮ (ଡି.ଏନ.ଏ.): ଆଳି ଥାନା ଅଞ୍ଚଳର ଜନୈକା ନାବାଳିକା(୧୬)ଙ୍କୁ ୩ ଜଣ ଯୁବକ ଉଠାଇ ନେଇ ଗଣ ବଳାତ୍କାର କରିଥିବା ତାଙ୍କ ଜେଜେବାପା ମଙ୍ଗଳବାର ଥାନାରେ ମୌଖିକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ରବିବାର ରାତିରେ ଖାଇସାରି ସମ୍ପୃକ୍ତା ନାବାଳିକା ଘରେ ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୩ଟା ସୁଦ୍ଧା ସେ ଘରେ ନ ଥିବା ପରିବାର ଲୋକେ ଜାଣିପାରିଥିଲେ। ତେବେ ସେ ନିଖୋଜ ହୋଇଯାଇଥିବା ନେଇ ସୋମବାର ତାଙ୍କ ଜେଜେବାପା ଆଳି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୧୯/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ମାତ୍ର ସମ୍ପୃକ୍ତ ନାବାଳିକାଙ୍କୁ ୩ଜଣ ଯୁବକ ଘରୁ ଉଠାଇ ନେଇ ଗଣ ବଳାତ୍କାର କରିବା ପରେ, ସୋମବାର ସନ୍ଧ୍ୟାରେ ଯାଜପୁର ଜିଲା ସିଂହପୁର ବଜାରରେ ଛାଡି ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ସେଠାରୁ ଘରକୁ ଆଣିଥିବା ସମ୍ପୃକ୍ତା ନାବାଳିକାଙ୍କ ଜେଜେବାପା ମଙ୍ଗଳବାର ପୋଲିସକୁ କହିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଉମାଶଙ୍କର ମହାରଣାଙ୍କୁ ପଚାରିବାରେ ପୀଡ଼ିତାଙ୍କ ପରିବାର ପକ୍ଷରୁ କେବଳ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଚାଲିଥିବା ବେଳେ ସୋମବାର ସନ୍ଧ୍ୟାରେ ଝିଅ ଉଦ୍ଧାର ହୋଇଥିବା ଜଣାପଡିଥିଲା। ତାଙ୍କ ପରିବାର ପକ୍ଷରୁ ଏ ପର୍ଯ୍ୟନ୍ତ ବଳାତ୍କାର ସମ୍ପର୍କରେ ଲିଖିତ ଅଭିଯୋଗ ହୋଇନାହିଁ। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ପରିବାର ଲୋକେ ଯାହା ଅଭିଯୋଗ କରୁଛନ୍ତି ତାହା ସେ ପ୍ରକାଶ କରିନହାନ୍ତି ବୋଲି ଏସ୍‌ଡିପିଓ ମହାରଣା କହିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣାପଡିଛି।

ନରେନ୍ଦ୍ରପୁରରେ ଥମୁନି ହିଂସା।

ବିଲହାଟ ବଜାରରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଫ୍ଲାଗମାର୍ଚ୍ଚ ଚଳାଉଛି।

ନିଶ୍ଚିନ୍ତକୋଇଲି/ରଘୁନାଥପୁର, ୨୮।୮(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତରେ ସୋମବାର ୨ ଗୋଷ୍ଠୀ ମଧ୍ୟରେ ଘଟିଥିବା ହିଂସା ଥମିବାର ନାଁ ଧରୁନାହିଁ। ସୋମବାର ରାତିରୁ ସେଠାରେ ଜାରି ହୋଇଥିବା ୧୪୪ ଧାରା ମଙ୍ଗଳବାର ପର୍ଯ୍ୟନ୍ତ ବଳବତ୍ତର ରହିଛି। ସେହିପରି ଅଞ୍ଚଳର ୫ଟି ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ବଡ଼ ଅଘଟଣ ଘଟିବା ଆଶଙ୍କା କରି ପୋଲିସ ପକ୍ଷରୁ ୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିସହିତ ଫ୍ଲାଗ ମାର୍ଚ୍ଚ ମଧ୍ୟ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା, କଟକ ଗ୍ରାମାଞ୍ଚଳ ଓ ଜଗତ୍‌ସିଂପୁର ଏସ୍‌ପି ମଧ୍ୟ ଉପସ୍ଥିତ ରହି ସ୍ଥିତି ପରଖିଛନ୍ତି। ଅନ୍ୟପକ୍ଷରେ ପୋଲିସର କଡ଼ା ସୁରକ୍ଷା ସତ୍ତ୍ୱେ ଏକ ଗୋଷ୍ଠୀର ଉତ୍ତ୍ୟକ୍ତ ଲୋକମାନେ ନରେନ୍ଦ୍ରପୁରର ଚିକିବର, ମହମ୍ମଦପୁର ପଞ୍ଚାୟତ ଚିତ୍ରୋତ୍‌ପଳା ନଦୀ ପୋଲ ନିକଟ, ନରେନ୍ଦ୍ରପୁର ବଜାର, ବରକୋଳିଆ ଓ କିଶୋରନଗର ଥାନା ଅଧୀନ ବିଲହାଟନିକଟରେ ଟାୟାରଜାଳି ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହିଂସାକୁ ଆଖି ଆଗରେ ରଖି ଅଞ୍ଚଳର ୪ଟି ସରକାରୀ, ୨ଟି ଘରୋଇ ଓ କେତେକ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି। ୧୪୪ ଧାରା ବଳବତ୍ତର ଯୋଗୁ କଟିକଟା–ଜୟପୁର ରାସ୍ତା ଓ ନରେନ୍ଦ୍ରପୁର ରାସ୍ତାରେ ଗମନା ଗମନ ବାଧାପ୍ରାପ୍ତ ହୋଇଛି। ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ସାଧାରଣ ଜନତା ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ପ୍ରଶାସନିକ ଅଧିକାରୀମାନେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି। ଘଟଣାରେ ପୋଲିସ ଅଟକ ରଖିଥିବା ଉଭୟ ଗୋଷ୍ଠୀର ୫ଜଣଙ୍କୁ ଜେରା କରୁଛି। ହେଲେ ଏ ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଶାନ୍ତି ବଜାୟ ରଖିବା ପାଇଁ କେରିଲୋ ପଞ୍ଚାୟତ ସାଇ ମନ୍ଦିରରେ ଆଲୋଚନା ହୋଇଥିଲା। ଅଞ୍ଚଳର ମୁରବୀ ଓ ଲୋକପ୍ରତିନିଧି ବସି ପ୍ରଶାସନ ସହ ଆଲୋଚନା କରିଥିଲେ। ଉପଜିଲାପାଳ ସୁକାନ୍ତ ପ୍ରଧାନ, ତହସିଲଦାର ଜିତେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ମହାନ୍ତି, ମିହିର ମିଶ୍ର, ରମାକାନ୍ତ ମହାନ୍ତି ଓ ଅଶୋକ ଓଝାଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗଦେଇ ଶାନ୍ତି କମିଟି ଗଠନ ସମ୍ପର୍କରେ ଆଲୋଚନା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଘଟଣା ପ୍ରଚାରିତ ହେବାପରେ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ, ରଘୁନାଥପୁର ଓ କେନ୍ଦ୍ରାପଡ଼ା ଜିଲାର ପାଟକୁରା ପୋଲିସ ନିଜ ନିଜ ସୀମାରେ ସଜାଗ ରହିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ମିଶ୍ର କହିଛନ୍ତି, ମଙ୍ଗଳବାର କେତେକ ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲା। ତାହା ଏବେ ପ୍ରସମିତ ହୋଇଯାଇଛି। ଶାନ୍ତି ଫେରାଇ ଆଣିବାକୁ ଉଭୟ ଗୋଷ୍ଠୀଙ୍କୁ ନିବେଦନ କରାଯାଇଛି। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଗତ ସେମାବାର ସକାଳ ୧୦ଟାରେ ନରେନ୍ଦ୍ରପୁର ଗୋପାଳ ସାହିର ସାନୁ ବେହେରାଙ୍କ ଦେହରେ ବିଶ୍ୱନାଥ ବେହେରାଙ୍କ ଟ୍ରଲି ବାଡ଼େଇ ହୋଇଯାଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ସାନୁ କାକୁଡିଆପଡା ଗ୍ରାମର ଏକ ଭିନ୍ନ ସମ୍ପ୍ରଦାୟର କେତେଜଣ ଯୁବକଙ୍କୁ ଫୋନ କରି ଡକାଇଥିଲେ। ସାନୁଙ୍କ ଫୋନ ପାଇ ଦୁଇ ଯୁବକ ଆସି ସୋନୁ ଓ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ମାଡ ମାରିଥିଲେ। ଏହାଦେଖି ଗ୍ରାମବାସୀ ମାଡ ମାରୁଥିବା ଯୁବକ ଦ୍ୱୟଙ୍କୁ ଅଟକ ରଖିଥିଲେ। ଏହି ଖବର ପାଇ ସମ୍ପୃକ୍ତ ଯୁବକମାନଙ୍କ ଗ୍ରାମ କାକୁଡିଆପଡାର ସର୍ଦ୍ଦାର ଆସି ନରେନ୍ଦ୍ରପୁର ଗ୍ରାମବାସୀଙ୍କୁ ବୁଝାଶୁଝା କରି ଯୁବକ ଦ୍ୱୟଙ୍କୁ ନେଇ ଯାଇଥିଲେ। ଏହାର କିଛି ସମୟ ପରେ କାକୁଡ଼ିଆପଡ଼ାର ଶତାଧିକ ଯୁବକଆସି ଗୋପାଳସାହି ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୧୨ଜଣ ଗୁରୁତର ହୋଇଥିଲେ। ଏପରି କି ଦିନ ତମାମ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଜା ଲାଗି ରହିଥିଲ। ଏକ ଗୋଷ୍ଠୀର ଉତ୍ତ୍ୟକ୍ତଲୋକେ କଟିକଟା–ଜୟପୁର ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ଢେଲାପଥର ମାଡ଼ କରାଯାଇଥିଲା। ଏଥିରେ ୫ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପୋଲିସ ଲଠି ଚାଳନା କରିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ନିଶ୍ଚିନ୍ତକୋଇଲି ଥାନାର ଏକ ଗାଡ଼ିକୁ ପୋଡ଼ି ଦେଇଥିଲେ।

- ୫ ସ୍ଥାନରେ ଉତ୍ତେଜନା
- ୧୪୪ ଧାରା ବଳବତ୍ତର
- ସ୍କୁଲ, ଅଙ୍ଗନଓ୍ୱାଡି କେନ୍ଦ୍ର ବନ୍ଦ
- ପୋଲିସର ଫ୍ଲାଗ ମାର୍ଚ୍ଚ

ସୋମନାଥ ହତ୍ୟା ମାମଲା

କୁନା, କେମ୍ପାଙ୍କୁ ଆଜୀବନ ଜେଲ

ଜଗତ୍‌ସିଂହପୁର ଅଫିସ, ୨୮।୮

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମରିଚାପଦା ଆନନ୍ଦପୁରର ସୋମନାଥ ଦାଶ(୪୨)ଙ୍କୁ ୨୦୧୩ ରେ ହତ୍ୟା କରାଯାଇଥିଲା। ଏହି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ରବି ନାରାୟଣ ମଶ୍ର ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପଳାଶୋଳର ସୁଶାନ୍ତ ସ୍ୱାଇଁ ଓରଫ କୁନା(୩୮) ଓ ପାଟେଣିଗାଁର ନାରାୟଣ ନାୟକ ଓରଫ କେମ୍ପା ଓରଫ ଗୁରିଆ(୩୬)। ଏ ସମ୍ପର୍କରେ ପିପି ନଳିନୀକାନ୍ତ ମାହାରଣା କହିଛନ୍ତି ଯେ ଟଙ୍କା ଦେଣନେଣକୁ ନେଇ ଏହି ଘଟଣା ଘଟିଥିଲା। କୁନା ଓ କେମ୍ପା ମିଶି ସୋମନାଥଙ୍କଠାରୁ ଟଙ୍କା ନେଇଥିଲେ। କିନ୍ତୁ ଏହି ଟଙ୍କା ଫେରାଇ ନ ଥିଲେ। ତେଣୁ ସୋମନାଥ କୁନାଙ୍କ ବାଇକ ନେଇ ଯାଇଥିଲେ। ଫଳରେ ପ୍ରତିଶୋଧ ନେବା ପାଇଁ କୁନା ଓ କେମ୍ପା ଯୋଜନା କରିଥିଲେ। ସେମାନେ ୨୩।୮।୧୩ ତାରିଖ ରାତି ୧୧ଟା ବେଳେ ସୋମନାଥଙ୍କ ଘରେ ପହଞ୍ଚି ବାଇକ୍ ଫେରାଇ ଦେବା ପାଇଁ ଧମକାଇଥିଲେ। କିନ୍ତୁ ଟଙ୍କା ନ ଫେରାଇଲେ ବାଇକ୍ ଦେବେ ନାହିଁ ବୋଲି ସୋମନାଥ କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ଅଭିଯୁକ୍ତଦ୍ୱୟ ସୋମନାଥଙ୍କ ଘରୁ ବାଇକ ଘୋସାରି ଘୋସାରି ନିକଟସ୍ଥ ଗାଦିଘର ପର୍ଯ୍ୟନ୍ତ ନେଇଥିଲେ। ପରେ ଉକ୍ତ ବାଇକରେ ନିଆଁ ଲଗାଇ ଥାନାରେ ମିଥ୍ୟା ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଥିଲେ। କେବଳ ଏତିକି ନୁହେଁ, ସୋମନାଥଙ୍କୁ ମାଡ଼ ମଧ୍ୟ ମାରିଥିଲେ। ତାଙ୍କ ସ୍ତ୍ରୀ ଓ ମା ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ରକ୍ତମୁଖା ହୋଇପଡିଥିବା କୁନା ଓ କେମ୍ପା କୌଣସି କଥା ଶୁଣିବା ପରିସ୍ଥିତିରେ ନ ଥିଲେ। ସେମାନେ ସୋମନାଥଙ୍କୁ କ୍ରମାଗତ ଛୁରା ଭୁସି ସେଠାରୁ ପଳାଇଥିଲେ। ଘଟଣାସ୍ଥଳରେ ସୋମନାଥ ଛଟଛଟ ହେଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନେବାକୁ ବ୍ୟବସ୍ଥା କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁଯାୟୀ ସୋମନାଥଙ୍କ ଶରୀରର ୧୫ଟି ସ୍ଥାନରେ ଛୁରା ମାଡ କ୍ଷତ ଥିଲା। ଏ ସମ୍ପର୍କରେ ସୋମନାଥଙ୍କ ସ୍ତ୍ରୀ ଇତିଶ୍ରୀ ପ୍ରଧାନ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲାପରେ ପୋଲିସ ଦଫା ୩୦୨/୩୪ ଆଇପିସି/୩୦ ଆର୍ମସ୍ ଆକ୍ଟ/୩ (୨)(ଭି) ଏସ୍‌ସି/ଏସ୍‌ଟି ପିଏ ଆକ୍ଟରେ ମାମଲା ସଂଖ୍ୟା ୨୦୧/୧୩ ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ୨ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ମୋଟ ୧୩ ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

ଭାରତୀୟ କ୍ରୀଡ଼ାବିତ୍‌ମାନେ କିଛି ନିର୍ଦ୍ଦିଷ୍ଟ କ୍ରୀଡ଼ା ଶୃଙ୍ଖଳାରେ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଦୀର୍ଘ ଚାରି ଦଶନ୍ଧି ଧରି (୩୦ରୁ ୬୦ଦଶକ) ଭାରତୀୟ ହକି ବିଶ୍ୱର ଶୀର୍ଷସ୍ଥାନରେ ରହିଆସିଥିବା ବେଳେ ବର୍ତ୍ତମାନ କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ, କୁସ୍ତି, ଭାରୋତ୍ତୋଳନ, ବନ୍ଧୁକ ଚାଳନା, ଆର୍ଚେରୀ ଏବଂ ଚେସ୍ ଭଳି କ୍ରୀଡ଼ା ଶୃଙ୍ଖଳାଗୁଡ଼ିକରେ ଆମର କ୍ରୀଡ଼ାବିତ୍‌ମାନେ କୃତିତ୍ୱ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି।

୪୦ ଏବଂ ୫୦ ଦଶକ

୧୯୪୭ରେ ଭାରତ ସ୍ୱାଧୀନତା ହାସଲ କଲାପରେ ୧୯୪୮ରେ ଲଣ୍ଡନଠାରେ ଅନୁଷ୍ଠିତ ୧୦ମ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଭାରତୀୟ ହକି ଦଳ(ପୁରୁଷ) କିଶେନଲାଲଙ୍କ ନେତୃତ୍ୱରେ ଫାଇନାଲରେ ଆୟୋଜକ ଇଂଲଣ୍ଡକୁ (୪-୦) ପରାସ୍ତ କରି ଲଗାତର ୪ର୍ଥ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସ୍ୱାଧୀନ ଭାରତର ପ୍ରଥମ ହକି ସ୍ୱର୍ଣ୍ଣପଦକ ବିଜୟ ଉପରେ ନିର୍ମିତ ବଲିଉଡ୍ ଫିଲ୍ମ ''ଗୋଲ୍ଡ''ର ନିର୍ଦ୍ଦେଶିକା ରିମା କାଗ୍‌ତିଙ୍କ ଭାଷାରେ ଏହି ସିନେମାର କାହାଣୀ ପ୍ରତୀକାତ୍ମକ ଭାବେ ଦୁଇ ଶହ ବର୍ଷର ବ୍ରିଟିଶ୍ ଶାସନ ଉପରେ ଭାରତର ବିଜୟ ।

ଫୁଟବଲ: ଆସାମର ଟାଲିମେରେନ୍ ଆଓଙ୍କ ନେତୃତ୍ୱରେ ସ୍ୱାଧୀନ ଭାରତର ପ୍ରଥମ ଫୁଟବଲ ଦଳ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେଇ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ (୧-୨) ପରାସ୍ତ ହୋଇ ଅଲିମ୍ପିକ୍ ଅଭିଯାନ ଶେଷ କରିଥିଲା। ଭାରତର ୧୧ ଜଣଙ୍କ ମଧ୍ୟରୁ ୮ ଜଣ ଖାଲି ପାଦରେ (ଆଙ୍କଲେଟ୍ ଓ କନା ବ୍ୟାଣ୍ଡେଜ୍) ଖେଳିଥିଲେ ମଧ୍ୟ ଏସ୍. ରମଣଙ୍କ ଚମତ୍କାର ଗୋଲ ଫଳରେ ଖେଳ ଶେଷ ହେବାର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଫଳାଫଳ(୧-୧) ସମାନ ସ୍ତରରେ ଥିଲା। ମାତ୍ର ୮୮ ମିନିଟରେ ଫ୍ରାନ୍ସ ବିଜୟସୂଚକ ଗୋଲ ଦେଇ ବିଜେତା ହୋଇଥିଲା।

୧୯୫୧ ଫୁଟବଲ: ପ୍ରଥମ ଏସୀୟ କ୍ରୀଡ଼ା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଫୁଟବଲ ଦଳ ଖ୍ୟାତନାମା ଖେଳାଳି ସୈଲେନ୍ ମାନ୍ନାଙ୍କ ନେତୃତ୍ୱ ଫାଇନାଲରେ ଇରାନକୁ (୧-୦) ଗୋଲ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା।

୧୯୫୨ କୁସ୍ତି: ହେଲେସିଙ୍କି ଅଲିମ୍ପିକ୍ସରେ ଭାରତର କେ.ଡି. ଯାଦବ ବାଣ୍ଟମ୍‌ୱେଟ୍ କୁସ୍ତିରେ ବ୍ରୋଞ୍ଜ ପଦକ ଜିତି ବ୍ୟକ୍ତିଗତ କ୍ରୀଡ଼ାରେ ପ୍ରଥମ ଭାରତୀୟ ଅଲିମ୍ପିକ ପଦକ ବିଜେତା ହୋଇଥିଲେ।

ହକି: କେ.ଡି. ସିଂ ବାବୁଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ହଲାଣ୍ଡକୁ (୬-୧)ରେ ପରାସ୍ତ କରି ଦେଶ ପାଇଁ ୫ମ ସ୍ୱର୍ଣ୍ଣ ପଦକ ଜିତିଥିଲା।

୧୯୫୬ ହକି: ମେଲବୋର୍ନ ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ହକି ଫାଇନାଲରେ ପାକିସ୍ତାନକୁ ଭେଟିଥିଲା। ବଲବୀର ସିଂ(ସିନିୟର)ଙ୍କ ନେତୃତ୍ୱରେ ଭାରତ ପକ୍ଷରୁ ଏକମାତ୍ର ଗୋଲ ରଣଧିର ସିଂ ଜେଣ୍ଟଲ ସ୍କୋର କରିଥିଲେ ଏବଂ ପାକିସ୍ତାନକୁ ପରାସ୍ତ କରି ଭାରତ ୬ଷ୍ଠ ହକି ସ୍ୱର୍ଣ୍ଣପଦକ ହାସଲ କରିଥିଲା।

ଫୁଟବଲ: ଏହି ଅଲିମ୍ପିକ୍ସରେ ଭାରତର ଅଗ୍ରଭାଗ ତାରକା ଖେଳାଳି ନାତାଲ ଡିସୋଜାଙ୍କ ''ହ୍ୟାଟ୍ରିକ'' ଗୋଲ ବଳରେ ଅଷ୍ଟ୍ରେଲିଆକୁ (୪-୨) ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେମିଫାଇନାଲରେ ଯୁଗୋସ୍ଲାଭିଆଠାରୁ ହାରିବା ସହ ବ୍ରୋଞ୍ଜ ମେଡାଲ ମ୍ୟାଚ୍‌ରେ ମଧ୍ୟ ବୁଲଗେରିଆଠାରୁ ପରାସ୍ତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲା, ଯାହାକି ଆଜି ପର୍ଯ୍ୟନ୍ତ ବିଶ୍ୱସ୍ତରରେ ଆମର ଶ୍ରେଷ୍ଠ ସଫଳତା।

୧୯୫୮ ଆଥଲେଟିକ୍ସ: ଭାରତର ଉତ୍ତ୍ୱଳତମ ଆଥ୍‌ଲେଟ୍ ମିଲ୍‌ଖା ସିଂଙ୍କ ଆବିର୍ଭାବ ହୋଇଥିଲା। ''ଫ୍ଲାଇଙ୍ଗ ଶିଖ୍'' ମିଲ୍‌ଖା ପ୍ରଥମ ଭାରତୀୟ ଆଥଲେଟ୍ ଭାବେ କାର୍ଡିଫ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ।

୬୦ ଦଶକ

୧୯୬୦ ଆଥ୍‌ଲେଟିକ୍ସ: ଆଥ୍‌ଲେଟ୍ ମିଲ୍‌ଖା ରୋମ୍ ଅଲିମ୍ପିକ୍ସର ୪୦୦ ମିଟର ଦୌଡ଼ରେ ସେତେବେଳେ ବିଶ୍ୱରେକର୍ଡ ଭଙ୍ଗ କରିଥିଲେ ମଧ୍ୟ ସାମାନ୍ୟ ତ୍ରୁଟି ପାଇଁ ପଦକ ତାଲିକାରୁ ବାଦ୍ ପଡ଼ି ୪ର୍ଥ ସ୍ଥାନ ହାସଲ କରିଥିଲେ। ଯାହାକି ୫୮ ବର୍ଷ ପରେ ମଧ୍ୟ ପୁରୁଷ ଦୌଡ଼କୁଦ ବିଭାଗରେ ଯେକୌଣସି ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନର ମାନ୍ୟତା ବଜାୟ ରଖିଛି।

୧୯୬୨ ଫୁଟବଲ: ଭାରତର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳି ଚୁନି ଗୋସ୍ୱାମୀଙ୍କ ଅଧିନାୟକତ୍ୱରେ ଭାରତୀୟ ଫୁଟବଲ ଦଳ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଦକ୍ଷିଣକୋରିଆକୁ (୨-୧)ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

୧୯୬୭-୬୮: କ୍ରିକେଟ- ମନସୁର ଅଲ୍ଲି ଖାଁ ପଟୌଦୀଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ୪ ଟିକିଆ ସିରିଜ୍(୩-୧)ରେ ଘରୋଇ ଦଳକୁ ପରାସ୍ତ କରି ସିରିଜ୍ ବିଜୟୀ ହୋଇଥିଲା।

୭୦ ଦଶକ

୧୯୭୦:ଆଥ୍‌ଲେଟିକ୍ସ-ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ କମଲଜିତ୍ ସାନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

୧୯୭୧: କ୍ରିକେଟ- ଅଜିତ ୱାଦେକରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଘରୋଇ ଦଳ ବିପକ୍ଷରେ ୫ ଟିକିଆ ଟେଷ୍ଟ ସିରିଜ୍‌ରେ ପ୍ରଥମ ଥର ପାଇଁ (୧-୦) ବିଜୟ ହାସଲ କରିଥିଲା। ଭାରତ ୧୯୭୧ ଜୁନ୍ ଓ ସେପ୍ଟେମ୍ବର ମଧ୍ୟରେ ଇଂଲଣ୍ଡ ଗସ୍ତରେ ଯାଇ ପ୍ରଥମଥର ପାଇଁ ୩ଟିକିଆ ସିରିଜ୍‌କୁ (୧-୦) ଜିତିଥିଲା।

୧୯୭୫: ହକି- ମାଲେସିଆ ରାଜଧାନୀ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ୩ୟ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ଅଜିତ୍ ପାଲ ସିଂଙ୍କ ନେତୃତ୍ୱରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ (୨-୧) ପରାସ୍ତ କରି ପ୍ରଥମେ ଏବଂ ଆଜି ପର୍ଯ୍ୟନ୍ତ ଏକମାତ୍ର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା।

୧୯୭୯: କ୍ରିକେଟ- ସୁନୀଲ ଗାଭାସ୍କରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟିକିଆ ସିରିଜ୍‌ରେ (୨-୦) ବିଜୟ ପ୍ରାପ୍ତ।

୮୦ ଦଶକ

୧୯୮୦: ହକି- ଲଗାତର ୩ଟି ଅଲିମ୍ପିକ୍ସ (୧୯୬୮, ୭୨, ୭୬)ରେ ବିଫଳତା ପରେ ଭାରତୀୟ ହକି ଦଳ ଭାସ୍କରନ୍‌ଙ୍କ ନେତୃତ୍ୱରେ ମସ୍କୋ ଅଲିମ୍ପିକ୍ସ ଫାଇନାଲରେ ସ୍ପେନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ।

ବ୍ୟାଡମିଣ୍ଟନ- ପ୍ରଥମ ଭାରତୀୟ ଭାବେ ପ୍ରକାଶ ପାଦୁକୋନ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ (ସେ ସମୟରେ ବିଶ୍ୱ ଚାମ୍ପିୟନଶିପ୍‌ର ମାନ୍ୟତା) ଚାମ୍ପିୟନ।

୧୯୮୩: କ୍ରିକେଟ- ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର କପିଳ ଦେବଙ୍କ ନେତୃତ୍ୱରେ କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ସୀମିତ ଓଭର ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ଭାରତ ଚାମ୍ପିୟନ।

୧୯୮୪- ଆଥ୍‌ଲେଟିକ୍ସ- ପ୍ରଥମ ଭାରତୀୟ ମହିଳା ଆଥ୍‌ଲେଟ ଭାବେ ପି.ଟି.ଉଷାଙ୍କ ଲସ୍ ଏଞ୍ଜେଲସ ଅଲିମ୍ପିକ୍ସରେ ୪୦୦ ମି.ହର୍ଡଲ୍ସରେ ୪ର୍ଥ ସ୍ଥାନ ହାସଲ।

୧୯୮୫- ଗୀତ୍ ସେଠୀଙ୍କ ବିଲିୟାର୍ଡ୍ସ ବିଶ୍ୱ ଚାମ୍ପିୟନ୍ ଟ୍ରଫି ହାସଲ।

୧୯୮୬- ଆଥ୍‌ଲେଟିକ୍ସ- ସିଓଲ୍ ଏସୀୟ କ୍ରୀଡ଼ାରେ ପି.ଟି.ଉଷାଙ୍କ ୪ଟି ସ୍ୱର୍ଣ୍ଣ (୨୦୦ମି. ୪୦୦ ମି. ୪୦୦ମି. ହର୍ଡଲ୍ସ ଏବଂ ୪x୪୦୦ମି ରିଲେ) ଏବଂ ଗୋଟିଏ ରୌପ୍ୟ (୧୦୦ମି) ପଦକ ହାସଲ।

୧୯୮୭-ବିଶ୍ୱର ପ୍ରଥମ କ୍ରିକେଟର ଭାବେ ସୁନୀଲ ଗାଭାସ୍କରଙ୍କ ୧୦,୦୦୦ ଟେଷ୍ଟ ରନ୍ ପୂରଣ।

୧୯୮୮-ଚେସ୍- ପ୍ରଥମ ଭାରତୀୟ ଭାବେ ବିଶ୍ୱନାଥନ୍ ଆନନ୍ଦଙ୍କୁ ଗ୍ରାଣ୍ଡମାଷ୍ଟର ମାନ୍ୟତା।

୯୦ ଦଶକ

୧୯୯୦: ଟେନିସ୍-ଦୀର୍ଘ ୪୪ ବର୍ଷ ବ୍ୟବଧାନ ପରେ ଭାରତର ଟେନିସ୍ ତାରକା ଲିଆଣ୍ଡର ପେସ୍ ଆଟଲାଣ୍ଟା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା।

୧୯୯୯: କ୍ରିକେଟ- ଭାରତୀୟ ସ୍ପିନର ଅନିଲ କୁମ୍ବଲେ ବିଶ୍ୱର ଦ୍ୱିତୀୟ ବୋଲର ଭାବେ (ଇଂଲଣ୍ଡର ଜିମ୍ ଲେକରଙ୍କ ପରେ) ଦିଲ୍ଲୀ ଫିରୋଜ ଶାହା କୋଟଲା ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟର ୨ୟ ଇନିଂସ୍‌ରେ ସମସ୍ତ ୧୦ ଉଇକେଟ୍ ହାସଲ।

୨୦୦୦: **ଭାରୋତ୍ତୋଳନ:** ସିଡ୍‌ନୀ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍ ଭାବେ ୬୯ କେଜି ବର୍ଗ ଭାରୋତ୍ତୋଳନରେ କର୍ଣ୍ଣମ ମାଲେଶ୍ୱରୀଙ୍କ ବ୍ରୋଞ୍ଜ ପଦକ ହାସଲ।

ଚେସ୍: ତେହେରାନଠାରେ ଫିଡେ ବିଶ୍ୱ ଚେସ୍‌ରେ ଭାରତର ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଆଲେକ୍ସି ସିରୋଭଙ୍କୁ ପରାସ୍ତ କରି ବିଶ୍ୱ ଟାଇଟଲ ବିଜେତା (ପରବର୍ତ୍ତୀ ସମୟରେ ୫ ଥର ବିଜେତା)

୨୦୦୧: **ବ୍ୟାଡମିଣ୍ଟନ:** ପ୍ରକାଶ ପାଦୁକୋନଙ୍କ ପରେ୨୧ ବର୍ଷ ବ୍ୟବଧାନରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ପୁଲେଲା ଗୋପୀଚାନ୍ଦ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନ।

୨୦୦୨: ଚେସ୍: ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି କୋନେରୁ ହମ୍ପିଙ୍କୁ ଗ୍ରାଣ୍ଡମାଷ୍ଟର ମାନ୍ୟତା।

ଆଥ୍‌ଲେଟିକ୍ସ: ବୁସାନ ଏସିଆନ ଗେମ୍ସରେ ଭାରତର ସୁନିତା ରାଣୀଙ୍କ ୧୫୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ ସହିତ ନୂତନ ଏସୀୟ ରେକର୍ଡ।

୨୦୦୩: ଭାରତୀୟ ମହିଳା ଆଥ୍‌ଲେଟ୍ ଅଞ୍ଜୁ ବବି ଜର୍ଜ ପ୍ରଥମ ଏବଂ ଏକମାତ୍ର ଭାରତୀୟ ଭାବେ ପ୍ୟାରିସ୍ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜପଦକ ହାସଲ।

୨୦୦୪: କ୍ରିକେଟ୍: ଭାରତର ବିସ୍ଫୋରକ ବ୍ୟାଟ୍ସମାନ ବୀରେନ୍ଦ୍ର ସେହ୍ୱାଗ ପାକିସ୍ତାନର ମୁଲତାନଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ତ୍ରିଶତକ (୩୦୯) ଲାଭ।

ଶୁଟିଂ (ବନ୍ଧୁକ ଚାଳନା): ବର୍ତ୍ତମାନର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ୨୦୦୪ ଏଥେନ୍ସ ଅଲିମ୍ପିକ୍ସର ଡବଲ ଟ୍ରାପ୍ ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଇତିହାସ ରଚିଥିଲେ।

୨୦୦୫: ଭାରତର ପଙ୍କଜ ଆଡଭାନୀଙ୍କ ବିଶ୍ୱ ସ୍ନୁକର ଟାଇଟଲ ହାସଲ।

୨୦୦୭: କ୍ରିକେଟ: ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍‌ରେ ବିଜେତା।

୨୦୦୮: ବନ୍ଧୁକ ଚାଳନା: ବେଜିଂ ଅଲିମ୍ପିକ୍ସରେ ଅଭିନବ ବିନ୍ଦ୍ରାଙ୍କୁ ୧୦ମି ଏୟାର ରାଇଫଲ ଶୁଟିଂରେ ସ୍ୱର୍ଣ୍ଣ ପଦକ।

ବକ୍ସିଂ ଏବଂ କୁସ୍ତି: ବିଜେନ୍ଦର ସିଂ ବକ୍ସିଂ ଏବଂ ସୁଶୀଲ କୁମାରଙ୍କୁ କୁସ୍ତିରେ ରୌପ୍ୟ ପଦକ।

୨୦୧୧: କ୍ରିକେଟ୍- ଦ୍ୱିତୀୟ ଥର ପାଇଁ ଭାରତ ମହେନ୍ଦ୍ର ସିଂହ ଧୋନୀଙ୍କ ନେତୃତ୍ୱରେ ଶ୍ରୀଲଙ୍କାକୁ ୬ ଉଇକେଟ୍‌ରେ ହରାଇ ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ବିଜେତା। ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ୧୦୦ ଅନ୍ତର୍ଜାତୀୟ ଶତକ ପୂରଣ।

୨୦୧୨: ଲଣ୍ଡନ ଅଲିମ୍ପିକ୍ସରେ ୬ ପଦକ ସହିତ ଶ୍ରେଷ୍ଠ ସଫଳତା। ବିଜୟ କୁମାର, ରୌପ୍ୟ (ଶୁଟିଂ), ସୁଶିଲ କୁମାର, ରୌପ୍ୟ (କୁସ୍ତି), ଗଗନ ନାରଙ୍ଗ,ବ୍ରୋଞ୍ଜ (ଶୁଟିଂ), ଏମ.ସି. ମେରିକମ୍, ବ୍ରୋଞ୍ଜ(ବକ୍ସିଂ), ଯୋଗେଶ୍ୱର ଦତ୍ତ,ବ୍ରୋଞ୍ଜ (କୁସ୍ତି), ସାଇନା ନେହ୍ୱାଲ, ବ୍ୟାଡମିଣ୍ଟନ (ବ୍ରୋଞ୍ଜ)।

୨୦୧୩ - ୨୦୦ ଟେଷ୍ଟ ମ୍ୟାଚ ପରେ ସଚିନ ତେନ୍ଦୁଲକରଙ୍କ ଅବସର ।

୨୦୧୫: ସାଇନା ନେହ୍ୱାଲଙ୍କ ବିଶ୍ୱ ବ୍ୟାଡମିଣ୍ଟନ ମାନ୍ୟତାରେ ୧ ନମ୍ବର ସ୍ଥାନ ହାସଲ। ଜାକର୍ତ୍ତା ବିଶ୍ୱ ଚମ୍ପିୟନଶିପ୍‌ରେ ରୌପ୍ୟ ପଦକ ।

୨୦୧୬: ରିଓ ଅଲିମ୍ପିକ୍ସରେ ପି.ଭି.ସିନ୍ଧୁଙ୍କ ବ୍ୟାଡମିଣ୍ଟନରେ ରୌପ୍ୟ ଏବଂ ସାକ୍ଷୀ ମଲ୍ଲିକଙ୍କ କୁସ୍ତିରେ ବ୍ରୋଞ୍ଜ ପଦକ ହାସଲ।

୨୦୧୭-୧୮: ସାଇନା ନେହ୍ୱାଲ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଏବଂ ପି.ଭି.ସିନ୍ଧୁଙ୍କ ୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ରେ ଲଗାତର ରୌପ୍ୟ ପଦକ ହାସଲ।

(ଚଳିତ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଭାରତର ପ୍ରଦର୍ଶନକୁ ସ୍ଥାନ ଦିଆଯାଇନାହିଁ ।)

କେ.ଡି. ଯାଦବ



ମିଲ୍‌ଖା ସିଂ

ଅଭିନବ ବିନ୍ଦ୍ରା

ଏସିଆନ ଗେମ୍ସରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ

ସ୍ୱର୍ଣ୍ଣ ପଦକ

୧୯୫୧: ସେକ୍ ଅବଦୁଲ ମଜିଦ ବଚନ, ପୁରୁଷ ଫୁଟବଲ)।

(ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ କଟକର ସେକ୍ ମଜିଦ ଓରଫ ଏ.ଏମ.ବଚନ। ଫାଇନାଲର ୩୪ତମ ମିନିଟରେ ମୋ୍ତଲାଲଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧-୦ ଗୋଲରେ ଇରାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା।

୧୯୯୮: ଦିଲୀପ ଟିର୍କୀ, ଲାଜାରୁସ ବାର୍ଲା(ପୁରୁଷ ହକି)

(ଫାଇନାଲରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା)

୨୦୧୪: ବୀରେନ୍ଦ୍ର ଲାକ୍ରା(ପୁରୁଷ ହକି)

(ଫାଇନାଲରେ ଭାରତ ଶୁଟ୍‌ଆଉଟ୍ ୪-୨ ଗୋଲରେ ପାକିସ୍ତାନକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା।

ରୌପ୍ୟ ପଦକ

୧୯୯୦: ପ୍ରଣତି ମିଶ୍ର(ମହିଳା ରିଲେ ଦଳର ସଦସ୍ୟା)

(ବେଜିଂରେ ଅନୁଷ୍ଠିତ ଏହି ଏସିଆନ ଗେମ୍ସରେ ପ୍ରଣତି ମିଶ୍ର ପ୍ରଥମ ଓଡ଼ିଆ ମହିଳାଭାବେ ୪x୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିଲେ। ଶାନ୍ତିମୋଲ ଫିଲିପ୍ସ, କୁଜି ଶର୍ମା ଓ ପି.ଟି. ଉଷା ଦଳର ଅନ୍ୟ ୩ ସଦସ୍ୟା ଥିଲେ)।

୧୯୯୮: ଜ୍ୟୋତି ସୁନୀତା କୁଲୁ(ମହିଳା ହକି)

(ଫାଇନାଲରେ ଭାରତ ୧-୨ ଗୋଲରେ ଦକ୍ଷିଣ କୋରିଆଠାରୁ ହାରି ଯାଇଥିଲା)।

୨୦୦୨: ଦିଲୀପ ଟିର୍କୀ, ଇଗ୍ନେସ ଟିର୍କୀ(ପୁରୁଷ ହକି)

(ଫାଇନାଲରେ ଭାରତ ୩-୪ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଥିଲା)।

୨୦୧୮: ଦୂତୀ ଚାନ୍ଦ(ମହିଳା ୧୦୦ ମିଟର)

(ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୧୦୦ ମିଟରରେ ୧୧.୩୨ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ)।

ବ୍ରୋଞ୍ଜ ପଦକ

୧୯୮୬: ସନତ ମିଶ୍ର(ପୁରୁଷ ବ୍ୟାଡ୍‌ମିଣ୍ଟନ)

(୧୯୫୧ରେ ଓଡ଼ିଶା ପ୍ରତିଯୋଗୀ ପଦକ ଜିତିବାର ୩୫ ବର୍ଷ ପରେ ଓଡ଼ିଶାକୁ ମିଳିଥିଲା ଦ୍ୱିତୀୟ ପଦକ। ୧୯୮୬ ସିଓଲ ଏସିଆଡ୍‌ରେ ସନତ ମିଶ୍ର ଦଳଗତ ବ୍ରୋଞ୍ଜ ପଦକ ଜିତିଥିଲେ। ଲେରୟ ଡି'ସୁଜା, ବିମଲ କୁମାର, ସନତ ମିଶ୍ର, ରବି କୁନ୍ତେ, ସୟଦ ମୋଦି, ପ୍ରକାଶ ପାଦୁକୋନ, ଉଦୟ ପାୱାରଙ୍କୁ ନେଇ ଗଠିତ ଭାରତୀୟ ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା)।

୧୯୯୮: ରଚିତା ପଣ୍ଡା ମିସ୍ତ୍ରି(ମହିଳା ୧୦୦ ମିଟର)

(ବ୍ୟା

ସଂକ୍ଷେପରେ

ମୁଦ୍ରାକୁ ବାସ୍ତବ ସ୍ତର ପର୍ଯ୍ୟନ୍ତ ଖସିବାକୁ ଦିଆଯାଉ

ମୁମ୍ବାଇ,୨୮-୮: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଯେଉଁ ସ୍ତରକୁ ଖସୁଛି ତାହାକୁ ଖସିବାକୁ ଦିଆଯାଉ। ଏକ ବାସ୍ତବ ସ୍ତରରେ ପହଞ୍ଚିବା ପାଇଁ ଏହାକୁ ଛାଡି ଦିଆଯିବା ଉଚିତ। ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ମଙ୍ଗଳବାର ଏହା କହିଛନ୍ତି। ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ସୋମବାର ୭୦ ଟଙ୍କା ୧୬ ପଇସାକୁ ଖସି ଆସିଥିବା ବେଳେ ଏକ ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଥିଲା। ଏହାକୁ ଭିତ୍ତି କରି ରାଜୀବ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଭାରତୀୟ ମୁଦ୍ରାକୁ ଦୃଢ଼ୀଭୂତ କରିବା ପାଇଁ ପ୍ରୟାସ କରି ଏକ ଦ୍ୱନ୍ଦ୍ୱ ସୃଷ୍ଟି କରା ନ ଯାଉ। ବରଂ ଏହା ନିଜର ପ୍ରକୃତ ସ୍ତର ହାସଲ କରିବା ପର୍ଯ୍ୟନ୍ତ ଛାଡ଼ିଦିଆଯିବା ଉଚିତ।

୪ରୁ ଆର୍‌ବିଆଇ କର୍ମଚାରୀଙ୍କ ଧର୍ମଘଟ ବାଧାପ୍ରାପ୍ତ ହେବ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୨୮-୮: ସେପ୍ଟେମ୍ବର ୪ ଓ ୫ ତାରିଖରେ ୟୁନାଇଟେଡ ଫୋରମ୍ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ ଏମ୍ପ୍ଲଇଜ୍(ୟୁଏଫଆର୍‌ବିଓଇ) ସମୂହ ଛୁଟିରେ ଯିବା ସହ ଧାରଣାରେ ସାମିଲ ହେବେ। ଏ ନେଇ କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁ ସୂଚନା ଦିଆଯାଇଛି। କର୍ମଚାରୀ ଧର୍ମଘଟରେ ସାମିଲ ହେଲେ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସାରା ଦେଶରେ ରହିଥିବା ପ୍ରମୁଖ ବ୍ୟାଙ୍କଗୁଡିକର କାର୍ଯ୍ୟ ପ୍ରଭାବିତ ହେବ ବୋଲି ଜଣାଯାଇଛି। ଧର୍ମଘଟରେ ସମସ୍ତ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେବେ ବୋଲି ୟୁଏଫ୍‌ଆର୍‌ବିଓଇ ସଦସ୍ୟ ତଥା ସର୍ବ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସମୀର ଘୋଷ ସୂଚନା ଦେଇଛନ୍ତି। କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣାକୁ ଓହ୍ଲାଉଥିବା ଜଣାପଡ଼ିଛି। ୨୦୧୨ ପରଠାରୁ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀଙ୍କ ଅତିରିକ୍ତ ଭବିଷ୍ୟନିଧିର ମଞ୍ଜୁରି ଭଳି ଅନ୍ୟ କେତେକ ପ୍ରମୁଖ ଦାବି ସଂଘ ଉପସ୍ଥାପନ କରିଛି। ଅକ୍ଟୋବର ୨୦୧୭ରେ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ ପେନସନ ତଥା ଅନ୍ୟାନ୍ୟ ସୁବିଧାର ଉନ୍ନତିକରଣ ନେଇ ସରକାରଙ୍କୁ ପତ୍ର ଲେଖିଥିଲେ। ଏହି ପ୍ରସଙ୍ଗକୁ ସରକାର ଅଗ୍ରାହ୍ୟ କରି ଦେଇଥିବା ଜଣାପଡ଼ିଛି।

ଏନ୍‌ପିଏ ସର୍କୁଲାର ଶୁଣାଣି ଆଜିକୁ ଘୁଞ୍ଚିଲା

ନୂଆଦିଲ୍ଲୀ,୨୮-୮: ଏନ୍‌ପିଏ ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ(ଆର୍‌ବିଆଇ) ପକ୍ଷରୁ ଚଳିତ ବର୍ଷ ଫେବୃୟାରୀ ୧୨ରେ ଏକ ସର୍କୁଲାର ଜାରି କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଋଣଗ୍ରହିତା କମ୍ପାନୀଙ୍କ ପକ୍ଷରୁ ବିଭିନ୍ନ ହାଇକୋର୍ଟରେ ଏକ ଡଜନରୁ ଅଧିକ ମାମଲା ଦାଏର କରାଯାଇଛି। ସମସ୍ତ ମାମଲାକୁ ଏକାଠି ଶୁଣାଣି କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଆଗତ କରାଯାଇଛି। ମଙ୍ଗଳବାର ଏହାର ଶୁଣାଣି ହେବାର ଥିଲା। ତେବେ ସମସ୍ତ ବିଚାରପତି ସାମ୍ବିଧାନିକ ଖଣ୍ଡପୀଠରେ ଉପସ୍ଥିତ ରହିବାରୁ ମାମଲାର ଶୁଣାଣି ହୋଇପାରି ନଥିଲା। ଏହାର ଶୁଣାଣି ବୁଧବାର କରାଯିବ। ଅନ୍ୟପକ୍ଷରେ ଉପରୋକ୍ତ ସମାନ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟର ରାୟ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି।

---

୬ ମାସ ମଧ୍ୟରେ ୬ହଜାର ଷ୍ଟେସନରେ ୱାଇ-ଫାଇ ବ୍ୟବସ୍ଥା କରାଯିବ।
– ପୀୟୂଷ ଗୋଏଲ, ରେଳ ମନ୍ତ୍ରୀ

ଫେମ୍ ଇଣ୍ଡିଆ-୨ ପାଇଁ କେନ୍ଦ୍ର ସରକାର ବିପୁଳ ଅର୍ଥ ମଞ୍ଜୁର କରିଛନ୍ତି।
– ଅନନ୍ତ ଗୀତେ, ଭାରି ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ

ଟ୍ରେନ୍‌ରେ ଲାଗିବ ଏସି ପ୍ୟାଣ୍ଟ୍ରି କାର୍

ନୂଆଦିଲ୍ଲୀ,୨୮-୮

- ୪୦୦ ପ୍ୟାଣ୍ଟ୍ରି କାର୍ କାର୍ଯ୍ୟକ୍ଷମ
- ଯାତ୍ରୀ ପାଇବେ ବିମାନ ଭଳି ଖାଦ୍ୟ
- ଏଲ୍‌ପିଜି ବଦଳରେ ଇଣ୍ଡକ୍ସନ୍ କୁକ୍ ଟପ୍‌ରେ ରୋଷେଇ

ସୁରକ୍ଷିତ ତଥା ଆରାମଦାୟକ ଟ୍ରେନ ଯାତ୍ରା ଲାଗି ରେଲୱେ ଯଥାସାଧ୍ୟ ଉଦ୍ୟମ ଚଳାଇଛି। ଏଣିକି ବିମାନ ଭଳି ଟ୍ରେନ ଯାତ୍ରୀଙ୍କୁ ମଧ୍ୟ ଉନ୍ନତ ମାନର ଖାଦ୍ୟ ମିଳିବ। ଏଥିପାଇଁ ଟ୍ରେନରେ ଏସି ପ୍ୟାଣ୍ଟ୍ରି କାର୍ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀ ପୀୟୂଷ ଗୋଏଲ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ(ଆଇଆରସିଟିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଏସି ପ୍ୟାଣ୍ଟ୍ରି କାର୍‌ରେ ଏଲପିଜି ପରିବର୍ତ୍ତେ ଇଣ୍ଡକ୍ସନ କୁକ୍ ଟପ୍ ବ୍ୟବହାର କରିବାକୁ କୁହାଯାଇଛି। କ୍ୟାଟରିଂ ଲାଗି ଅଧିକ ଚାର୍ଜ ଆଦାୟରୁ କଣ୍ଟ୍ରାକ୍ଟରଙ୍କୁ ରୋକିବା ଲାଗି ସେମାନଙ୍କ ଠାରୁ ରିସିପ୍ଟ ସଂଗ୍ରହ କରିବା ବାଧତାମୂଳକ କରାଯାଇଛି।

ରେଲୱେ ପକ୍ଷରୁ ବିଭିନ୍ନ ଦୂରଗାମୀ ଟ୍ରେନରେ ବର୍ତ୍ତମାନ ୪୦୦ ପ୍ୟାଣ୍ଟ୍ରି କାର୍ ପ୍ରଚଳନ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତର ଅବସ୍ଥା ସାଂଘାତିକ। ଏଗୁଡିକରେ ଏଲପିଜି ବ୍ୟବହାର କରି ରୋଷେଇ କରାଯାଏ ଯାହା ଅତ୍ୟନ୍ତ ବିପଜ୍ଜନକ। ଏଥିରୁ ଅଗ୍ନିକାଣ୍ଡର ଯଥେଷ୍ଟ ସମ୍ଭାବନା ରହିଛି। ଏଣିକି ସମସ୍ତ ଦୂରଗାମୀ ଟ୍ରେନରେ ଥିବା ପ୍ୟାଣ୍ଟ୍ରି କାର୍‌ରେ ଏଲପିଜି ପରିବର୍ତ୍ତେ ଇଣ୍ଡକ୍ସନ କୁକ୍ ଟପ୍ ବ୍ୟବହାର କରିବାକୁ ରେଲମନ୍ତ୍ରୀ ଗୋଏଲ ନିର୍ଦ୍ଦେଶ ଦେଇଛନ୍ତି। କିଚେନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେପରି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବେ ସେଥିପ୍ରତି ନଜର ରଖିବା ସିଧାପ୍ରସାରଣର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଟ୍ରେନ ଯାତ୍ରୀଙ୍କୁ ବିଶ୍ୱସ୍ତରର ସୁବିଧା ଦିଆଯିବାର ଯୋଜନା ପ୍ରସ୍ତୁତ ହୋଇଛି। ଆର୍‌ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ସିସିଟିଭି କ୍ୟାମେରାର ସହାୟତା ନିଆଯାଇ ଚୁଲାଇରୁ ଟ୍ରେନ ଯାତ୍ରୀଙ୍କୁ ଉନ୍ନତ ମାନର ତଥା ସ୍ୱାଦିଷ୍ଟ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ପୂର୍ବରୁ ପ୍ରକାଶ କରିଥିଲେ।

ଏସି ପ୍ୟାଣ୍ଟ୍ରି କାର୍ ଲଗାଯାଇଛି। ଏହାଛଡା ସମସ୍ତ ପ୍ରସାରଣ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀ ଗୋଏଲ ନିର୍ଦ୍ଦେଶ ଦେଇଛନ୍ତି। କିଚେନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେପରି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବେ ସେଥିପ୍ରତି ନଜର ରଖିବା ସିଧାପ୍ରସାରଣର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଟ୍ରେନ ଯାତ୍ରୀଙ୍କୁ ବିଶ୍ୱସ୍ତରର ସୁବିଧା ଦିଆଯିବାର ଯୋଜନା ପ୍ରସ୍ତୁତ ହୋଇଛି। ଆର୍‌ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ସିସିଟିଭି କ୍ୟାମେରାର ସହାୟତା ନିଆଯାଇ ଚୁଲାଇରୁ ଟ୍ରେନ ଯାତ୍ରୀଙ୍କୁ ଉନ୍ନତ ମାନର ତଥା ସ୍ୱାଦିଷ୍ଟ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ପୂର୍ବରୁ ପ୍ରକାଶ କରିଥିଲେ।

୩୦ରେ ଉଦ୍‌ଘାଟିତ ହେବ ମାର୍କେଟିଂ ଡେଭଲପ୍‌ମେଣ୍ଟ ସେଣ୍ଟର

ଭୁବନେଶ୍ୱର, ୨୮-୮(ବ୍ୟୁରୋ)

- ଏହା ପୂର୍ବଭାରତର ସର୍ବବୃହତ ଇଣ୍ଟିଗ୍ରେଟେଡ୍ ମାର୍କେଟିଂ ସେଣ୍ଟର
- ନ୍ୟାଶନାଲ୍ ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ, ନାନୋ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ ଏବଂ ଆପାରେଲ୍ ଟ୍ରେନିଂ ସେଣ୍ଟର ରହିବ

ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ଯେଉଁ ଔଦ୍ୟୋଗିକ ସଂସ୍ଥାଗୁଡିକ ରହିଛନ୍ତି ସେମାନଙ୍କୁ ଉତ୍ତମ ବଜାର ସୁବିଧା ପ୍ରଦାନ କରାଯିବ। ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି କରାଯିବ। ଏଥିପାଇଁ ଭୁବନେଶ୍ୱରରେ ଏକ ଇଣ୍ଟିଗ୍ରେଟେଡ୍ ମାର୍କେଟିଂ ଡେଭଲପ୍‌ମେଣ୍ଟ୍ ସେଣ୍ଟର ସ୍ଥାପନ କରାଯାଇଛି। ଏହା ସାରା ଭାରତରେ ୧୨ତମ ସେଣ୍ଟର ହୋଇଥିବା ବେଳେ ପୂର୍ବ ଭାରତର ସର୍ବବୃହତ ମାର୍କେଟିଂ ସେଣ୍ଟରରେ ପରିଣତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ଏହି ସେଣ୍ଟରକୁ ଆସନ୍ତା ୩୦ ତାରିଖରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ।

ନ୍ୟାଶନାଲ ସ୍କିଲ୍ ଇଣ୍ଟଷ୍ଟ୍ରିଜ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଏସ୍‌ଆଇସି)ର ସିଏମ୍‌ଡି ରବୀନ୍ଦ୍ର ନାଥ ମଙ୍ଗଳବାର ଏକ ଖବରଦାତା ସମ୍ମୀଳନିରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏଠାରେ ଉକ୍ତ ଦିନ ଏସ୍‌ସି-ଏସ୍‌ଟି ମେଳା ଏବଂ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ, ବିଭିନ୍ନ ବ୍ୟାଙ୍କ ଏବଂ ଶିଳ୍ପ ସଂଘ ସମେତ ଏକାଧିକ ସଂସ୍ଥା ଅଂଶଗ୍ରହଣ କରିବେ। ଏମ୍‌ଏସ୍‌ଏମ୍‌ଇ ସଂସ୍ଥାଗୁଡିକ ପାଇଁ ରହିଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ୧,୧୦,୦୦୦ ବର୍ଗ ଫୁଟ ଅଞ୍ଚଳରେ ଏହା ନିର୍ମାଣ କରାଯାଇଛି। ଏଠାରେ ନ୍ୟାଶନାଲ୍ ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ (ଏନ୍‌ଏସ୍‌ଡିସି), ନାନୋ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଟିଆଇ)ର କାର୍ଯ୍ୟାଳୟ ରହିବ। ଏନ୍‌ଏସ୍‌ଆଇସିର ଏପେରାଲ୍ ଟ୍ରେନିଂ ସେଣ୍ଟର ମଧ୍ୟ ଉଦ୍‌ଘାଟନ କରାଯିବ। ଏସ୍‌ସିଏସ୍‌ଟି ଉଦ୍ୟୋଗୀମାନଙ୍କ ସହାୟତା ପାଇଁ ଏମାନେ ଏନ୍‌ଏସ୍‌ଆଇସି ସହିତ ମିଳିତ ହୋଇ କାର୍ଯ୍ୟ କରିବେ ବୋଲି ରବୀନ୍ଦ୍ର ନାଥ କହିଛନ୍ତି।

ସତର୍କ କରାଇଲା ରେଳପଥ
୦କ ସଂସ୍ଥାରୁ ଦୂରେଇ ଚୁହ

ଭୁବନେଶ୍ୱର, ୨୮-୮

ଭାରତୀୟ ରେଳର ନିଯୁକ୍ତି ବ୍ୟବସ୍ଥା କୌଣସି ଏଜେଣ୍ଟ ବା ମଧ୍ୟସ୍ଥମାନଙ୍କୁ ଦିଆଯାଇ ନାହିଁ। ଏହା ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ୍ ବୋର୍ଡ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପରିଚାଳିତ। ତେଣୁ କୌଣସି କୋଚିଙ୍ଗ୍ ସେଣ୍ଟର ବା ଘରୋଇ ସଂସ୍ଥା ରେଲୱେରେ ଚାକିରି କରାଇଦେବା ପାଇଁ ପ୍ରଲୋଭିତ କରାଇଲେ ତାହାକୁ ବିଶ୍ୱାସ ନ କରିବା ଉଚିତ। ବର୍ତ୍ତମାନ ଭାରତୀୟ ରେଳରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାରୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସତର୍କ କରାଇ ଦିଆଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କେତେକ ଠକ ସଂସ୍ଥା ଆଶାୟୀ ପରୀକ୍ଷାର୍ଥୀଙ୍କୁ ରେଲୱେରେ ଚାକିରି ଦେବା ପାଇଁ ପ୍ରଲୋଭିତ କରୁଥିବା ଖବର ରେଳ ମନ୍ତ୍ରଣାଳୟ ପାଖରେ ପହଞ୍ଚିଛି। ଏହି ସଂସ୍ଥା ପ୍ରାର୍ଥୀମାନଙ୍କଠାରୁ ପ୍ରାୟ ୯୩ ଲକ୍ଷ ଟଙ୍କା ଲାଞ୍ଚ ଆକାରରେ ନେଇଛନ୍ତି। ଏହି ଘଟଣାକୁ ନେଇ ରେଳମନ୍ତ୍ରଣାଳୟ ପୋଲିସରେ ଅଭିଯୋଗ ହୋଇଥିବା ବେଳେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏହି ଦୃଷ୍ଟିରୁ ଜନସାଧାରଣ ତଥା ପରୀକ୍ଷାର୍ଥୀଙ୍କୁ ରେଳପଥ ସତର୍କତା ବାର୍ତ୍ତା ଜାରି କରି କହିଛି, ନିୟମ ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦିତ ହେବ।

ଆଇଡିବିଆଇ ବ୍ୟାଙ୍କର ୧୪.୯% ଶେୟାର କିଣିବ ଏଲଆଇସି

ନୂଆଦିଲ୍ଲୀ,୨୮-୮

ଋଣରେ ବୁଡ଼ିଥିବା ଆଇଡିବିଆଇ ବ୍ୟାଙ୍କକୁ କିଣିବା ଲାଗି ଏଲଆଇସି ଆଉ ପାଦେ ଆଗେଇଛି। ମଙ୍ଗଳବାର ଏହାର ବୋର୍ଡ ବ୍ୟାଙ୍କର ୧୪.୯% ଶେୟାର କିଣିବା ଲାଗି ଆଗତ ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ ଆଇଡିବିଆଇ ବ୍ୟାଙ୍କର ୫୧% ଶେୟାର କିଣିବା ଲାଗି ଏଲଆଇସିକୁ ଅନୁମତି ଦେଇଥିଲେ। ବର୍ତ୍ତମାନ ରାଷ୍ଟ୍ରୟତ୍ତ ଜୀବନବୀମା କମ୍ପାନୀ ନିକଟରେ ଆଇଡିବିଆଇ ବ୍ୟାଙ୍କର ୭.୯୮ ପ୍ରତିଶତ ଶେୟାର ରହିଛି। ଆସନ୍ତା ୩୧ରେ ବ୍ୟାଙ୍କ ବୋର୍ଡ ଏକ ବୈଠକରେ ବସି ଏଲଆଇସିର ନିଷ୍ପତ୍ତି ଉପରେ ପୋଷ୍ଟାଲ ବ୍ୟାଲଟ୍ ଜରିଆରେ ଶେୟାରଧାରକଙ୍କ ଠାରୁ ଅନୁମତି ନେବ। ଜୁନ୍ କ୍ୱାର୍ଟରରେ ଆଇଡିବିଆଇ ବ୍ୟାଙ୍କର ୨୪୦୯.୮୯ କୋଟି ଟଙ୍କାର କ୍ଷତି ହୋଇଛି।

ଡ୍ୟୁକ୍‌କୁ ଫିକୋ- ଏକ୍ସିଲେନ୍ସ ଆୱାର୍ଡ

କଟକ,୨୮-୮

ପ୍ରମୁଖ ଫ୍ୟାଶନ୍ ୱେର ବ୍ରାଣ୍ଡ୍ ଡ୍ୟୁକ୍ ଫ୍ୟାଶନ୍ (ଇଣ୍ଡିଆ) ଲିମିଟେଡ୍‌କୁ ଫେଡେରେଶନ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ୍ କମର୍ସିଆଲ୍ ଅର୍ଗାନାଇଜେଶନ (ଫିକୋ) ପକ୍ଷରୁ ଫିକୋ-ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଲୁଧିଆନା ସ୍ଥିତ ଏମ୍‌ଏସ୍‌ଏମ୍‌ଇ ଡେଭଲପ୍‌ମେଣ୍ଟ୍ ଇନଷ୍ଟିଚ୍ୟୁଟ୍ (ଏମ୍‌ଏସ୍‌ଏମ୍‌ଇ-ଡିଆଇ) ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫିକୋର ଅଧ୍ୟକ୍ଷ କେ.କେ. ସେଠ୍ ଡ୍ୟୁକ୍‌ର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଜୈନ କହିଛନ୍ତି, ଏକ ପ୍ରମୁଖ କାଜୁଆଲ୍ ୱେର ବ୍ରାଣ୍ଡ୍ ଭାବେ ଡ୍ୟୁକ୍ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏହି ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କମ୍ପାନୀ ପ୍ରୟାସ ଜାରି ରଖିବ। ବର୍ତ୍ତମାନ ଭାରତର ପ୍ରମୁଖ ସହରଗୁଡିକରେ ପ୍ରାୟ ୩୬୦ ଏକ୍ସକ୍ଲୁଶିଭ୍ ଏବଂ ୪୦୦୦ରୁ ଊର୍ଦ୍ଧ୍ୱ ମଲ୍ଟିବ୍ରାଣ୍ଡ୍ ଆଉଟ୍‌ଲେଟ୍ ମାଧ୍ୟମରେ ଡ୍ୟୁକ୍ ଗ୍ରାହକଙ୍କ ନିକଟରେ ପହଞ୍ଚି ପାରିଛି। ଏହି ଅବସରରେ ଫିକୋର ସଭାପତି ଏସ୍. ଗୁରମିତ ସିଂ କୁଲାର, ଉପସଭାପତି ଭି. ମିତ୍ତଲ, ଫିକୋ ବୟନ ଶିଳ୍ପ ବିଭାଗର ମୁଖ୍ୟ ଅଜିଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

କେରଳ ବନ୍ୟା ପୀଡିତଙ୍କୁ ସହାୟତା

ହୋଣ୍ଡା ଗ୍ରୁପ୍ ଦେଲା ୩କୋଟି

ନୂଆଦିଲ୍ଲୀ,୨୮-୮(ପି.ଟି)

ହୋଣ୍ଡା ଗ୍ରୁପ୍ କମ୍ପାନୀ ପକ୍ଷରୁ କେରଳର ବନ୍ୟା ପୀଡିତଙ୍କ ଲାଗି ୩ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରାଯାଇଛି। ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ସ୍ୱରୂପ କମ୍ପାନୀ ଏହି ଅର୍ଥରାଶି ପ୍ରଦାନ କରିଛି। ନୂଆଦିଲ୍ଲୀଠାରେ ୩ କୋଟି ଟଙ୍କାର ଚେକ୍‌କୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିକୁ ହସ୍ତାନ୍ତର କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନକୁ ଗଠନ କରିବା ଏବଂ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମିକୁ ସଜାଡିବାରେ ସହାୟତା ପ୍ରଦାନ ଲାଗି ହୋଣ୍ଡା ଗ୍ରୁପ୍ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀ ସୂଚନା ଦେଇଛି।

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ୧.୫ କୋଟି

ନୂଆଦିଲ୍ଲୀ,୨୮-୮(ପି.ଟି)

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ କେରଳ ବନ୍ୟା ପୀଡିତଙ୍କ ଲାଗି ସହାୟତା ଘୋଷଣା କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ଲାଗି କମ୍ପାନୀ ପକ୍ଷରୁ ଏକ ସର୍ଭିସ ଭ୍ୟାନ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ନିକଟରେ ପହଞ୍ଚିବା ଲାଗି ବିଭିନ୍ନ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର କର୍ମଚାରୀ, ୩ ଆରଆଣ୍ଡଡି ସେଣ୍ଟର, ୨ କାରଖାନାର କର୍ମଚାରୀ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସ୍ୱେଚ୍ଛାକୃତ ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରକାଶ କରିଛି। କେରଳ ମୁଖ୍ୟମନ୍ତ୍ରୀଙ୍କ ଡିଷ୍ଟ୍ରେସ ରିଲିଫ୍ ପାଣ୍ଠିକୁ ୧.୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସାମ୍‌ସଙ୍ଗର ପ୍ରତିନିଧିମାନେ ଥିରୁଭାନନ୍ତପୁରମଠାରେ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କୁ ଭେଟି ଚେକ୍ ହସ୍ତାନ୍ତର କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ପେପ୍ସୀରେ ଅଦଳବଦଳ: ବିପୁଲଙ୍କ ସ୍ଥାନରେ ବିଶାଲ ମାର୍କେଟିଂ ମୁଖ୍ୟ

ନୂଆଦିଲ୍ଲୀ,୨୮-୮: ମୃଦୁପାନୀୟ ତଥା ସ୍ନାକ୍ସ ନିର୍ମାତା ପେପ୍ସୀକୋର ସିନିୟର ଭାଇସ ପ୍ରେସିଡେଣ୍ଟ(ମୃଦୁପାନୀୟ) ବିପୁଲ ପ୍ରକାଶ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ୧୯୯୮ରୁ ଏହି କମ୍ପାନୀରେ କାର୍ଯ୍ୟରତ ଥିଲେ। ଦୀର୍ଘ ୨୦ ବର୍ଷ

ଶିଖରରେ ସିନ୍ଧୁ

ଜାକର୍ତ୍ତା,୨୮।୮ (ପି.ଟି.): ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ପୁଣି ଏକ ମେଜର ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଚଳିତ ଏସିଆନ ଗେମ୍ସର ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସିନ୍ଧୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ- ୟିଙ୍ଗଙ୍କ ଠାରୁ ୧୩- ୨୧, ୧୬- ୨୧ରେ ପରାସ୍ତ ହୋଇଛନ୍ତି। ମାତ୍ର ୩୪ ମିନିଟରେ ସିନ୍ଧୁଙ୍କୁ ପରାସ୍ତ କରି ତାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଦୁଇଜଣ ଭାରତୀୟ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଦୁଇଟି ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ସାଇନାଙ୍କୁ ମଧ୍ୟ ତାଇ ଅନୁରୂପ ଢଙ୍ଗରେ ସେମିଫାଇନାଲରେ ପରାସ୍ତ କରିଥିଲେ।

୨୩ ବର୍ଷୀୟା ସିନ୍ଧୁ ଏଥିସହ ଚଳିତ ବର୍ଷ ତୃତୀୟଥର ପାଇଁ କୌଣସି ବଡ଼ ଇଭେଣ୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ଏହା ପୂର୍ବରୁ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଫାଇନାଲରେ ସିନ୍ଧୁ ନିଜ ଦେଶର ସାଇନାଙ୍କଠାରୁ ହାରିଥିଲେ। ସେହିପରି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ମୁକାମିଲାରେ ସେ ସ୍ପେନର କରୋଲିନା ମାରିନଙ୍କଠାରୁ ପରାସ୍ତ ହୋଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ସିନ୍ଧୁ ଗତ ରିଓ ଅଲିମ୍ପିକ୍ସ ମହିଳା ସିଙ୍ଗଲ୍ସ ଫାଇନାଲରେ ମାରିନଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ଏହାକୁ ବାଦ୍‌ଦେଲେ ଚଳିତ ବର୍ଷ ସେ ଇଣ୍ଡିଆ ଓପନ୍ ଫାଇନାଲରେ ବେଇଓ୍ୱେନ୍ ଝାଙ୍ଗଙ୍କଠାରୁ ଓ ଥାଇଲାଣ୍ଡ ଓପନ୍ ଫାଇନାଲରେ ନୋଭୋମି ଓକୁହାରାଙ୍କଠାରୁ ମଧ୍ୟ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ।

ତାଇଙ୍କ ବିପକ୍ଷ ଗତ ୫ଟି ମୁକାବିଲାରେ ସିନ୍ଧୁ ପରାସ୍ତ ହୋଇଛନ୍ତି। ତେଣୁ ବିଜୟୀ ହେବା ପାଇଁ ସିନ୍ଧୁଙ୍କୁ ଅତିରିକ୍ତ କିଛି କରି ଦେଖାଇବାର ଆବଶ୍ୟକତା ଥିଲା। ଅନ୍ୟପଟେ ତାଇ ସିନ୍ଧୁଙ୍କ ଉପରେ ପ୍ରବାଭ ବିସ୍ତାର କରି ଖେଳିଥିଲେ। ସିନ୍ଧୁଙ୍କ ପାଖରେ ଆକ୍ରମଣାତ୍ମକ ଭାବେ ଖେଳିବା ଛଡ଼ା ଅନ୍ୟ ଉପାୟ ନ ଥିଲା। କିନ୍ତୁ ତାଇ ତାଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ବିଭିନ୍ନ କୋଣରୁ ଷ୍ଟ୍ରୋକର ଦିଗ ପରିବର୍ତ୍ତନ କରିବା ସହ ବିବିଧତା ଆଣି ସେ ସିନ୍ଧୁଙ୍କୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇ ନ ଥିଲେ। ପ୍ରଥମ ଗେମ୍ ମାତ୍ର ୧୬ ମିନିଟରେ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ଗେମ୍‌କୁ ତାଇ ୧୮ ମିନିଟରେ ଶେଷ କରିଥିଲେ। ତାଇ ନିଜର ଦକ୍ଷତା ଅନୁରୂପ ଖେଳିଥିଲେ।

ତାଇଙ୍କଠାରୁ କ୍ରମାଗତ ଭାବେ ୬ଥର ପରାସ୍ତ ହୋଇଥିଲେ ମଧ୍ୟ ସିନ୍ଧୁ କୌଣସି ଚାପରେ ନ ଥିଲେ ବୋଲି କହିଛନ୍ତି। ତାଇଙ୍କୁ ପରାସ୍ତ କରାଯାଇ ପାରିବ ଓ ପରାଜୟରେ ସେଭଳି କୌଣସି ବଡ଼ ବ୍ୟବଧାନ ନ ଥିଲା। ସହଜ ନ ଥିଲେ ମଧ୍ୟ ତ୍ରୁଟି ସୁଧାରି ପାରିଲେ ଆଗକୁ ତାଇଙ୍କୁ ପରାସ୍ତ କରିପାରିବି ବୋଲି ସିନ୍ଧୁ ମ୍ୟାଚ ପରେ କହିଛନ୍ତି। ଧୈର୍ଯ୍ୟର ସହିତ ଖେଳିଥିଲେ ଫଳାଫଳ ଅଲଗା ହୋଇଥାନ୍ତା। ଅନ୍ୟପଟେ ତାଇ ନିଜ ଦେଶର ପ୍ରଥମ ଏସିଆନ ଗେମ୍ସ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମିରେ ସାଇନା ଓ ଫାଇନାଲରେ ସିନ୍ଧୁଙ୍କୁ ହରାଇ ପୂରା ପ୍ରଭାବ ବିସ୍ତାର କରି ସେ ବିଜୟୀ ହୋଇଛନ୍ତି। ମିଳିତ ଭାବେ ସିନ୍ଧୁ ଓ ସାଇନା ମୋଟ ଉପରେ ୨୨ଟି ମ୍ୟାଚରେ ତାଇଙ୍କଠାରୁ ପରାସ୍ତ ହୋଇଛନ୍ତି। ତେବେ ରିଓ ଅଲିମ୍ପିକ୍ସରେ ସିନ୍ଧୁ ତାଇଙ୍କୁ ହରାଇବାକୁ ସକ୍ଷମ ହୋଇଥିଲେ। ଇତିମଧ୍ୟରେ ତାଇଙ୍କ ଷ୍ଟ୍ରୋକ୍‌ରେ ଯଥେଷ୍ଟ ଉନ୍ନତି ଘଟିଛି ବୋଲି ସିନ୍ଧୁ କହିଛନ୍ତି। ମୋଟ ଉପରେ ଦେଖିବାକୁ ଗଲେ ସିନ୍ଧୁ ତାଙ୍କ କ୍ୟାରିୟର ଦଶମ ଫାଇନାଲରେ ପରାସ୍ତ ହୋଇଛନ୍ତି। ତେବେ କୋଚ୍ ପୁଲେଲା ଗୋପୀଚାନ୍ଦ ତାଙ୍କୁ ସମର୍ଥନ କରିଛନ୍ତି। ଖୁବ୍‌ଶୀଘ୍ର ସିନ୍ଧୁ ଏହି ଫାଇନାଲ ପରାଜୟ ଧାରାକୁ ରୋକିବାରେ ସଫଳ ହେବେ ବୋଲି ସେ ଆଶାପ୍ରକାଶ କରିଛନ୍ତି।

ହାଇଦ୍ରାବାଦ ଜନ୍ମିତ ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଆନ୍ତର୍ଜାତିକ ବ୍ୟାଡମିଣ୍ଟନରେ ସିନ୍ଧୁ ଅସାଧାରଣ ଭାବେ ସଫଳ ରହିଆସିଛନ୍ତି। ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ଜିତିଛନ୍ତି। ସେହିପରି ଉବର କପ୍‌ରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସେ ଦୁଇଟି ବ୍ରୋଞ୍ଜ୍ ଜିତିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ମିକ୍ସଡ ଟିମ୍ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା ସିଙ୍ଗଲ୍ସରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସରେ ଏହି ରୌପ୍ୟ ପଦକ ସହ ପୂର୍ବରୁ ଏକ ବ୍ରୋଞ୍ଜ୍ ମଧ୍ୟ ଜିତିଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ସେ ଗୋଟିଏ ବ୍ରୋଞ୍ଜ ଜିତିଥିବା ବେଳେ ସାଉଥ ଏସିଆନ ଗେମ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିଲେ। କମନୱେଲ୍‌ଥ ୟଥ୍ ଗେମ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ଆନ୍ତର୍ଜାତିକସ୍ତରରେ ବେଶ୍ ସଫଳ ରହିଥିଲେ ମଧ୍ୟ ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ସଂଖ୍ୟା ବେଶ୍ କମ ରହିଛି। ଏବେ ମାତ୍ର ୨୩ ବର୍ଷରେ ପଦାର୍ପଣ କରିଥିବାରୁ ସିନ୍ଧୁ ଆଗକୁ ଆହୁରି ଉଚ୍ଚକୋଟୀର ସଫଳତା ହାସଲ କରିବେ ବୋଲି ଜୋର ଦେଇ କୁହାଯାଇପାରେ। ସିନ୍ଧୁଙ୍କ ମାତାପିତା ପି.ଭି. ରମନା ଓ ପି. ବିଜୟା ଉଭୟ ଜାତୀୟସ୍ତରର ଭଲିବଲ ଖେଳାଳି ହିସାବରେ ବେଶ୍ ସଫଳତା ଅର୍ଜନ କରିଥିଲେ। ମାତାପିତାଙ୍କଠାରୁ ପ୍ରେରଣା ନେଇ ସିନ୍ଧୁ ଏବେ ଏକ ଶ୍ରେଷ୍ଠ କ୍ରୀଡ଼ାବିତ୍‌ରେ ପରିଣତ ହୋଇଛନ୍ତି। ତାଙ୍କ ବଡ଼ ଭଉଣୀ ପି.ପି. ଦିବ୍ୟା ଜଣେ ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ହୋଇଥିଲେ ମଧ୍ୟ କ୍ରୀଡ଼ାରେ ଆଗକୁ ବଢିପାରି ନ ଥିଲେ ଓ ଜଣେ ଡାକ୍ତର ହୋଇଥିଲେ।

ତାରକା

ମହିଳା ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଆନ୍ତର୍ଜାତିକସ୍ତରରେ ଆଉ ଏକ ବଡ଼ଧରଣର ସଫଳତା ହାସଲ କରିଛନ୍ତି। ଚଳିତ ଏସିଆନ୍ ଗେମ୍ସରେ ସେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ- ୟିଙ୍ଗଙ୍କ ଠାରୁ ୧୩- ୨୧, ୧୬- ୨୧ରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।

ସଂକ୍ଷେପରେ.....

- ପୂରା ନାମ: ପୁସର୍ଲା ଭେଙ୍କଟ ରମନା ସିନ୍ଧୁ
- ଜନ୍ମ: ହାଇଦ୍ରାବାଦ, ତେଲେଙ୍ଗାନା
- ବୟସ: ୧୯୯୫ ଜୁଲାଇ ୫ ତାରିଖ (୨୩ ବର୍ଷ)
- ଉଚ୍ଚତା: ୫ ଫୁଟ୍ ୧୦ ଇଞ୍ଚ୍
- ଓଜନ: ୬୫ କେ.ଜି.
- କୋଚ୍: ପୁଲେଲା ଗୋପୀଚାନ୍ଦ
- ପିତା: ପି.ଭି. ରମନା
- ମାତା: ପି. ବିଜୟା
- ଉଚ୍ଚତମ ର‍ୟାଙ୍କିଙ୍ଗ: ୨ (୪ ଏପ୍ରିଲ, ୨୦୧୭)
- ଏବେକାର ର‍ୟାଙ୍କିଙ୍ଗ: ୩ (୧୯ ଜୁଲାଇ, ୨୦୧୮)

- ପଦକ ରେକର୍ଡ
- ଅଲିମ୍ପିକ୍ସ: ରୌପ୍ୟ (୨୦୧୬ ରିଓ ଡି ଜାନେରିଓ)
- ବିଶ୍ୱଚାମ୍ପିୟନଶିପ୍: ୨ ରୌପ୍ୟ (୨୦୧୭, ୨୦୧୮)
- ୨ ବ୍ରୋଞ୍ଜ୍ (୨୦୧୩, ୨୦୧୪)
- ରାଜ୍ୟଗୋଷ୍ଠୀ କ୍ରୀଡ଼ା: ମିକ୍ସଡ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ (୨୦୧୮), ରୌପ୍ୟ (୨୦୧୮), ବ୍ରୋଞ୍ଜ୍ (୨୦୧୪)
- ଏସିଆନ ଗେମ୍ସ: ରୌପ୍ୟ (୨୦୧୮), ମହିଳା ଟିମ୍ ବ୍ରୋଞ୍ଜ୍ (୨୦୧୪)

ଆଉ ଏକ ପଦକ ଦ୍ୱାରରେ ଦୂତୀ

ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ କ୍ୟାରିୟରର ଆଉ ଏକ ସଫଳତା ଦିଗରେ ଅଗ୍ରସର ହୋଇଛନ୍ତି। ସେ ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ହିଟ୍ ନଂ-୪ରେ ଦୌଡ଼ି ସେ ୨୩.୩୭ ସେକେଣ୍ଡ ସମୟ ନେବାସହ ଶୀର୍ଷସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ସେ ଓଭରଅଲ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅପରାହ୍ଣରେ ଅନୁଷ୍ଠିତ ସେମିଫାଇନାଲ ରେସ୍‌ରେ କିନ୍ତୁ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ନିଜ ଟାଇମିଂରେ ସେ ଉନ୍ନତି ଆଣି ୨୩.୦୦ ସେକେଣ୍ଡ ସମୟ ନେବାସହ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଫାଇନାଲରେ ପାଇଁ ଯୋଗ୍ୟତା ପାଇଥିବା ୮ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲେ। ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବାହାରିନର ଓଡିଅଙ୍ଗ ଇଡିଡିଅଙ୍ଗଙ୍କୁ ଦୂତୀ ଏଠାରେ ୧ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ଓଡିଅଙ୍ଗ ୨୩.୦୧ ସେକେଣ୍ଡ ସମୟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦୂତୀଙ୍କ ସହ ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ଚାଇନାର କୋଙ୍ଗ ଲିଙ୍ଗୱେଇ(୨୩.୩୨), କାଜାଖସ୍ତାନର ଓଲ୍‌ଗା ସାପ୍ରାନୋଭା (୨୩.୪୧), ଚାଇନାର ୱେଇ ୟଙ୍ଗଲି (୨୩.୪୫), ଉଜବେକିସ୍ତାନର ନିଗିନା ଶାରିପୋଭା(୨୩.୪୫), ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରି(୨୩.୬୫) ଓ ଭିଏତନାମର କ୍ୱାଚ୍ ଥି ଲାନ(୨୩.୭୬ ସେକେଣ୍ଡ)। ୧୦୦ ମିଟରରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ପ୍ରତିଯୋଗୀ ହିମା ଦାସ ଫ୍ଲାଷ୍ଟାର୍ଟ ଯୋଗୁ ଅଯୋଗ୍ୟ ଘୋଷିତ ହୋଇଥିଲେ।

ପୂର୍ଣ୍ଣିମାଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ହେପ୍ଟାଥଲନ ମଙ୍ଗଳବାର ଆରମ୍ଭ ହୋଇଛି। ୭ ଇଭେଣ୍ଟ ବିଶିଷ୍ଟ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି। ୧୦୦ ମିଟର ରେସ୍‌କୁ ସେ ୧୩.୮୫ ସେକେଣ୍ଡରେ ଅତିକ୍ରମ କରି ୧୦୦୦ ପଏଣ୍ଟ ପାଇଛନ୍ତି। ହାଇଜମ୍ପରେ ୧.୭୩ ମିଟର କ୍ଲିୟର କରି ୮୯୧ ପଏଣ୍ଟ ପାଇଥିବାବେଳେ ୧୨.୨୪ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ୬୭୭ ପଏଣ୍ଟ ହାସଲ କରିଛନ୍ତି। ଦିବସର ଅନ୍ତିମ ଇଭେଣ୍ଟ ମହିଳା ୨୦୦ ମିଟର ରେସ୍‌କୁ ସେ ୨୫.୩୪ ସେକେଣ୍ଡରେ ଅତିକ୍ରମ କରି ୮୫୬ ପଏଣ୍ଟ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ସ୍ୱପ୍ନା ବର୍ମନଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି।

୪୦୦ମିଟର ମିକ୍ସଡ ରିଲେରେ ରୌପ୍ୟ

ଜାକର୍ତ୍ତା, ୨୮।୮ (ପି.ଟି.)

ଏସିଆନ ଗେମ୍ସରେ ପ୍ରଥମ ଥର ସାମିଲ କରାଯାଇଥିବା ୪୦୦ମିଟର ମିକ୍ସଡ ରିଲେ ରେସ୍‌ରେ ବାହାରିନ୍ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ଏକ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। ମହମ୍ମଦ ଆନାସ, ଏମ୍. ଆର. ପୁଭାମା, ହିମା ଦାସ ଓ ଆରୋକିଆ ରାଜୀବଙ୍କୁ ନେଇ ଭାରତୀୟ ଦଳ ୩ ମିନିଟ୍ ଓ ୧୫.୭୧ ସେକେଣ୍ଡ ଟାଇମିଂରେ ରେସ୍ କରିଥିଲା। ବାହାରିନ ୩:୧୧.୮୯ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। କାଜାଖସ୍ତାନ (୩:୧୯.୫୨) ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ କରିଥିଲା।ଭାରତ କିନ୍ତୁ ଏହି ଫଳାଫଳ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବାହାରିନ୍ ଦଳ ବିରୋଧରେ ଅପତ୍ତି ଆଣିଛି। ୪x୪୦୦ ମିଟର ମିକ୍ସଡ ରିଲେ ବେଳେ ପୁଭାମା ୩୦ମିଟର ଅଗ୍ରଣୀ ଲାଭ କରି ଭାରତ ପାଇଁ ସ୍ୱର୍ଣ୍ଣ ସମ୍ଭାବନା କରିଥିଲେ ମାତ୍ର ବାହାରିନ ପ୍ରତିଯୋଗୀ ହିମା ଦାସଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାରୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାରତ ଏନେଇ ବିଚାରକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଛି। ବୁଧବାର ସ୍ଥାନୀୟ ସମୟ ସକାଳ ୧୦ଟା ସମୟରେ ରାୟ ପ୍ରକାଶ ପାଇବ।

କୁରାଶରେ ଭାରତକୁ ରୌପ୍ୟ, ବ୍ରୋଞ୍ଜ

ଏସିଆନ ଗେମ୍ସ ମହିଳା କୁରାଶ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ଏସିଆରେ ଏହା ରେସଲିଂର ଏକ ଭିନ୍ନ ରୂପ ଭାବେ ବେଶ ଲୋକପ୍ରିୟ। ଏହି ଲୋକ କୁସ୍ତିରେ ପ୍ରତିଯୋଗୀମାନେ ତଉଲିଆ ମାଧ୍ୟମରେ ପ୍ରତିପକ୍ଷ ଖେଳାଳିଙ୍କୁ କାବୁ କରିବାକୁ ଚେଷ୍ଟା କରିଥାନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା କୁରାଶର ୫୨ କେ.ଜି ବର୍ଗ ଇଭେଣ୍ଟରେ ଭାରତର ପିଙ୍କି ବାଲହାରା ଓ ମାଲାପ୍ରଭା ୟାଲାପ୍ପା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସ୍ୱର୍ଣ୍ଣପଦକପାଇଁଅନୁଷ୍ଠିତମୁକାବିଲାରେ ପିଙ୍କି ୦-୧୦ରେ ଉଜ୍‌ବେକିସ୍ତାନର ଗୁଲନୋର ସୁଲୟମାନୋଭାଙ୍କଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେ କ୍ୱାର୍ଟରରେ ତାଇପେର ସୋଉ ଚିଆଓ୍ୱେନଙ୍କୁ ୫-୦ରେ ଓ ସେମିରେ ଉଜ୍‌ବେକିସ୍ତାନର ଅବଡଉମାଜିଡୋଭାଙ୍କୁ ୧-୦ରେ ପରାସ୍ତ କରିଥିଲେ। ତେବେ ଏହା ପୂର୍ବରୁ ୟାଲାପ୍ପା ସେମିରେ ସୁଲୟମାନେଭାଙ୍କଠାରୁ ୦- ୧୦ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ଜିତିଥିଲେ।

ପଦକ ତାଲିକା

ଦେଶ	ସ୍ୱର୍ଣ୍ଣ	ରୌପ୍ୟ	ବ୍ରୋଞ୍ଜ	ମୋଟ
ଚାଇନା	୯୭	୬୪	୪୫	୨୦୬
ଜାପାନ	୪୩	୩୮	୬୧	୧୪୨
ଦକ୍ଷିଣ କୋରିଆ	୩୨	୪୦	୪୬	୧୧୮
ଇଣ୍ଡୋନେସିଆ	୨୪	୧୯	୨୯	୭୨
ଇରାନ	୧୭	୧୬	୧୬	୪୯
ଚାଇନିଜ୍ ତାଇପେ	୧୩	୧୪	୨୦	୪୭
ଉତ୍ତର କୋରିଆ	୧୨	୮	୭	୨୭
ଭାରତ	୯	୧୯	୨୨	୫୦
ଉଜବେକିସ୍ତାନ	୯	୧୫	୧୪	୩୮
ଥାଇଲାଣ୍ଡ	୯	୧୧	୩୩	୫୩
କାଜାଖସ୍ତାନ	୭	୮	୨୮	୪୩

ସ୍ୱର୍ଣ୍ଣପଦକପାଇଁଅନୁଷ୍ଠିତମୁକାବିଲାରେ ପିଙ୍କି ୦-୧୦ରେ ଉଜ୍‌ବେକିସ୍ତାନର ଗୁଲନୋର ସୁଲୟମାନୋଭାଙ୍କଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେ କ୍ୱାର୍ଟରରେ ତାଇପେର ସୋଉ ଚିଆଓ୍ୱେନଙ୍କୁ ୫-୦ରେ ଓ ସେମିରେ ଉଜ୍‌ବେକିସ୍ତାନର ଅବଡଉମାଜିଡୋଭାଙ୍କୁ ୧-୦ରେ ପରାସ୍ତ କରିଥିଲେ। ତେବେ ଏହା ପୂର୍ବରୁ ୟାଲାପ୍ପା ସେମିରେ ରହିବା କାରଣରୁ ଶୁଟ୍‌ଆଉଟ୍ ସହାୟତା ନିଆଯାଇଥିଲା। ରାଉଣ୍ଡର ସୁଲୟମାନେଭାଙ୍କଠାରୁ ୦- ୧୦ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ଜିତିଥିଲେ।

ତୀରନ୍ଦାଜୀରେ ଭାରତକୁ ଦୁଇ ରୌପ୍ୟ

ଦଳଗତ ତୀରନ୍ଦାଜ କମ୍ପାଉଣ୍ଡ ଇଭେଣ୍ଟରେ ଭାରତକୁ ଦୁଇଟି ରୌପ୍ୟ ପଦକ ମିଳିଛି। ଉଭୟ ପୁରୁଷ ଓ ମହିଳା ଦଳ କୋରିଆଠାରୁ ପରାଜିତ ହୋଇ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ସୁରେଖା ଜ୍ୟୋତି ଭେନ୍ନାମ, ମୁସ୍କାନ କିରାର ଓ ମଧୁମିତା କୁମାରଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ୨୨୮-୨୩୧ ବ୍ୟବଧାନରେ କୋରିଆଠାରୁ ହାରି ଯାଇଛନ୍ତି। ସେହିଭଳି ଭାରତ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ପୁରୁଷ ଦଳଗତ ଫାଇନାଲ ୨୨୯ ସ୍କୋରରେ ଡ୍ର' ରହିଥିଲା। ପୁରୁଷ ଦଳ ପ୍ରଥମ ଓ ୩ୟ ସେଟ୍‌କୁ ଯଥାକ୍ରମେ ୬୦-୫୬ ଓ ୫୮-୫୬ ବ୍ୟବଧାନରେ ଜିତିଥିଲେ। କିନ୍ତୁ ୨ୟ ଓ ୪ର୍ଥ ସେଟ୍‌ରେ ପଛରେ ପଡ଼ିଯାଇଥିଲେ। ଉଭୟ ଦଳର ସ୍କୋର ବରାବର ରହିବା କାରଣରୁ ଶୁଟ୍‌ଆଉଟ୍ ସହାୟତା ନିଆଯାଇଥିଲା। ରାଉଣ୍ଡର ସୁଲୟମାନେଭାଙ୍କଠାରୁ ୦- ୧୦ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ଜିତିଥିଲେ।

ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଅଗଷ୍ଟ, ୨୦୧୮

ଜାଭେଲିନ୍ ଥ୍ରୋରେ ମୁଁ ଦିନେ ନା ଦିନେ ଭାରତର ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ଦେବି।
–ଅର୍ଶାଦ ନଦିମ, ପାକିସ୍ତାନୀ ଜାଭେଲିନ୍ ଥ୍ରୋୟର



ମୋ ବିଚାରରେ ବର୍ତ୍ତମାନ ଟେଷ୍ଟ କ୍ରିକେଟରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ବିଶ୍ୱର ଶ୍ରେଷ୍ଠ ଅଫ୍ ସ୍ପିନର।
–ଗ୍ରେମ୍ ସ୍ୱାନ
ଇଂଲଣ୍ଡର ପୂର୍ବତନ ଅଫ୍ ସ୍ପିନର

ସଂକ୍ଷେପରେ

ସୁଧାଙ୍କୁ ସରକାରୀ ଚାକିରି

ଲକ୍ଷ୍ନୌ, ୨୮।୮ (ପି.ଟି.): ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିବା ପରେ ସୁଧା ସିଂଙ୍କୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସରକାରୀ ଚାକିରି ପ୍ରସ୍ତାବ ଦିଆଯାଇଛି। ଭେଟେରାନ ଲଙ୍ଗ ଡିଷ୍ଟାନ୍ସ ରନର ଏ ସମ୍ପର୍କରେ କହିଛନ୍ତି, ବିଳମ୍ବ ହେଲେ ବି ଚାକିରୀ ମିଳିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ମୁଁ ଖୁସି ନ ଥିଲେ ବି ଦୁଃଖିତ ନୁହେଁ। ମୁଁ ବହୁ ପୂର୍ବରୁ ଚାକିରି ପାଇବା କଥା। ସୋର୍ଟ୍ସ କୋଟାରେ ଚାକିରି ପାଇଁ ୨୦୧୪ଠାରୁ ଆବେଦନ କରିଛି। ୩୨ ବର୍ଷୀୟ ସୁଧା ୩୦୦୦ ମିଟର ଷ୍ଟିପଲ ଚେଜ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ତାଙ୍କୁ ଚାକିରି ଓ ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦେବା ପାଇଁ ଘୋଷଣା କରିଛି। ''୨୦୧୦ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ସହ ଏସିଆନ୍ ଚାମ୍ପିୟନଶିପ୍ ଓ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ପଦକ ଜିତି ସାରିଛି। ଏହାବାଦ୍ ଅର୍ଜୁନ ସମ୍ମାନ ମଧ୍ୟ ପାଇସାରିଛି। ଏଣୁ କ୍ରୀଡ଼ା ବିଭାଗରେ ଉପ ନିର୍ଦ୍ଦେଶକ ପଦ ଲାଗି ମୁଁ ଉପଯୁକ୍ତ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି, ମାତ୍ର ମୋ ଫାଇଲ ଗତ ୪ ବର୍ଷ ହେଲା ସରକାରୀ କାର୍ଯ୍ୟାଳୟରେ ଥିଲା। ଏ ନେଇ ସେ କ'ଣ ଅବଗତ ନ ଥିଲେ'' ବୋଲି ସୁଧା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୫ରେ ରାଜ୍ୟ ସରକାର ଘୋଷଣା କରିଥିଲେ ଯେ, ଅଲିମ୍ପିକ୍ସ ଓ ଏସିଆନ ଗେମ୍ସରେ ପଦକଧାରୀଙ୍କୁ ଚାକିରୀ ପ୍ରଦାନ କରାଯିବ। ମାତ୍ର ସୁଧାଙ୍କ ନିକଟରେ ଯୋଗ୍ୟତା ଥିବା ସତ୍ତ୍ୱେ ଏହା ତାଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ନ ଥିଲା। ଏପରି କି ସେ ୩ ଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କୁ ଭେଟ କରିବାକୁ ଚାହିଁଥିଲେ, ମାତ୍ର ଦେଖା କରି ପାରି ନ ଥିଲେ। ସେ ଏବେ ସେଣ୍ଟ୍ରାଲ ରେଲୱେରେ କାର୍ଯ୍ୟରତ ଅଛନ୍ତି।

ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତୀ, ଜନଜାତି ଉନ୍ନୟନ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ୨-୧ ଗୋଲରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗକୁ, ଖଣି ଏବଂ ଇସ୍ପାତ ବିଭାଗ ପେନାଲ୍ଟି ଶୁଟ୍ ଆଉଟ୍ ୩-୨ ଗୋଲରେ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ, ପଞ୍ଚାୟତିରାଜ ଏବଂ ଡିଡବ୍ଲ୍ୟୁ ବିଭାଗ ୧-୦ ଗୋଲରେ ସ୍ୱରାଷ୍ଟ୍ର ବିଭାଗକୁ ଏବଂ ଉଚ୍ଚଶିକ୍ଷା ବିଭାଗ ୩-୦ ଗୋଲରେ ସୂଚନା ଏବଂ ଲୋକସମ୍ପର୍କ ବିଭାଗକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଭାରତୀୟ ଦଳରେ ରାଜେଶ

କଟକ ଅଫିସ, ୨୮।୮

ତିନି ବର୍ଷର ବ୍ୟବଧାନ ପରେ ଜାତୀୟ ୧୯ବର୍ଷରୁ କମ୍ କ୍ରିକେଟ ଦଳରେ ପୁର୍ନବାର ଓଡ଼ିଶାର ଜଣେ ଖେଳାଳି ସ୍ଥାନ ପାଇଛନ୍ତି। ଗତ ୨୦୧୫ରେ ଶୁଭମ୍ ନାୟକ ଭାରତୀୟ ୧୯ବର୍ଷରୁ କମ୍ ଦଳରେ ଶେଷ ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ବାଲାଂଦେଶର ଢ଼ାକା ଠାରେ ଆସନ୍ତା ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁ ଥିବା ୧୯ବର୍ଷରୁ କମ୍ ଏସିଆ କପ୍‌ରେ ରାଜ୍ୟର ଡାହାଣହାତୀ ପେସ୍ ବୋଲର ରାଜେଶ ମହାନ୍ତି ଏବେ ଜାତୀୟ ଦଳର ଜର୍ସିରେ ଦେଖିବାକୁ ମିଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଏସିଆକପ୍ ନିମନ୍ତେ ମଙ୍ଗଳବାର ଜାତୀୟ ଦଳ ଘୋଷଣା କରାଯାଇଥିଲା।

୧୯ ବର୍ଷରୁ କମ୍ ଏସିଆ କପ୍

ଅନ୍ୟପକ୍ଷରେ ସେପ୍ଟେମ୍ବର ୧୨ ତାରିଖରୁ ଲକ୍ଷ୍ନୌଠାରେ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ଏକଦିବସୀୟ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ୧୯ବର୍ଷରୁ କମ୍ ଭାରତ-ଏ ଦଳରେ ମଧ୍ୟ ରାଜେଶ ସ୍ଥାନ ପାଇଛନ୍ତି। ପିତା କିଶୋର ଚନ୍ଦ୍ର ମହାନ୍ତି ଓ ମା' ମନୋରମା ମହାନ୍ତିଙ୍କ ପୁତ୍ର ରାଜେଶଙ୍କ ଘର ନୟାଗଡ଼ ଜିଲା ତୁଳସୀପୁର ଅଞ୍ଚଳରେ। ନୟାଗଡ଼ ଜିଲାରେ ରାଜେଶ ଟେନିସ୍ ବଲ କ୍ରିକେଟରେ ଜଣେ ଚମତ୍କାର ବୋଲର ଭାବେ ଜଣାଶୁଣା ଥିଲେ। ୩ବର୍ଷ ପୂର୍ବେ ଭୁବନେଶ୍ୱରେ ହେଉଥିବା ଏକ ଘରୋଇ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ବେଳେ ରାଜ୍ୟର ପୂର୍ବତନ କ୍ରିକେଟର ଦୀପକ ମଙ୍ଗରାଜଙ୍କ ନଜରକୁ ଆସିଥିଲେ। ପରେ ରାମେଶ୍ୱର ସ୍ପୋର୍ଟିଂରେ ଯୋଗ ଦେଇ ଅଭ୍ୟାସ କରିବା ସହ ରାଜ୍ୟ ୧୯ବର୍ଷରୁ କମ ଦଳରେ ସ୍ଥାନ ପାଇଥିଲେ। ଗତ କୁଚବିହାର

ରାଜେଶ ମହାନ୍ତି

ଟ୍ରଫିରେ ରାଜେଶ ୪ଟି ମ୍ୟାଚ ଖେଳି ମୋଟ୍ ୧୧ଟି ଉଇକେଟ ଦଖଲ କରିଥିଲେ। ବରଗଡ଼ଠାରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍‌ର ୨ଟି ଇନିଂସ୍‌ରେ ତାଙ୍କୁ ମୋଟ୍ ୮ଟି ଉଇକେଟ ମିଳିଥିଲା। ଗତ ଜୁଲାଇରେ ରାଜେଶ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀର ୧୯ବର୍ଷରୁ କମ୍ ଶିବିରରେ ଯୋଗ ଦେଇଥିଲେ। ଏହି ଶିବିରରେ ଭଲ ପ୍ରଦର୍ଶନ ହିଁ ଜାତୀୟ ଦଳରେ ତାଙ୍କୁ ସୁଯୋଗ ଦେଇଛି ବୋଲି ରାଜେଶ କହିଛନ୍ତି। ୨୫ଦିନିଆ ଏନ୍‌ସିଏ ଶିବିରରେ ପେସ୍ ବୋଲିଂ କ୍ଷେତ୍ରରେ ଅନେକ କିଛି ଶିଖିବାକୁ ମିଳିଥିବା ବେଳେ ତ୍ରୁଟି ଗୁଡ଼ିକରେ ସୁଧାର ଆସିଛି। ଆସନ୍ତା ଏସିଆ କପ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଲେ ଭଲ ବୋଲିଂ କରି ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ରାଜେଶ କହିଥିଲେ।

ଡିଏଭି, ବିଜେବି କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି): ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ଡିଏଭି ପୋଖରୀପୁଟ ଓ ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଡିଏଭି ୪-୧ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ପ୍ରିୟମ ପଟ୍ଟନାୟକ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ଦ୍ୱିତୀୟ ହ୍ୟାଟ୍ରିକ। ୪ର୍ଥ ଗୋଲଟି ଆୟୁଷ ମିଶ୍ର ଦେଇଥିଲେ। ସାଇ ପକ୍ଷରୁ ଆଶିଷ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ପ୍ରିନ୍ସିପାଲ ସଂନ୍ଧ୍ୟା ଜେନା ଅତିଥିଭାବେ ଯୋଗଦେଇ ପ୍ରିୟମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିଜେବି ସ୍କୁଲ ସତ୍ୟଭାମାପୁରସ୍ଥିତ ବିଜେବି ଇଂଲିଶ୍ ମିଡିୟମ ସ୍କୁଲକୁ ୭-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳର ସ୍ମୃତି ସ୍ୱାଗତ ମହାନ୍ତି ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ଉର୍ମିଳା ଫୁଟବଲ ଏକାଡେମୀ ଅଧ୍ୟକ୍ଷା ଉର୍ମିଳା ଦାସ ଅତିଥିଭାବେ ଯୋଗଦେଇ ସ୍ମୃତି ସ୍ୱାଗତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପବନ ଶାହ ଭାରତ ଅଧିନାୟକ

ନୂଆଦିଲ୍ଲୀ, ୨୮।୮ (ପି.ଟି.)

ଢାକାରେ ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁଥିବା ଏସିଆ କପ୍ ପାଇଁ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷଣା କରାଯାଇଛି। ଆର୍ଯ୍ୟନ ଜୁୟଲଙ୍କ ସ୍ଥାନରେ ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ ପବନ ଶାହଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଓଡ଼ିଶାର ରାଜେଶ ମହାନ୍ତି ସ୍ଥାନ ପାଇଛନ୍ତି। ଜୁୟଲଙ୍କ ବ୍ୟତୀତ ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ଭାରତୀୟ ଦଳର ଅଧିକାଂଶ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜୁୟଲଙ୍କୁ ଯଦିଓ ମାତ୍ର ୧୬ବର୍ଷ ସେ ଆସନ୍ତା ବିଶ୍ୱକପ୍ ଖେଳିବା ଲାଗି ଅଯୋଗ୍ୟ ହେବେ। କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିୟମାନୁସାରେ କୌଣସି ଖେଳାଳିଙ୍କୁ କ୍ରମାଗତ ଦୁଇଟି ବିଶ୍ୱକପ୍‌ରେ ଖେଳିବା ଲାଗି ସୁଯୋଗ ଦିଆଯିବ ନାହିଁ। ଅନ୍ୟପକ୍ଷରେ ଶାହ ଓ ବେଦାନ୍ତ ମୁର୍କରଙ୍କୁ ଯଥାକ୍ରମେ ଚତୁଃରାଷ୍ଟ୍ର ଟୁର୍ନାମେଣ୍ଟ ପାଇଁ ଭାରତ ଏ' ଓ ବି' ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଏଥିରେ ଅନ୍ୟ ଦୁଇ ଦଳ ନେପାଳ ଓ ଆଫଗାନିସ୍ତାନ ଅଂଶଗ୍ରହଣ କରିବେ। ଏହା ଲକ୍ଷ୍ନୌରେ ସେପ୍ଟେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଖେଳାଯିବ।

ଏସିଆ କପ୍ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ: ପବନ ଶାହ (ଅଧିନାୟକ), ଦେବଦୂତ ପାଡିକଲ, ଯଶସ୍ୱୀ ଜଇସ୍ୱାଲ, ଅନୁଜ ରାୱତ (ଉଇକେଟକିପର), ୟାଶ ରାଠୋଡ୍, ଆୟୁଷ ବାଦୋନୀ, ନେହାଲ ୱାଧେରା, ପ୍ରବ ସିମରନ ସିଂ (ଉଇକେଟକିପର), ସିଦ୍ଧାର୍ଥ ଦେଶାଇ, ହର୍ଷ ତ୍ୟାଗୀ, ଅଜୟ ଦେବେଗୌଡ଼, ଯତୀନ ମାଙ୍ଗୱାନୀ, ମୋହିତ ଜାଙ୍ଗ୍ରା, ସମୀର ଚୌଧାରୀ।

୧୯ ବର୍ଷରୁ କମ୍ ଭାରତ ବି' ଦଳ: ବେଦାନ୍ତ ମୁର୍କାର (ଅଧିନାୟକ ଓ ଉଇକେଟକିପର), ଠାକୁର ତିଳକ ବର୍ମା, କାମରାନ ଇକବଲ, ଭାମ୍‌ସି କ୍ରିଷ୍ଣା, ପ୍ରଦୋଷ ରଞ୍ଜନ ପଲ୍, ରିଶଭ ଚୌହାନ, ସିଦ୍ଧାନ୍ତ ରାଣା, ସାୟନ ବିଶ୍ୱାସ (ଉଇକେଟକିପର), ଶୁଭାଙ୍ଗ ହେଗ୍‌ଡେ, ସମୀର ରିଜ୍‌ଭି, ପଙ୍କଜ ଯାଦବ, ଆକାଶ ସିଂ, ଅଶୋକ ସାନ୍ଧୁ, ଆୟୁଷ ସିଂ, ନୀତିଶ ରେଡ୍ଡୀ, ସବୀର ଖାଁ, ସାହିଲ ରାଜ୍, ରାଜବର୍ଦ୍ଧନ ହଙ୍ଗର୍ଗକର।

ଅତିଥିଙ୍କ ଗହଣରେ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପୁରସ୍କାର ବିଜେତା।

ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ

ଭୁବନେଶ୍ୱର, ୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ଯାଦୁଗର ତଥା ଭାରତର ମହାନ କ୍ରୀଡ଼ାବିତ୍ ମେଜର ଧ୍ୟାନଚାନ୍ଦଙ୍କ ୧୧୪ତମ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ପାଳନ ଉପଲକ୍ଷେ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ-୨୦୧୮ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଇଡ୍‌କଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଯୋଗାଇବା ତଥା ଉନ୍ନତି ପାଇଁ ମାସିକ ସମ୍ବାଦଭିତ୍ତିକ ପତ୍ରିକା 'ଦୂରଦର୍ଶୀ' ପକ୍ଷରୁ ବିଗତ ୬ବର୍ଷ ଧରି ଏହି ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଏହି କ୍ରୀଡ଼ା ସମ୍ମାନ ଉତ୍ସବ ଆୟୋଜିତ କରାଯାଇଉଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲୁପ୍ତାୟିତ କ୍ରୀଡ଼ା ପ୍ରତିଭା, ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ କ୍ରୀଡ଼ାରେ ପ୍ରତିଷ୍ଠା କରିଥିବା ବିଶିଷ୍ଟ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସାମ୍ବାଦିକ ଓ ସମୀକ୍ଷକ ଓ କ୍ରୀଡ଼ାରପୃଷ୍ଠପୋଷକମାନଙ୍କୁ ଏହିଉପଲକ୍ଷେ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୂରଦର୍ଶୀର ପୃଷ୍ଠପୋଷକ ଦୁର୍ଗାପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖାଦ୍ୟଯୋଗାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ଅଲିମ୍ପିଆନ ଦିଲୀପ ଟିର୍କା, କ୍ରୀଡ଼ା ପ୍ରଶିକ୍ଷକ କିଶୋର ମାଣିଆ, କ୍ରୀଡ଼ାର ପୃଷ୍ଠପୋଷକତା ପାଇଁ ନାଲ୍‌କୋ, ଆନ୍ତର୍ଜାତୀକ କ୍ରୀଡ଼ା ଘୋଷକ ଅମୀୟ କୁମାର ଚାନ୍ଦ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ, ମନୋଜ କୁମାର ମାନସିଂହ, ସାନ୍ଥୁ, ସୁଶ୍ରୀ ଅନୁରାଧା ପାତ୍ର, ଦୀପ୍ତିରଞ୍ଜନ ବେହେରା, ସ୍ପୋର୍ଟ୍ସ ଏମ୍ପୋରିୟମ (ବେଷ୍ଟ କ୍ରୀଡ଼ା ସପ୍), ତ୍ରିଲୋଚନ ଧଳ, ସୁଶ୍ରୀ ପ୍ରିୟଙ୍କା ମହାନ୍ତି, କିଶନ ବରାଇ ଓ ଖୋର୍ଦ୍ଧା ପାଇକ ଆଖଡ଼ାକୁ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅନ୍ୟତମ ଅତିଥିଭାବେ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ଏମ୍‌ପି ତଥା ଓଟିଡିସି ଅଧ୍ୟକ୍ଷ ଦିଲୀପ ଟିର୍କା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଡ. ଶକ୍ତି ସ୍ୱରୂପ ମିଶ୍ର, ନବରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

ଏସିଆନ୍ ଗେମ୍ସ ହକି

ଭାରତ-ମାଲେସିଆ ସେମିଫାଇନାଲ

ଜାକର୍ତ୍ତା, ୨୮।୮ (ପି.ଟି.)

ଏସିଆନ ଗେମ୍ସ ହକି ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ଭାରତ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରୀଲଙ୍କାକୁ ୨୦-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ପୁଲ୍ ପର୍ଯ୍ୟାୟରେ ଅପରାଜିତ ରହିଥିବା ଭାରତ ସେମିଫାଇନାଲରେ ମାଲେସିଆକୁ ଭେଟିବା ସ୍ପଷ୍ଟ ହୋଇଯାଇଛି। ବିଶ୍ୱର ୫ ନମ୍ବର ର‍ୟାଙ୍କିଙ୍ଗପ୍ରାପ୍ତ ଭାରତ ୩୮ତମ ର‍ୟାଙ୍କିଙ୍ଗ ପ୍ରାପ୍ତ ଶ୍ରୀଲଙ୍କାର ରକ୍ଷଣଭାଗକୁ ସହଜରେ ଭେଦ କରିପାରିଥିଲା ଏବଂ ଇଚ୍ଛା ଅନୁସାରେ ଗୋଲ ସ୍କୋର କରିଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ମାତ୍ର ୩ଟି ଗୋଲ ବରଣ କରିଥିବାବେଳେ ୭୬ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ଶ୍ରୀଲଙ୍କା ବିପକ୍ଷରେ ଭାରତ ତରଫରୁ ଆକାଶଦୀପ ସିଂ (୯ମ, ୧୧ତମ, ୧୭ତମ, ୨୨ତମ, ୪୨ତମ) ବ୍ୟକ୍ତିଗତ ୬ଟି ଗୋଲ ସ୍କୋର କରିଥିବାବେଳେ ତାଙ୍କ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ରୂପିନ୍ଦର ପାଲ ସିଂ (୧ମ, ୫୨ତମ, ୫୩ତମ), ହରମନପ୍ରୀତ ସିଂ (୫ମ, ୨୧ତମ, ୩୩ତମ) ଏବଂ ମନଦୀନ ସିଂ (୩୫ତମ, ୪୩ତମ, ୫୯ତମ) ପ୍ରତ୍ୟେକ ୩ଟି ଲେଖାଏ ଗୋଲ ଦେଇଥିଲେ। ଏହାଛଡ଼ା ଲଳିତ ଉପାଧ୍ୟାୟ (୫୭ତମ, ୫୮ତମ) ଦୁଇଟି ଏବଂ ବିବେକ ସାଗର ପ୍ରସାଦ (୩୧ତମ), ଅମିତ ରୋହିଦାସ (୩୮ତମ) ଏବଂ ଦିଲପ୍ରୀତ ସିଂ (୫୩ତମ) ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ 'ଏ'ରେ ଭାରତ ସମସ୍ତ ୫ଟି ଗେମ୍‌ରେ ବିଜୟ ହାସଲ କରି ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ଗୁରୁବାର ପ୍ରଥମ ସେମିଫାଇନାଲରେ ପୁଲ୍ 'ବି'ର ଦ୍ୱିତୀୟ ମାଲେସିଆ ସହିତ ମୁକାବିଲା କରିବ।

ଆଜିର ସଂକଳ୍ପ

ଭାରତୀ ଭୂଷଣ ମିଶ୍ର

ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଯେ ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବ ମର୍ଯ୍ୟାଦାଜନକ ପୁରୁଷ ହକି ବିଶ୍ୱକପ୍। ଓଡ଼ିଶାରେ ଏହା ହେବ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା। ଏହି କ୍ରୀଡା ମହାକୁମ୍ଭରେ ଯୋଗ ଦେବେ ବିଶ୍ୱର ୧୬ ପ୍ରମୁଖ ହକି ଖେଳୁଥିବା ଦେଶର ଖେଳାଳି, ପ୍ରଶାସକ, ଖବରଦାତା ଓ କ୍ରୀଡାପ୍ରେମୀ ଦର୍ଶକ। ୨୦୧୪ରୁ ଆନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ଓଡ଼ିଶାକୁ ସ୍ଥାନିତ କରିବାକୁ ହୋଇଥିବା ପ୍ରୟାସ ବର୍ତ୍ତମାନ ଶୀର୍ଷ ସୋପାନରେ ପହଞ୍ଚିଛି। ପ୍ରଥମେ ଚାମ୍ପିୟନ୍ସ ଟ୍ରଫି ହକି, ତା'ପରେ ଇଣ୍ଡୋ-ଜାପାନ ହକି ସିରିଜ, ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲ୍ଡ ହକି ଲିଗ ଫାଇନାଲ ଓ ଏବେ ପୁରୁଷ ହକି ବିଶ୍ୱକପ୍। ଓଡ଼ିଶାକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ଦେବା ପାଇଁ ରାଜ୍ୟ ସରକାରଙ୍କର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଆମ ପାଇଁ ଆହୁରି ଏକ ଗର୍ବର କଥା ହେଲା ଯେ ବର୍ତ୍ତମାନ ଓଡ଼ିଶା ହେଉଛି ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ। ଯେତେବେ

MUTUAL FUNDS Sahi Hai

New Fund Offer

SUNDARAM

Services Fund

An open ended equity scheme investing in Services Sector

NFO PERIOD: AUG 29th 2018 - SEP 12th 2018

Scheme re-opens for ongoing subscriptions / redemption from 26.09.2018

CONTROLLED AGGRESSION

Presenting an opportunity to invest in a sector representing 54%~ of the Indian economy. The Indian Services Sector, among the world's fastest growing @7.6%* in 2018, comprises 15 distinct sub-sectors across Transportation, Healthcare, Retail, BPM, Media & Entertainment, Hospitality & Tourism, Online and Financial Services. The Fund Managers' strategy will be to invest in a multi-cap portfolio of Aggressive Small caps, Midcaps and Defensive Large caps in existing (listed Universe of 193 stocks identified with Market Cap of 40 Lakh Crore) and Potential New listings in New Age Service businesses garnering Private Equity investments in excess of Rs. 1.7 lakh crores^ over the last 5 years.

SUNDARAM MUTUAL
UNEARTHING OPPORTUNITIES

Talk to your investment advisor or Call: 1860-425-7237 Visit:www.sundarammutual.com
/SundaramAMC @SundaramMF /sundarammutualofficial

INVEST NOW! NFO CLOSES ON SEP 12th

Investors understand that their principal will be at **Moderately High Risk**

This product is suitable for investors who are seeking*
- Long term capital growth
- Investment in equity / equity related instruments of companies who have businesss predominantly in the Service Sector of the Economy.

*Investors should consult their financial advisors if in doubt about whether the product is suitable for them.

Scan me to visit YouTube

*Source : Morgan Stanley, CEIC, Sundaram Asset Management ~Source : CMIE, Sundaram Asset Management ^ Source : CMIE, PE-deals – Jefferies, Sundaram Asset Management

Mutual fund investments are subject to market risks, read all scheme related documents carefully.

HONDA
The Power of Dreams

सच कर देंगे सपने

TIME TO Livo

₹ 5,999# LOW DOWN PAYMENT

0# PROCESSING FEE

#Finance Scheme is available with select financiers at their sole discretion. ₹5999 low down payment as per financier policy and subject to requried documents. Scheme is valid till 31st August 2018. Financiers can withdraw scheme from market without any prior notice. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.

WITH NEW TRENDY FEATURES

Digital Analogue Meter with Service Due Indicator

Low Rolling Resistance Tubeless Tyre (HET Tyre)

Aerodynamic Design with Attractive Graphics

Scheme Partners: HDFC BANK We understand your world | IndusInd Bank | L&T Financial Services

Honda is HONDA

Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

BEST DEAL HONDA Buy. Sell. Exchange

ALWAYS WEAR HELMET WHILE RIDING

Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

For Bulk/Institutional enquiries, please write us at: institutionalsales@honda2wheelersindia.com

ସଂକ୍ଷେପରେ

ନର୍ଦ୍ଦମା ପାଲଟିଛି ତରାସ ଗ୍ରାମ୍ୟ ରାସ୍ତା

ଜେନାପୁର,୨୮।୮(ଡି.ଏନ.ଏ.)- ସାଧାରଣ ଲୋକମାନଙ୍କ ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ କେତେକ ଯୋଜନା ବିଭାଗୀୟ ଅଧିକାରୀ ଓ କାର୍ଯ୍ୟ ନର୍ବାହି ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ତାହା ଅସଫଳ ହେଉଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଈପୁର ପଞ୍ଚାୟତ ଅଧିନସ୍ଥ ତରାସ ଗ୍ରାମ୍ୟ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଫଳରେ ଏହି ରାସ୍ତା ଉପରେ ବହୁଦିନ ଧରି ପାଣି ଜମି ରହି ନର୍ଦ୍ଦମା ପାଲଟିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ପାଣି ଜମି କାଦୁଅ ପଚପଚ ହେବା ଦ୍ୱାରା ଲୋକମାନେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ବହୁ ଦିନ ଧରି ଲାଗି ରହିଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନାହିଁ। ଏନେଇ ବୃଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରୟା ପ୍ରକାଶ ପାଇଛି। ଏହା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାରୁ ସ୍କୁଲ ଛାତ୍ରୀଛାତ୍ରମାନେ ଯାତାୟତ କରିପାରୁ ନାହାନ୍ତି। ପାଣି କାଦୁଅ ଜମି ରହି ଶିଉଳି ହୋଇଯାଇଥିବାରୁ ପିଲାମାନେ ବେଳେବେଳେ ପଡି ଯାଉଥିବା ଦେଖିବାକୁ ମିଳିଛି। ଏବେ ଓଡିଶାରେ କୋଣ ଅନୁକୋଣରେ ଡେଙ୍ଗୁ ଆତଙ୍କ ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ମଶା ବଂସ ବିସ୍ତାର ହେବା ସହିତ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ଏହାକୁ ନେଇ ଗ୍ରାମବାସୀମାନେ ଚିନ୍ତାରେ ପଡିଛନ୍ତି। ତେଣୁ ଏଠାରେ ହୋଇଥିବା ନିମ୍ନମାନର କାର୍ଯ୍ୟକୁ ବ୍ଲକ୍ ପ୍ରାଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ମରାମତି କରାଯାଇ ପାଣି କାଦୁଅ ନିଷ୍କାସନ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସ୍ୱାଗତ ସମ୍ବର୍ଦ୍ଧନା ପ୍ରସ୍ତୁତି ବୈଠକ

କାଳିଆପାଣି, ୨୮।୮(ଡି.ଏନ୍.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ବିଧାନସଭା ଗୃହରେ ରାଜ୍ୟର ଶ୍ରେଷ୍ଠ ୨୪ ବିଧାୟକଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ମୁଖ୍ୟମନ୍ତ୍ରୀ ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରିଥିଲେ । ଏହାକୁ ନେଇ ସୁକିନ୍ଦା ନିର୍ବାଚନମଣ୍ଡଳୀ ଚଳଚଞ୍ଚଳ ହୋଇପଡ଼ିଛି। ସୁକିନ୍ଦା ଖଣି ଅଞ୍ଚଳରେ ମଙ୍ଗଳବାର ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆସନ୍ତା ଶୁକ୍ରବାର ବିଧାୟକଙ୍କୁ ଭବ୍ୟସମ୍ବର୍ଦ୍ଧନା ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ନୂତନ ପରିଚାଳନା କମିଟି ଗଠନ ନେଇ ବିବାଦ

ସ୍କୁଲ ବନ୍ଦ କରି ଧାରଣାଦେଲେ ଅଭିଭାବକ

ବିରଜାକ୍ଷେତ୍ର,୨୮।୮(ଡି.ଏନ୍.ଏ)

ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତରେ ଅକରପଡ଼ା ପ୍ରାଥମିକ ବିଦ୍ୟାଳୟ ୧୯୭୪ରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫୬ ପିଲା ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟରେ ଥିବା ସମସ୍ୟା ଓ ଦୀର୍ଘଦିନ ଧରି ପରିଚାଳନା କମିଟି ଗଠନ ନ ହେବାରୁ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏ ନେଇ ଅଭିଭାବକମାନେ ମଙ୍ଗଳବାର ପିଲାଙ୍କୁ ବିଦ୍ୟାଳୟ ଯିବାକୁ ବନ୍ଦ କରିବା ସହ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଦୀର୍ଘ ୬ ମାସ ଧରି ସ୍କୁଲର ପରିଚାଳନା କମିଟି ଗଠନ ହୋଇନାହିଁ । ଚଳିତବର୍ଷ ଫେବୃୟାରୀରେ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ପାଇଁ ପ୍ରଧାନଶିକ୍ଷୟିତ୍ରୀ ଅଭିଭାବକମାନଙ୍କର ବୈଠକ ଡକାଇଥିଲେ। ହେଲେ କୋରମ ଅଭାବରୁ ବୈଠକ ହୋଇପାରି ନ ଥିଲା । ଗତ ୨୪ ତାରିଖରେ ନୂତନ ପରିଚାଳନା କମିଟି ଗଠନ ପାଇଁ ପ୍ରଧାନଶିକ୍ଷୟିତ୍ରୀ ଅଭିଭାବକମାନଙ୍କ ବୈଠକ ଡକାଇ ଥିଲେ । ମାତ୍ର ଉକ୍ତ ବୈଠକରେ ଅଭିଭାବକଙ୍କ ଉପସ୍ଥିତି କମ୍ ଥିବାରୁ ୨୭ ତାରିଖରେ ପୁନର୍ବାର ବୈଠକ ବସିବ ବୋଲି କହିଥିଲେ । ସୋମବାର ମଧ୍ୟାହ୍ନରେ ୪୦ରୁ ଊର୍ଦ୍ଧ୍ୱ ଅଭିଭାବକ ବୈଠକରେ ଯୋଗ ଦେଇଥିଲେ । ନୋଟିସ୍ ହେଲେ ନୂତନ ପରିଚାଳନା କମିଟି ଗଠନ ପାଇଁ ବୈଠକ ହେବ ବୋଲି ପ୍ରଧାନଶିକ୍ଷୟିତ୍ରୀ ଅଭିଭାବକଙ୍କୁ କହିବା ସହ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିବାରୁ ସେମାନେ ବିଦ୍ୟାଳୟରୁ ପଳାଇ ଆସିଥିଲେ। ମାନସ ଜେନା, ସଇନ ଜେନା, ଦିଲ୍ଲୀପ ଦାସ, ପ୍ରଦୀପ ଦାସ, ଗୋପୀନାଥ ଦାସ, ସଦିଆ ଦାସ, ଚନ୍ଦ୍ରା ଦାସ, ବୁଢ଼ିଆ ମଲ୍ଲିକ, ଝୁନ ଦାସ, ଝୁନି ଦାସ, ମୀନତି ଦାସ, ଲକ୍ଷ୍ମୀ ଦାସ, ଦୀପକ ମଲ୍ଲିକ ପ୍ରମୁଖ ଅଭିଭାବକ ବୈଠକରେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଥିବା ଶୌଚାଳୟକୁ ବନ୍ଦ କରାଯାଇ ପିଲାଙ୍କୁ ବାହାରେ ଶୌଚ କରିବାକୁ କୁହାଯାଉଛି । ପରିଚାଳନା କମିଟି ନ ଥିବାରୁ ବିଦ୍ୟାଳୟର ଉନ୍ନତି ପାଇଁ ଆସୁଥିବା ଅର୍ଥ ଠିକ୍‌ଭାବେ ବିନିଯୋଗ ହୋଇପାରୁନାହିଁ। । ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ମାତନ ସେଠୀ କୁହନ୍ତି, କୋରମ ଅଭାବରୁ ନୂତନ ପରିଚାଳନା କମିଟି ଗଠନ ହୋଇପାରିନାହିଁ । ନୋଟିସ୍ ହେଲେ ନୂତନ ପରିଚାଳନା କମିଟି ପାଇଁ ବୈଠକ ହେବ । ହେଲେ ଅଭିଭାବକମାନେ ଜାଣିଶୁଣି ବିବାଦ ସୃଷ୍ଟି କରୁଛନ୍ତି। ପିଲାମାନେ ବିଦ୍ୟାଳୟକୁ ନ ଆସିବା ଘଟଣା ବିଷୟରେ ପ୍ରଧାନଶିକ୍ଷୟିତ୍ରୀ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରିବା ପରିବର୍ତ୍ତେ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗ ଲୋଡ଼ିଛନ୍ତି ବୋଲି ସୂଚନା ଦେଇଥିଲେ ।

ବେଆଇନ ଭାବେ ଚାଲିଛି ସେନା ତାଲିମ କେନ୍ଦ୍ର

ବରୀ,୨୮।୮(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅଧୀନ ବାଲିଆ ଓ ସୁଜନପୁରଠାରେ ବେଆଇନଭାବେ ସେନା ତାଲିମ କେନ୍ଦ୍ର ଚାଲିଛି। ଏ ନେଇ ସୋମବାର ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ଚାଲୁଥିବା ଏହି ବେଆଇନ ସେନା ତାଲିମ କେନ୍ଦ୍ର ଉପରେ ୪ ମାସ ପୂର୍ବେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ସେନା ତାଲିମ କେନ୍ଦ୍ର ଖୋଲିବା ପୂର୍ବରୁ ସରକାରୀ ଭାବେ ପଞ୍ଜୀକୃତ କରିବାର ନିୟମ ରହିଛି। କିନ୍ତୁ ସୁଜନପୁର ଓ ବାଲିଆଠାରେ ଚାଲିଥିବା ସେନା ତାଲିମ କେନ୍ଦ୍ର ପଞ୍ଜୀକୃତ ହୋଇ ନ ଥିବା ଜଣାପଡିଛି। ଭାରତୀୟ ସୈନ୍ୟ ବାହିନୀ, ପ୍ରତିରକ୍ଷା ବାହିନୀ ଓ କନ୍‌ଷ୍ଟେବଳରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ନାଁରେ ତାଲିମ ଦିଆଯାଉଛି। ୧୮ ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୁବତୀ ଯୁବକ ତାଲିମ ନେଉଛନ୍ତି। ପ୍ରତିବର୍ଷ ୨ କେନ୍ଦ୍ରରେ ୧୦୦ରୁ ଊର୍ଦ୍ଧ୍ୱ ପିଲା ତାଲିମ ନେଉଥିବା ଜଣାପଡିଛି। ତାଲିମ ପରେ ଚାକିରି ପାଇଁ ପରୀକ୍ଷା ଦେବାକୁ ପଡୁଛି। ଯେଉଁ ପିଲାଙ୍କର ସୈନ୍ୟ ବାହିନୀରେ ଚାକିରି ହୋଇଯାଉଛି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଅଗ୍ରିମ ନିଆଯାଉଛି। ତାଲିମ କେନ୍ଦ୍ର ପରିଚାଳକମାନେ ଚାକିରି କରାଇ ଦେବା ନାଁରେ ଲକ୍ଷଲକ୍ଷ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ପରୀକ୍ଷା ପରେ ଚାକିରି ହେଉ ନ ଥିବା ପିଲାଙ୍କୁ ପୁନଶ୍ଚ ତାଲିମ ଦିଆଯାଉଛି। ଚାକିରି ପାଇଁ ଚୟନ ହେଉଥିବା ପିଲାଙ୍କର ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଆଗୁଆ ନିଆଯାଉଛି। ଟଙ୍କା ନ ଦେଲା ପର୍ଯ୍ୟନ୍ତ ପ୍ରମାଣପତ୍ର ଫେରସ୍ତ ଦିଆଯାଉନାହିଁ। ଏପରି କି ଟଙ୍କା ନ ଦେବା ପର୍ଯ୍ୟନ୍ତ ତାଲିମ କେନ୍ଦ୍ର ପରିଚାଳକମାନେ ନିଯୁକ୍ତି ଚିଠିକୁ ଗାଏବ କରିଦେଉଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଗରିବ ଶ୍ରେଣୀର ଯୁବତୀ ଯୁବକ ଠକାମିର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିବାକୁ ଦାବି କରାଯାଇଛି।

ଶିକ୍ଷାବିତ୍ କଳ୍ପତରୁ ସାହୁଙ୍କ ୭୭ତମ ଜନ୍ମବାର୍ଷିକ ପାଳିତ

ଯାଜପୁର ରୋଡ,୨୮।୮(ନି.ପ୍ର.)- ସ୍ଥାନୀୟ ବ୍ୟାସନଗର ପବ୍ଲିକ ସ୍କୁଲର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ କଳ୍ପତରୁ ସାହୁଙ୍କ ୭୭ତମ ଜନ୍ମ ବାର୍ଷିକ ସୋମବାର ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଶିଶୁ ବତ୍ସଳ ସ୍ୱର୍ଗତ ସାହୁଙ୍କର ପ୍ରତିଚାରଣ କରାଯିବା ସଙ୍ଗେ ସଙ୍ଗେ ଯାଜପୁରରୋଡର ଅନୁନ୍ନତ ବୃନ୍ଦଭାଟି ଅଞ୍ଚଳରେ ଅବସ୍ଥିତ 'ବୃନ୍ଦଭାଟି ପ୍ରାଥମିକ ବିଦ୍ୟାଳୟ'ର ପିଲାମାନଙ୍କୁ ଏହି ଉତ୍ସବରେ ସାମିଲ କରାଯାଇ କୁନ୍ଥୁକୁନି ପିଲାମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ ସହ ଅମର ଆତ୍ମା ଉଦ୍ଦେଶ୍ୟରେ ସେମାନେ ଏଠାରେ ଏକ ନିଆରା ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଦେବସ୍ମିତା ସାହୁ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଚପଳୋମତି ପିଲାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ କଳା ନୈପୁଣତା ପାଇଁ ସେମାନଙ୍କୁ ପୁରସ୍କୃତ କରିଥିଲେ।

ଗାଁ ରେ ପଶିଲେ ହାତୀ, ଲୋକେ ଆତଙ୍କିତ

ଛତିଆ,୨୮।୮(ଡି.ଏନ୍.ଏ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମ ମଧ୍ୟରେ ସୋମବାର ରାତିରେ ଦୁଇଟି ହାତୀ ପଶିଯାଇ ଆତଙ୍କ ଖେଳାଇଥିଲେ। ଗତ କିଛିଦିନ ହେବ ଉକ୍ତ ଅଞ୍ଚଳରେ ହାତୀ ଆତଙ୍କ ଲାଗି ରହିଛି । ହାତୀପଲ୍ଲ ପ୍ରତିଦିନ ରାତିରେ ଜଙ୍ଗଲରୁ ବାହାରି ଧାନ ବିଲ ନଷ୍ଟ କରୁଛନ୍ତି । ଏଥିସହ ଉକ୍ତ ଗ୍ରାମର ବେଣୁ ପ୍ରଧାନଙ୍କ ଚାଳ ଘର ଭାଙ୍ଗି ଭିତରେ ଥିବା ଗୁଇ ବସ୍ତା ଧାନ ଖାଇ ଦେଇଛନ୍ତି। ହାତୀପଲ ଗ୍ରାମର ମନୋଜ ନାୟକ ଏବଂ ଭୋଳି ରାଉତଙ୍କ ବାଡ଼ିରେ ପଶି ଫସଲ ନଷ୍ଟ କରିଛନ୍ତି। ଏବେ ଡାଲିଯୋଡା ବନାଞ୍ଚଳରେ ୨୦ରୁ ଅଧିକ ହାତୀ ଅବସ୍ଥାନ କରୁଛନ୍ତି। ସମିଆଁ, ଶାଳପଡା, ପାରିଆ, କାଇମାଟିଆ, ବନ୍ତଳା, ବୈରୀ ପଞ୍ଚାୟତବାସୀ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କରମ ଦଶା
ଯେ ଫଳ ଖାଇଲେ ସେ ଫଳ କଷା ।

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ସେହିପରି ଭାଗ୍ୟ ସାଥି ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

କାଚ କାଚ ମଣି ମଣି
କିଣାବିକାରେ ଜଣାଜଣି ।

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣା ପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି, ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ, ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ପ୍ରେଣ୍ଟସ୍ ପବ୍ଲିଶର୍ସ

ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣା

ତଦନ୍ତର ୧୨ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ବରୀ,୨୮।୮(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ମେଦୁଆକୂଳ ଗ୍ରାମର ଅଜାଣ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଚାଉଳକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକ୍ରି କରିଦେଉଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଧରିତ୍ରୀରେ ଗତ୧୧ ତାରିଖରେ ଖବର ପ୍ରକାଶ ପାଇଥିଲା। ବରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଥିଲା। ତଦନ୍ତ ରିପୋର୍ଟକୁ ଚିଠି ନଂ. ୧୪୨୪/ ୧୬।୮।୨୦୧୮ରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇ ଦିଆଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା କହିଛନ୍ତି। ତେବେ ତଦନ୍ତର ୧୨ ଦିନ ବିତିଯାଇଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ, ଅଜାଣ ହାଇସ୍କୁଲରେ ୮ମ ଶ୍ରେଣୀରେ ୩୮ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଦୈନିକ ୧୫ ରୁ ୨୦ ଛାତ୍ରୀଛାତ୍ର ଉପସ୍ଥିତ ରହି ମଧ୍ୟାହ୍ନଭୋଜନ ଖାଉଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୈନିକ ୩୮ ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିବା ରେକର୍ଡରେ ଦର୍ଶାଉଥିଲେ। ଏହି ବଳକା ଚାଉଳକୁ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଉଥିଲା। ଚାଉଳ ବିକ୍ରି ସମୟରେ ଜଣେ ବ୍ୟକ୍ତି ଭିଡିଓ କରି ସୋସିଆଲ ମିଡିଆରେ ଛାଡିଥିଲେ। ଏ ନେଇ ବରୀ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ଏସବୁ ଶିକ୍ଷାଧିକାରୀଙ୍କ ତଦନ୍ତ ପରିସରକୁ ଆସିଛି ବୋଲି ଅଭୟ କୁମାର ବେହେରା ସୂଚନା ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ ତଦନ୍ତକୁ ଆଧାର କରି ଜିଲା ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ହେଲେ ଏଥିରେ ବିଳମ୍ବ ହେଉଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees,
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
ଫୋନ୍ କରନ୍ତୁ
86979-80580
95578-79781

କେମିତି ମଦ ଛାଡିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭାମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। ଜଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୩, ଅଶୋକ ନଗର, ସୁନିଟ୍-୩। ପୁରୀ: ୭ ଓ ୨୦, ହୋଟେଲ ପାରାଡାଇସ୍, ଗ୍ରାଣ୍ଡ ରୋଡ୍, ବଡ଼ଗଣ୍ଡ ନିକଟ। ବାରିପଦା: ୨ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ଝାରୀପଦା: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସ

ସଂକ୍ଷେପରେ

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କୋରେଇ,୨୮।୮(ସ୍ୱ.ପ୍ର.)- ୧୬ ନଂ. ଜାତୀୟ ରାଜପଥ ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ତ୍ରିଲୋଚନପୁର ଗ୍ରାମ ନିକଟରେ ସୋମବାର ରାତିରେ ୨ଜଣ ବାଇକ୍‌ରେ ଆସୁଥିବାବେଳେ ସହଯାତ୍ରୀ ଆରୋହୀଙ୍କ ତଣ୍ଟି କାଟି ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ପାଟିଶୁଣି ଘଟଣାସ୍ଥଳରେ ପହଞ୍ଚିବା ପରେ ମାଧବାନନ୍ଦଙ୍କୁ ଉଦ୍ଧାର କରି ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ପରେ ଥାନାଧିକାରୀ ଅଜୟ କୁମାର ଜେନା ପହଞ୍ଚି ତାଙ୍କୁ ପ୍ରଥମେ ମଧୁବନ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ପଠାଯାଇଛି। ଗୁରୁତର ଜଣକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ବାଘନଟା ଗ୍ରାମର ମାଧବାନନ୍ଦ ସେନାପତି(୪୦)। ଆକ୍ରମଣକାରୀ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତ ତାଳଗଡିଆ ଗ୍ରାମର ସୁଦର୍ଶନ ସାହୁ ଓରଫ ମୃଷା ମାଧବାନନ୍ଦ ତାଳଗଡିଆ ଗ୍ରାମର ଅନନ୍ତାପୁର ଅପସରପୁର ଗ୍ରାମ ନିକଟରେ ଔଷଧ ଦୋକାନ କରିଛନ୍ତି। ପ୍ରତିଦିନ ପରି ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ମୃଷା ତାଙ୍କୁ ଅଟକାଇ ପାଣିକୋଇଲି ଆସିବେ ବୋଲି କହିଥିଲା ଜାତୀୟ ରାଜପଥରେ ନିଛାଟିଆ ଦେଖି ମୃଷା ଏକ ଧାରୁଆ ଛୁରାରେ ମାଧବଙ୍କ ବେକ କାଟି ଦେଇଥିଲେ। ମାଧବଙ୍କର ମୃଷାଙ୍କ ସହିତ କୌଣସି ଶତ୍ରୁତା ନ ଥିବାବେଳେ ବ୍ୟବସାୟିକ ଶତ୍ରୁତାରୁ କେହି ମୃଷାଙ୍କୁ ସୁପାରି ଦେଇଥିବା ଅନୁମାନ କରାଯାଉଛି। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା (୧୩୦/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ବାଲିଚନ୍ଦ୍ରପୁର,୨୮।୮(ସ୍ୱ.ପ୍ର)- ବଡ଼ଚଣା ବ୍ଲକ ସରସ୍ୱତୀ ବଜାରରେ ଦୀର୍ଘ ୨୫ ବର୍ଷ ଧରି ଟାଇପ୍ ଇନ୍‌ଷ୍ଟିଚ୍ୟୁଟ୍ କରି ବ୍ୟବସାୟ କରିଆସୁଥିବା ଅକରପଡ଼ା ଗ୍ରାମର ମିର୍ଜା ଜାବିର ଅଲ୍ଲା ବେଗ୍‌ଙ୍କର ସୋମବାର ପରଲୋକ ହୋଇଛି। ସେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେଇଥିଲେ। ଏ ନେଇ ବାଲିଚନ୍ଦ୍ରପୁର ସରସ୍ୱତୀ ବଜାର ବ୍ୟବସାୟୀଙ୍କ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ମଣ୍ଡପଠାରେ ମଙ୍ଗଳବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବ୍ୟବସାୟୀ ରାଜକିଶୋର ସାହୁଙ୍କ ଅଧକ୍ଷତାରେ ଦିବାକର ସାମଲ ଯୋଗଦେଇ ଜାବିର ବାବୁଙ୍କର ଅମାୟିକ ବ୍ୟବହାର, ବନ୍ଧୁ ବତ୍ସଳ ଓ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଦାନ ଆଦି ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ବେଦ ଓ କୋରାନ ପାଠ କରାଯାଇଥିଲା। ଏଥସହ ମଙ୍ଗଳବାର ସରସ୍ୱତୀ ବଜାର ବନ୍ଦ ରହିଥିଲା।

ଶ୍ରୀଶ୍ରୀ ମୁରଲୀମୋହନଜୀଉଙ୍କ ଝୁଲଣଯାତ୍ରା ଉଦ୍‌ଯାପିତ

ରଗଡ଼ି,୨୮।୮(ଡି.ଏନ୍.ଏ)- ତଳଗଡ଼ ପଞ୍ଚାୟତ କଣ୍ଟାଝରା ଗ୍ରାମରେ ଶ୍ରୀଶ୍ରୀମୁରଲୀମୋହନଜୀଉଙ୍କ ଝୁଲଣଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇ ରବିବାର ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିଲା। ଆସନ୍ତା ୨ ତାରିଖରେ ଜଗ୍ନାଷ୍ଟମୀ ଓ ୩ ତାରିଖରେ ନନ୍ଦ ଉତ୍ସବ ପାଳନ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଶ୍ରୀଶ୍ରୀ ମୁରଲୀମୋହନଜୀଉଙ୍କ କମିଟି ସଭାପତି ଶ୍ରୀକାନ୍ତ ପାଢୀ, ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ବରିଷ୍ଠ ସଭ୍ୟ କ୍ଷୀରୋଦ ପଣ୍ଡା, ସୁରେନ୍ଦ୍ର ରାଉତ, ଅଜୟ ଦାସ, ହେମନ୍ତ କୁମାର ଜେନା, ହୃଦାନନ୍ଦ ନାୟକ, ଅଞ୍ଜନ କୁମାର ନାଏକ, ରମାକାନ୍ତ ଲେଙ୍କା, ଗୋପାଳ ସାହୁ, ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିବେ।

ମଦ ଜବତ, ଜଣେ ଗିରଫ

ଛତିଆ,୨୮।୮(ଡି.ଏନ୍.ଏ)- ଚୋରା ମଦ ବିକ୍ରି ଅଭିଯୋଗରେ ବୈରୀ ପୋଲିସ୍ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଝାଟିଆ ଆଦିବାସୀ ସାହିର ମଙ୍ଗଲ ମୁଣ୍ଡା(୪୦)। ଏ ନେଇ ପୋଲିସ ଏକ ମାମଲା(୯୨/୧୮) ରୁଜୁ କରିବା ସହ ୨୦ ଲିଟର ଦେଶୀ ମଦ ଜବତ କରିଛି। ପ୍ରକାଶ ଯେ, ଜଣେ ବ୍ୟକ୍ତି ଚୋରା ମଦ ନେଇ ଯାଉଥିବା ଥାନା ଅଧିକାରୀ ନିରଞ୍ଜନ ଶବର କୌଣସି ସୂତ୍ରରୁ ଖବର ପାଇବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଆଇ ଅକ୍ଷୟ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ବୈରୀ ଝାଟିଆ ରାସ୍ତା ମଝିରେ ଥିବା ଝାଟିଆ ଆଦିବାସୀ ସାହିରେ ଚଢାଉ କରି ମଙ୍ଗଲଙ୍କୁ କାବୁ କରିଥିଲେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେବାଶ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଚଢାଉ

ବିଞ୍ଝାରପୁର, ୨୮।୮(ଡି.ଏନ୍.ଏ.)

ଉତ୍ତର ପ୍ରଦେଶ ଓ ବିହାରରେ ଥିବା ବିଭିନ୍ନ ସେବାଶ୍ରମରେ ଯୌନ ନିର୍ଯାତନା ଘଟଣାରେ ସୁପ୍ରିମକୋର୍ଟ ସେବାଶ୍ରମଗୁଡିକର ଯାଞ୍ଚ ପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଥିବା ବିଭିନ୍ନ ସେବାଶ୍ରମଗୁଡିକରେ ଚଢାଉ କରାଯାଇଛି। ପ୍ରଥମେ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ପଞ୍ଚାୟତ ନୂଆଗାଁରେ ଥିବା ବଳଦେବ ଜୀଉ ସେବାଶ୍ରମରେ ଚଢାଉ କରାଯାଇଥିଲା। ସେଠାରେ ରହିଥିବା ୫୪ ଜଣ ଶିଶୁ ଓ ଅନ୍ୟାନ୍ୟ ଅସହାୟ ବାଳିକା ଓ ବାଳକଙ୍କୁ ଆଶ୍ରମର ବ୍ୟବସ୍ଥା ସମ୍ବନ୍ଧରେ ପଚାରିବୁଝିବା ସହ ଆଶ୍ରମର ପରିବେଶ ଯାଞ୍ଚ କରାଯାଇଥିଲା। ପରେ ନୂଆଗାଁରେ ଥିବା ଶୀବନ ଶିଳ୍ପ ତାଲିମ କେନ୍ଦ୍ର(ଭିନ୍ନକ୍ଷମ)ରେ ମଧ୍ୟ ଚଢାଉ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଗଣେଶ୍ୱର ସେଠୀ, ଯାଜପୁର ଥାନା ଇନ୍‌ସ୍ପେକ୍ଟର ଜୟନ୍ତୀ ଦଳାଇ, ଏସ୍‌ଆଇ ଶୁଭସ୍ମିତା ଗୁରୁ, ବିଞ୍ଝାରପୁର ଥାନାଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ, ଜିଲା ଶିଶୁ ସୁରକ୍ଷା ୟୁନିଟ ନିରଞ୍ଜନ କର, ଅର୍ଚ୍ଚନା କୁମାରୀ ସାମନ୍ତ ପ୍ରମୁଖ ଚଢାଉରେ ଉପସ୍ଥିତ ରହିଥିଲେ। ଏହି ଯାଞ୍ଚ ସମୟରେ ୫ବର୍ଷ ମଧ୍ୟରେ ଅନ୍ତେବାସୀ କେଉଁଠାରୁ ଆସିଛନ୍ତି। କିପରି ଆସିଛନ୍ତି । କିଏ ତାଙ୍କୁ ଏଠାରେ ଛାଡିଛି । ସେମାନଙ୍କର ମାନସିକ ଓ ଶାରୀରିକ ସ୍ଥିତି କିପରି ଅଛି ସେ ସମ୍ପର୍କରେ ଅନ୍ତେବାସୀଙ୍କୁ ପଚରାଉଚରା କରାଯାଇଥିଲା । ତେବେ ସମସ୍ତ ସେବାଶ୍ରମ ଯାଞ୍ଚ ପରେ ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ନିରଞ୍ଜନ କର କହିଛନ୍ତି।

ସସ୍ମିତା ମୃତ୍ୟୁ ମାମଲା

ପରିବାର ଲୋକଙ୍କୁ ଭେଟିଲା ମହିଳା,କିନ୍ନର ସଙ୍ଘ

ପରିବାରଲୋକଙ୍କ ସହ ମହିଳା,କିନ୍ନର ସଙ୍ଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି

ସୁକିନ୍ଦା, ୨୮।୮(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ସସ୍ମିତା ନାୟକଙ୍କୁ କୋରେଇ ଥାନା ଅନ୍ତର୍ଗତ କୋରାବନ୍ଦୀ ଗ୍ରାମସ୍ଥିତ ଶ୍ୱଶୁର ଘର ଲୋକ ଗତ ୧୩ରେ ପୋଡି ମାରିଦେଇଥିବା ଅଭିଯୋଗ ହୋଇଥିଲା। ଘଟଣାରେ ସସ୍ମିତାଙ୍କ ସ୍ୱାମୀ ସାନ୍ତନୁ ସାମଲ ଏବଂ ଶ୍ୱଶୁର ଚନ୍ଦ୍ରମଣି ସାମଲ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଏହି ଘଟଣାପରେ ଆଜି ଯାଜପୁର ଜିଲ୍ଲା କିନ୍ନର ସଙ୍ଘ ସଭାପତି କାଜଲ ଏବଂ ମଙ୍ଗଳପୁର ମହିଳା ସଙ୍ଘ କର୍ମକର୍ତ୍ତା ମୃତ ସସ୍ମିତାଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି। ତେବେ ଏହି ଘଟଣାରେ ସସ୍ମିତାଙ୍କ ୨ ଜଣ ନଣନ୍ଦଙ୍କୁ ଗିରଫ ଓ କୋରେଇ ପୋଲିସର ମୃତ ସସ୍ମିତାଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର ବିରୋଧରେ ଆସନ୍ତା ୩୦ରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ନେଇ ସଂଘ କହିଛି। ସସ୍ମିତା ପୂର୍ବରୁ ଥରେ ରାଗି ଘରକୁ ପଳାଇ ଆସିଥିବା ବେଳେ ସ୍ୱାମୀ ଏବଂ ନଣନ୍ଦ ତାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା କହିଥିଲେ । ହେଲେ କେହି ବିଶ୍ୱାସ ନ କରି ସ୍ୱାମୀ ନେବାକୁ ଚାହିଁବାରୁ ତାଙ୍କ ସହ ପଠାଇ ଦେଇଥିଲୁ । ତେବେ ସସ୍ମିତା ଯିବା ବେଳେ ଆଉ ଫେରିବେ କି ନାହିଁ ଜଣାନାହିଁ ବୋଲି କହିଁ ଯାଇଥିଲେ । ତେଣୁ ସସ୍ମିତାଙ୍କୁ ତାଙ୍କ ଶ୍ୱଶୁର,ଶାଶୁ,ସ୍ୱାମୀ ଏବଂ ନଣନ୍ଦ ମିଶି ମାରିଦେଇଛନ୍ତି ବୋଲି ଭାଉଜ ସୁମିତ୍ରା ନାୟକ କହିଥିଲେ । ମୃତ୍ୟୁ ସମୟରେ ପରିବାର ପକ୍ଷରୁ ଏତାଲାରେ ଏ ସମସ୍ତ ତଥ୍ୟ ଉଲ୍ଲେଖ ରହି ନ ଥିବାରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମହିଳା ଏବଂ କିନ୍ନର ସଙ୍ଘ ସହ ମିଳିତ ଭାବରେ ଭେଟି ଜଣାଇବେ ବୋଲି କହିଛନ୍ତି।

କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କୋରେଇ, ୨୮।୮ (ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ନୋଡାଲ ହାଇସ୍କୁଲ ପକ୍ଷରୁ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିବା ସହ ନିଜ ଭିତରେ ସଦ୍‌ଭାବନା ରଖି କ୍ରୀଡ଼ା ପରିବେଷଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣିକୋଇଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ଶିକ୍ଷକ ଭୋଳାନାଥ ସାହୁ, ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତିଯୋଗୀତାରେ କୋରେଇ ବ୍ଲକର ୧୨ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୋ ଖୋ, କବାଡ଼ି ଓ ଫୁଟବଲ ପ୍ରତିଯୋଗିତା କରାଯାଇଥିଲା। ଭଲ ଖେଳିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ।

୧୩ ଦଫା ଦାବିରେ ସିପିଆଇର ଧାରଣା

ଚଣ୍ଡିଖୋଲ,୨୮।୮(ଡି.ଏନ.ଏ)

୧୩ ଦଫା ଦାବି ନେଇ ସିପିଆଇ ବଡ଼ଚଣା ଜୋନାଲ କମିଟି ପକ୍ଷରୁ ମଙ୍ଗଳବାର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଦଳର କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନସ୍ୱାର୍ଥ ବିରୋଧି କାର୍ଯ୍ୟକ୍ରମକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ରାଜ୍ୟ ପରିଷଦ ସଭ୍ୟ ଭଜହରି ମହାପାତ୍ର ଅଧକ୍ଷତା କରିଥିଲେ। ଏଆଇସିସିସିର ରାଜ୍ୟ ସମ୍ପାଦକ ସୌରିବନ୍ଧୁ କର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ଗଣତନ୍ତ୍ରକୁ ସୁରକ୍ଷା ଦେବା ପରିବର୍ତ୍ତେ ହତ୍ୟା କରୁଛନ୍ତି ବୋଲି କହିଥିଲେ। ଯାଜପୁର ଜିଲାର ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ ପରି ରାଜ୍ୟର ପ୍ରାୟ ୭ ଶହ ଛୋଟବଡ଼ ଉଦ୍ୟୋଗ ବନ୍ଦ ହୋଇଯାଇଥିବାରୁ ବୈଠକରେ ରାଜ୍ୟ ସରକାରଙ୍କ ଶିଳ୍ପନୀତିକୁ ସମାଲୋଚନା କରାଯାଇଥିଲା। କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ୍ ଫାଟକ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ନିଯୁକ୍ତି ସମସ୍ୟା, ବେକାରୀ ବୃଦ୍ଧି, ଜନ ଧନ ଯୋଜନାରେ ଅର୍ଥ ଲୁଟ୍, ଷ୍ଟେଟ୍ ବ୍ୟାଙ୍କ ସେବାକର ନାମରେ ଲୁଟ୍, ଚାଷୀଙ୍କୁ ପ୍ରୋତ୍ସାହନ ରାଶି ମିଳିବା ଆଦି ଦାବି କରାଯାଇଥିଲା। ରାଜ୍ୟରେ ବଳାତ୍କାର, ଅପରାଧ ଓ ଦଳିତମାନଙ୍କ ପ୍ରତି ଅତ୍ୟାଚାର ବଢି ଚାଲିଥିବାରୁ ବକ୍ତାମାନେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

ଖରିଫ୍ ଧାନ ବେଉଷଣରେ ବିଳମ୍ବ

ରଗଡ଼ି,୨୮।୮(ଡି.ଏନ୍.ଏ)

ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ କୋରେଇ ବ୍ଲକର ୨୮ ପଞ୍ଚାୟତ ଓ ବ୍ୟାସନଗର ମ୍ୟୁନିସିପାଲିଟି ଅଞ୍ଚଳର ୨୦୨୨୦ ହେକ୍ଟର ଜମିରେ ଖରିଫ ଧାନଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ମୌସୁମୀ ବର୍ଷାରେ ବିଳମ୍ବ ଓ ବର୍ଷା ପ୍ରବଳ ଯୋଗୁ ଧାନ ବେଉଷଣ କାର୍ଯ୍ୟ ପଛେଇ ଯାଇଛି। ପ୍ରାୟ ୧୦ ହଜାର ହେକ୍ଟର ଚାଷଜମିରେ ଧାନ ବେଉଷଣ କାର୍ଯ୍ୟ ହୋଇନାହିଁ। ଲଘୁଚାପ ଜନିତ ବର୍ଷା ହେବା ଫଳରେ ଚାଷ ଠିକ୍‌ରେ ହୋଇପାରୁନାହିଁ। ଧାନ ତଳି ପଚିଯାଇଛି। ବିଲ କାଦୁଅ ହୋଇଥିଲେ ମଧ୍ୟ ଚାଷୀଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଧାନ ତଳି ନ ଥିବାରୁ ଧାନ ରୁଆ ହୋଇପାରୁନାହିଁ। ଫଳରେ ଚାଷ କାର୍ଯ୍ୟରେ ବିଳମ୍ବ ହେଉଛି। ବର୍ତ୍ତମାନ ଲୋକେ ଟ୍ରାକ୍ଟର ଓ ପାୱାର ଟିଲରରେ ଚାଷ କରୁଛନ୍ତି। ଧାନ ତଳି ନ ମିଳିବାରୁ ଚାଷୀ ଚିନ୍ତାରେ ଅଛନ୍ତି।

GOVERNMENT OF ODISHA
ଓଡ଼ିଶା ସରକାର
OFFICE OF THE BLOCK DEVELOPMENT OFFICER
SADAR BLOCK, SUNDARGARH
INVITATION TENDER CALL NOTICE

No. 2865 **Dt. 26.08.2018**

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

Sl. No.	Name of the Place	Name of the Work	Amount put to Tender in Rs.	Cost of Tender paper (Non-refundable) in Rs.	Bid security EMD 1% in Rs.	Period of Completion	Class of Contractor
1	2	3	4	5	6	7	8
1	Bhawanipur Kirei G.p	Improvement of the road from village Bhawanipur to Model School	30,00,000/-	6,000/-	30,000/-	02 (Two months)	'C' & 'B' Class

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

Sd./- Block Development Officer, Sadar, Sundargarh

No. 179-D

ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

ଜିଲ୍ଲା କନଷ୍ଟେବଳ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଳ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା

No. 179-D:- କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍ତୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୧୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

ଅଧ୍ୟକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ

ବି.ଦ୍ର.: ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୬୬

12028/11/0009/1819

#

ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହ କରିଦେଇ ପାରିବ,
ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ।
- ବ୍ଲେଜ୍ ପାସ୍‌କଲ

ସଂକ୍ଷେପରେ

ଶିକ୍ଷୟିତ୍ରୀଙ୍କ ଅମୃହତ୍ୟା

ଧର୍ମଶାଳା, ୨୮।୮ (ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତି ବଜାରଠାରେ ରହୁଥିବା ଜଣେ ଶିକ୍ଷୟିତ୍ରୀ ମଙ୍ଗଳବାର ସକାଳେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆମୃହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଶିକ୍ଷୟିତ୍ରୀ ଜଣଙ୍କ ସରୋଜିନୀ ଦାସ । ସେ ଅଚ୍ୟୁତପୁରସ୍ଥିତ ଦାମୋଦର ହାଇସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ଏନେଇ ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା (୨୬/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଥିବା ବେଳେ ଘଟଣାର ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି। ସରୋଜିନୀ ମାନସିକ ରୋଗୀ ହୋଇଥିବାରୁ ଏପରି କରିଥିବା ପରିବାର ଲୋକେ କହିଛନ୍ତି। ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ନାଳକଣ୍ଠପୁର ଗ୍ରାମର ଚିତ୍ତ ମହାନ୍ତି ଜାରକା ନିକଟସ୍ଥ ଶାନ୍ତିବଜାରଠାରେ ୮ରୁ୧୦ବର୍ଷ ହେବ ଘର କରି ରହୁଛନ୍ତି। ଚିତ୍ତ ସାହାସପୁର କଲେଜରେ ଅଧ୍ୟକ୍ଷତା କରୁଥିବା ବେଳେ ସ୍ତ୍ରୀ ସରୋଜିନୀ ସ୍ଥାନୀୟ ଅଚ୍ୟୁତପୁରସ୍ଥିତ ଦାମୋଦର ହାଇସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ମଙ୍ଗଳବାର ସକାଳେ ଗାଧୁଆଘରେ ଦେହରେ କିରୋସିନ୍ ଢାଳି ଆତ୍ମହତ୍ୟା କରିଥିବା ପରିବାରଲୋକେ ପୋଲିସକୁ ଖବର ଦେଇଥିଲେ।

ରୌପ୍ୟ ପଦକ ବିଜେତା ପୂର୍ବତନ ଛାତ୍ରୀ ଦୂତୀଙ୍କୁ ଶୁଭେଚ୍ଛା

ଯାଜପୁର ରୋଡ, ୨୮।୮(ନି.ପ୍ର.): ଜାକର୍ତ୍ତାଠାରେ ଆୟୋଜିତ ଅଷ୍ଟାଦଶ ଏସିଆ କ୍ରୀଡାରେ ୧୦୦ମିଟର ଦୌଡରେ ଦୂତୀ ଚାନ୍ଦ ରୌପ୍ୟ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏଥିନେଇ ସମଗ୍ର ଦେଶରେ ଖୁସିର ଲହରି ଖେଳିବା ସହ ବିଭିନ୍ନ ମହଲରୁ ଦୂତୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି କ୍ରମରେ ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଦୂତୀଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦକ ଜ୍ଞାପନ କରାଯାଇଛି। କଲେଜର ଅଧ୍ୟକ୍ଷା ପଙ୍କଜିନର ପାଣି ଶୁଭେଚ୍ଛା ଜଣାଇ ଦୂତୀ ପୂର୍ବରୁ ଆମ କଲେଜ ପକ୍ଷରୁ ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟରେ ଅଂଶ ଗ୍ରହଣ କରି ବହୁବାର ଚାମ୍ପିୟନ ହୋଇ କଲେଜର ଗୌରବ ବଢାଇଥିବାବେଳେ ଏସିଆ କ୍ରୀଡାରେ ରୌପ୍ୟପଦକ ହାସଲକରି ଅନୁଷ୍ଠାନକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି ବୋଲ କହିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଦୂତୀଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ମାରଣାସ୍ତ୍ର ଦେଖାଇ ଲୁଟ୍

ରସୁଲପୁର, ୨୮।୮(ଡି.ଏନ୍.ଏ): ରସୁଲପୁର ବ୍ଲକ ଅନ୍ତର୍ଗତ ଏକତଳା ଗ୍ରାମର ଅନନ୍ତ ଚରଣ ପଣ୍ଡାଙ୍କ ଠାରୁ ମଙ୍ଗଳବାର ରାତିରେ ୫୦ହଜାର ଟଙ୍କା ଲୁଟ ହୋଇଛି। ରାତି ପ୍ରାୟ ସାଢ଼େ ୧୦ଟାରେ ଅନନ୍ତ ବ୍ୟାଙ୍କ କଲେକ୍ସନ ସାରି ଘରକୁ ଫେରୁଥିବାବେଳେ ଗ୍ରାମ ନିକଟସ୍ଥ ତୋଟାଠାରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇ ଥିଲେ। ପରେ ଅନନ୍ତ ଧରିଥିବା ଟଙ୍କା ବ୍ୟାଗ୍‌କୁ ଛଡ଼ାଇ ନେଇ ଚାଲି ଯାଇଥିଲେ। ଏନେଇ ଅନନ୍ତ ଥାନାରେ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଲୋକସମ୍ପର୍କ ନାମରେ ହରିଲୁଟ୍

ଯାଜପୁର ଅଫିସ, ୨୮।୮

ନିର୍ବାଚନ ବର୍ଷ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟରେ ରାଜନୈତିକ ଦଳଗୁଡିକ ମଧ୍ୟରେ ବେଶ୍ ତତ୍‌ପରତା ଦେଖାଦେଲାଣି। ଯାଜପୁର ଜିଲାରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେଲାଣି। ଏଭଳିସ୍ଥିତିରେ ବଡ଼ଚଣା ବିଧାୟକଙ୍କ ସହିତ ଟିଟୋ ସମ୍ପର୍କ(ଲିଙ୍କ) ଅଭିଯୋଗ ଏଠାକାର ରାଜନୈତିକ ପାଣିପାଗକୁ ଟିକେ ଗୋଳିଆ କରିଥିବା ଆଲୋଚନା ହେଉଛି । ଟିଟୋ ନୁହେଁ, ବଡ଼ଚଣାବାସୀଙ୍କ ସହିତ ମନ ଓ ହୃଦୟର ଲିଙ୍କ୍ ରହିଛି ବୋଲି ବିଧାୟକ ଇତିମଧ୍ୟରେ ସଫେଇ ଦେଇଛନ୍ତି। କିନ୍ତୁ ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗରେ ହୋଇଥିବା ଦୁର୍ନୀତିରେ ବିଧାୟକଙ୍କ ସଂପୃକ୍ତି ଥିବାନେଇ ବିରୋଧୀ ଦଳ ଗୁଡିକ ପକ୍ଷରୁ ଅଭିଯୋଗ ହେଉଛି। ଲୋକସମ୍ପର୍କ ନାମରେ ଅପରାଧୀଙ୍କ ସହିତ ଯୋଡ଼ି ହୋଇ ବିଭିନ୍ନ ବିଭାଗରେ ବ୍ୟାପକ ଦୁର୍ନୀତି ଏବଂ ବିନା ଲିଜ୍‌ରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଏଠାରେ ଏକ ପ୍ରକାର ସାଧାରଣ କଥା ପାଲଟି ଯାଇଛି।

ବିଜେଡି ଦଳୀୟ ନେତୃବର୍ଗଙ୍କ କର୍ମଫଳ ଆସନ୍ତା ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଆଲୋଚନା ହେଉଛି। ଦଳର ମୁଖିଆଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ଜନାଧାରର ଏକ ପ୍ରମୁଖ ସ୍ରୋତ ବୋଲି କୁହାଯାଉଥିଲେ ହେଁ ନେତୃବର୍ଗଙ୍କ ବିଭିନ୍ନ ନକରାତ୍ମକ କାର୍ଯ୍ୟକଳାପ ଜିଲା ରାଜନୀତିକୁ ପ୍ରଭାବିତ କରିପାରେ। ଯାଜପୁର ହେଉଛି ଦେଶର ଅନ୍ୟତମ ଗରିବ ଓ ପଛୁଆ ଜିଲା । ବିକାଶ ପରିସଂଖ୍ୟାନ ଭିତ୍ତିରେ ଏହା କୁହାଯାଉଥିଲାବେଳେ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଦେଖିଲେ ଏହି ଜିଲା ଆଦୌ ଗରିବ ନୁହେଁ । ଏହି ଜିଲାରେ ପ୍ରାକୃତିକ ସମ୍ପଦ ଭରପୂର ହୋଇରହିଛି । ହେଲେ ଜିଲାର ନିର୍ବାଚିତ ହୋଇ ଯାଉଥିବା ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ବିକାଶର ପଥ ଉନ୍ମୁକ୍ତ ହୋଇ ପାରିନାହିଁ। ଏହିକ୍ରମରେ ଜିଲାର ବଡ଼ଚଣା ନିର୍ବାଚନ ମଣ୍ଡଳି ଅନ୍ୟତମ । ଏବେ ଜିଲାର ରାସ୍ତାଘାଟର ଅବସ୍ଥାକୁ ଦେଖିଲେ ଯେକେହି ବି ନିର୍ବାଚନ ମଣ୍ଡଳିର ବିକାଶକୁ ସହଜେ ଠଉରାଇ ପାରିବ। ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ୫ବର୍ଷକୁ ବାଦ୍ ଦେଲେ ୧୯୯୦ରୁ ଆଜି ପର୍ଯ୍ୟନ୍ତ ୫ଥର ଅମରପ୍ରସାଦ ଶତପଥି ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୦୦ରୁ ୨୦୦୨ପର୍ଯ୍ୟନ୍ତ କୃଷି ରାଷ୍ଟ୍ରମନ୍ତ୍ରୀ ପଦବୀ ମଧ୍ୟ ସେ ପାଇଛନ୍ତି। କିନ୍ତୁ ଆଜି ବି ବଡ଼ଚଣା ନିର୍ବାଚନ ମଣ୍ଡଳିର ଅନେକ ଅଞ୍ଚଳ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଆଦି କ୍ଷେତ୍ରରେ ଅବହେଳିତ ହୋଇରହିଛି। କେବଳ ଠିକାଦାରୀ ରାଜନୀତି ଏବଂ ଅନେକ ଅପରାଧିକ ବ୍ୟକ୍ତିଙ୍କ ସହିତ ସମ୍ପର୍କ ଏବଂ ସେମାନଙ୍କୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେବାରେ ସହଯୋଗୀ ହେବା ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ୨୦୧୬ରେ ଜଳସମ୍ପଦ ବିଭାଗ ଅଧିନରେ ବିରୂପା ନଦୀବନ୍ଧରେ ୧୪.୮୫ କୋଟି ଟଙ୍କା ବ୍ୟୟରେ ବାଲିଚନ୍ଦ୍ରପୁର-ଇନ୍ଦୁପୁର ୨୦କିମି ରାସ୍ତା ନିର୍ମାଣ ହୋଇଥିଲା। ଟେଣ୍ଡରରେ ସରକାରୀ ଠିକାସଂସ୍ଥା ଓଡିଶା କନଷ୍ଟ୍ରକ୍ସନ କମ୍ପାନୀ(ଓସିସି)କୁ ଏହାର କାର୍ଯ୍ୟାଦେଶ ମିଳିଥିଲା। ତେବେ ଏହି କାର୍ଯ୍ୟକୁ ଟିଟୋ ଗ୍ରୁପ ସମ୍ପାଦନ କରିଥିଲେ। ବର୍ଷକ ମଧ୍ୟରେ ରାସ୍ତାକାର୍ଯ୍ୟ ବିପର୍ଯ୍ୟସ୍ତ ହୋଇ ପଡିଥିଲା । ଏନେଇ ଅଞ୍ଚଳବାସୀ ଅଭିଯୋଗ କରିବାପରେ ଜଳ ସମ୍ପଦ ବିଭାଗ ସଚିବ କାର୍ଯ୍ୟର ତଦନ୍ତ କରିଥିଲେ । ଏହାପରେ ଓସିସିର ମ୍ୟାନେଜରଙ୍କୁ କୋରାପୁଟକୁ ବଦଳି ହୋଇଥିଲା। ଉକ୍ତ ଠିକାସଂସ୍ଥାକୁ କେବଳ କଳା ତାଲିକାଭୁକ୍ତ କରାଯାଇ ବିଭାଗ ନୀରବି ଯାଇଛି। ଜଳସମ୍ପଦ ବିଭାଗର ସମ୍ପୃକ୍ତ କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହି ସବୁକାର୍ଯ୍ୟ ବିଧାୟକ ଅମରଙ୍କ ଇଙ୍ଗିତରେ ହୋଇଥିଲା ବୋଲି ଏବେ ଅଭିଯୋଗ ଉଠିଛି। ଏହି ଘଟଣା ଉପରେ ଅମର ଜବାବ ରଖି ପାରିବେ କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ସେହିପରି ଗେଣ୍ଡୁଟୀ ନଦୀବନ୍ଧରେ ବନ୍ଧାପଡ୍ଡନାଭପୁରରୁ ଚଣ୍ଡିଆ ରାସ୍ତାର ଉନ୍ନତିକରଣ ନାମରେ ୧୩କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୨୦୧୭ରେ ଗଡଜିତ ପାଖରେ ଏହା ଭୁଷୁଡି ପଡିଥିଲା। ତାକୁ ମରାମତି କରାଯାଇଛି ସତ ହେଲେ ଏବେ ରାସ୍ତାର ଅବସ୍ଥାକୁ ଦେଖିଲେ କାର୍ଯ୍ୟର ମାନ ଉପରେ ଯେକେହି ବି ଅଙ୍ଗୁଳି ନିର୍ଦ୍ଦେଶ କରିବ। ଏହାବାଦ କେଲୁଅ ନଦୀବନ୍ଧରେ ବଡ଼ବାଲିକୁଦାଠାରୁ କଲଣଗିରି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇ ଖାଲ ଖମାରରେ ଭର୍ତ୍ତି ହୋଇଛି। ଖାଲି ସେତିକି ନୁହେଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ବିଧାୟକଙ୍କ ସୁପାରିଶରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ହରିଲୁଟ ହୋଇଛି। କଟକ ଜିଲା ଚାରିବାଟିଆ ପୂର୍ତ୍ତ ଡିଭିଜନ ଅଧିନରେ ନିର୍ମିତ କୃଷ୍ଣଦାସପୁର-ରତ୍ନଗିରି, ବଡ଼ଚଣା-ଦର୍ପଣୀ, ଛତିଆ-କଳକଳା, ବଡ଼ଚଣା-ବାଲିଚନ୍ଦ୍ରପୁର ଆଦି ପ୍ରକଳ୍ପ ଏଫ-୨ ଜରିଆରେ ବ୍ୟାପକ ଦୁର୍ନୀତି ହୋଇଛି । ଏଥିରେ ଦଳୀୟ କର୍ମକର୍ତ୍ତାଙ୍କ ସଂପୃକ୍ତି ରହିଥିବା ଅଭିଯୋଗ ଉଠିଛି। ଏସଂକ୍ରାନ୍ତରେ ବିଧାୟକ ଅମରପ୍ରସାଦ ଶତପଥିଙ୍କୁ ପଚାରିବାରେ ସେ କୁହନ୍ତି କୌଣସି ଅପରାଧୀ କିମ୍ବା ଗ୍ୟାଙ୍ଗଷ୍ଟାରଙ୍କ ସହିତ ତାଙ୍କର ସଂପୃକ୍ତି ନାହିଁ । ବଡଚଣାବାସୀଙ୍କ ସହିତ ତାଙ୍କର ମନ ଓ ହୃଦୟର ସମ୍ପର୍କ ରହିଛି । ଆଜି ବଡ଼ଚଣା ନିର୍ବାଚନ ମଣ୍ଡଳି ବିକାଶ ପଥରେ । ବଡ଼ଚଣାର ବିକାଶରେ ଅନ୍ତରାୟ ସୃଷ୍ଟି କରିବା ପାଇଁ ବିରୋଧିମାନେ ହୀନ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି।

ବଡ଼ଚଣା ନିର୍ବାଚନ ମଣ୍ଡଳି

- ଜଳସମ୍ପଦ ବିଭାଗରେ ୧୪ କୋଟି ଟଙ୍କା ଚଳୁ ମାମଲା ଦବିଗଲା
- ହାତଚିଠାରେ ଚାଲିଛି ଠିକାଦାରୀ ରାଜନୀତି

■ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

ହାଇକୋର୍ଟରେ ରୁଜୁ ହେଲା ଜନସ୍ୱାର୍ଥ ମାମଲା

ଯାଜପୁର ଅଫିସ/ ଯାଜପୁରରୋଡ(ନି.ପ୍ର.), ୨୮।୮

କେନ୍ଦ୍ର ସରକାରଙ୍କ ଅନୁମୋଦିତ ଯାଜପୁର ଜିଲାରେ ପ୍ରସ୍ତାବିତ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ହାଇକୋର୍ଟରେ ପହଞ୍ଚିଛି । ମେଡିକାଲ କଲେଜ ପାଣିକୋଇଲିଠାରେ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଗତ ଦୁଇମାସ ଧରି କ୍ରିୟାନୁଷ୍ଠାନ କମିଟି ତରଫରୁ ରାଜ୍ୟ ଓ କେନ୍ଦ୍ରର ପଦାଧିକାରୀମାନଙ୍କୁ ଦାବିପତ୍ର ସହିତ ଭେଟି ଆଲୋଚନା କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନ ପାଇବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ ହୋଇଛି ବୋଲି କମିଟି ପକ୍ଷରୁ ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି । ମାମଲାଟି ହାଇକୋର୍ଟରେ ଡବ୍ଲ୍ୟୁପି(ସି)ପିଆଇଏଲ ନମ୍ବର ୧୫୨୮୮/୨୦୧୮ ଭାବେ ମୁଖ୍ୟବିଚାରପତିଙ୍କ ଅଦାଲତରେ ଗୃହୀତ ହୋଇଛି। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଚନ୍ଦ୍ରଶେଖର ପଣ୍ଡା ଓ ଯୁଗ୍ମ ଆବାହକ ବିବେକାନନ୍ଦ ମହାନ୍ତି ମିଳିତ ଭାବେ ମାମଲା ଦାଖଲ କରିଥିବାବେଳେ ରାଜ୍ୟ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ସଚିବ, ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଯାଜପୁର ଜିଲାପାଳ ତଥା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଆବଶ୍ୟକୀୟ ୨୦ ଏକର ଜମି ନ ଥିବାରୁ ୧୦ କିମି ପରିଧି ମଧ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲାପାଳଙ୍କୁ ସ୍ଥାନ ନିରୁପଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା । ହେଲେ ଜିଲା ପ୍ରଶାସନ ଅତ୍ୟନ୍ତ ତରବରିଆ ଭାବେ ଆଙ୍ଗୁଲାଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ଦେବା ଫଳରେ ସାରା ଜିଲାରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରଶାସନର ଏକପାଖିଆ ନିଷ୍ପତ୍ତି ବିରୁଦ୍ଧରେ ସାରା ଜିଲାରେ ଜନ ଆକ୍ରୋଶ ତୀବ୍ରତର ହୋଇ ବିଭିନ୍ନ ସଭା, ଶୋଭାଯାତ୍ରା ଏବଂ ଧାରଣା ଦିଆଯାଇଥିଲା । ମେଡିକାଲ କଲେଜଟି ଜିଲାର ପ୍ରତ୍ୟେକ ଅଞ୍ଚଳର ସାଧାରଣ ଜନତାଙ୍କ ପାଇଁ ସ୍ୱାସ୍ଥ୍ୟସେବା ତଥା ଶିକ୍ଷା ଯୋଗାଇବାକୁ ଉଦ୍ଦିଷ୍ଟ ଥିବାବେଳେ ଆଙ୍ଗୁଲାର ଅବସ୍ଥିତି ମେଡିକାଲ କଲେଜ ପାଇଁ ସାଧାରଣରେ ଗ୍ରହଣୀୟ ହେଉନାହିଁ। ଅନ୍ୟପକ୍ଷେ ପାଣିକୋଇଲି ଗମନାଗମନ। ଦୃଷ୍ଟିରୁ ଜିଲାରେ ସର୍ବୋତ୍କୃଷ୍ଟ ସ୍ଥାନ । ଏହା ଦୁଇଟି ରାଜପଥର ମିଳନ ସ୍ଥଳ ହୋଇଥିବାବେଳେ ଅନତି ଦୂରରେ ଯାଜପୁରରୋଡ ରେଳପଥ ରହିଛି । ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ଉପଲବ୍ଧ ରହିଛି। ଏହା କେବଳ ଜିଲା ନୁହେଁ ପଡୋଶୀ ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଓ କେନ୍ଦ୍ରାପଡା ଜିଲାର ସାଧାରଣ ଲୋକେ ଉପକୃତ ହୋଇ ପାରିବେ । ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ହୋଇଥିବା ଯୋଗୁ ମିଳିତ କ୍ରିୟାନୁଷ୍ଠାନ କମିଟି ପାଣିକୋଇଲିଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ଜଣାଇଛି।

ଯାଜପୁରରେ ଟ୍ରାଙ୍ଗୁଲାର କମିଟି ବୈଠକ

ଯାଜପୁର ଅଫିସ, ୨୮।୮

କୌଣସି କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ଅଡିଟ ହେବା ଅତ୍ୟନ୍ତ ଜରୁରୀ। ଏହା ଭୁଲ ତ୍ରୁଟିକୁ ସଂଶୋଧନ କରିବା ସହ ଭଲ କାମ କରିବାକୁ ପ୍ରୋତ୍ସାହିତ କରିଥାଏ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ୨ ଦିନିଆ ଟ୍ରାଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ ଟ୍ରାଙ୍ଗୁଲାର କମିଟି ଯେ କୌଣସି ବିଭାଗର ଆର୍ଥିକ ବ୍ୟବସ୍ଥାକୁ ସଂଶୋଧନ କରିବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ବିଶେଷ କରି ସଂପୃକ୍ତ ବିଭାଗର ଆୟ ବ୍ୟୟକୁ ସନ୍ତୁଳନ ଓ ସଠିକ ପରିଚାଳନା ପାଇଁ ଏହା ସହାୟକ ହୋଇଥାଏ ବୋଲି କହିଥିଲେ। ରାଜସ୍ୱ ପରିଷଦର ଆର୍ଥିକ ଉପଦେଷ୍ଟା ସୁବ୍ରତ ଶତପଥୀ ଅଧିକାରୀ ଓ କର୍ମଚାରୀ ଅଭାବରୁ ବର୍ଷକୁ ବର୍ଷ ପ୍ରତ୍ୟେକ ବିଭାଗର ଅଡିଟ ହୋଇପାରୁ ନାହିଁ ବୋଲି ସୂଚନା ଦେଇଥିଲେ।

ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କୁ ପତ୍ର

କଳିଙ୍ଗନଗର, ୨୮।୮(ଡି.ଏନ୍.ଏ)

କଳିଙ୍ଗନଗର ଶିଳ୍ପାଞ୍ଚଳ ଏସିଆ ମହାଦେଶର ସର୍ବବୃହତ ଷ୍ଟିଲ ହବ। କଳିଙ୍ଗନଗରରେ ଟାଟା, ନିଲାଞ୍ଚଳ ଇସ୍ପାତ, ମେସ୍କୋ, ଜିନ୍ଦଲ, ଭିସା, ବିଆର୍‌ପିଏଲ, ୟାଦାନି, ରୋହିତ ଫେରୋଟେକ, ମୈଥାନ ଇସ୍ପାତ, ଇମାମି ସିମେଣ୍ଟ ସହିତ ଅନେକ ଛୋଟ ବଡ଼ ଶିଳ୍ପସଂସ୍ଥା ପ୍ରତିଷ୍ଠା ହୋଇଛି। କଳ କାରଖାନା ଗଢି ଉଠିବା ଦ୍ୱାରା କଳିଙ୍ଗନଗର ଅଞ୍ଚଳରେ ଜଣ୍ଡିସ, କ୍ୟାନସର, କିଡ୍‌ନୀ ରୋଗ ସହିତ ବହୁ ଚର୍ମରୋଗ ରୋଗରେ ବହୁଲୋକ ଆକ୍ରାନ୍ତ ହେଉଥିବାବେଳେ ବିଭିନ୍ନ ସମୟରେ କାରଖାନା ଓ ଗାଡ଼ି ଦୁର୍ଘଟଣାରେ ବହୁ ଲୋକ ଗୁରୁତର ଆହାତ ହେଉଛନ୍ତି। ସେମାନଙ୍କୁ କଳିଙ୍ଗନଗରଠାରୁ ପ୍ରାୟ ୧୦୦କି.ମି ଦୂରକୁ ଚିକିତ୍ସା ନିମନ୍ତେ ଯିବାକୁ ପଡୁଛି। ୨୦୧୦ରେ କେନ୍ଦ୍ର ସରକାରଙ୍କପକ୍ଷରୁ ଓଡିଶାର ଅନୁଗୋଳଠାରେ ୨୦୦ଶଯ୍ୟା ବିଶିଷ୍ଟ ଇଏସଆଇ ହସ୍ପିଟାଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ତେଣୁ ମଙ୍ଗଳବାର ପୂର୍ବତନ ଅର୍ଥମନ୍ତ୍ରୀ ଓ ବିଶିଷ୍ଟ ଶ୍ରମିକ ନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଡୁବୁରିଠାରେ ୨୦୦ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ଖୋଲିବା ପାଇଁ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୁୱାରଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।

ରସୁଲପୁର ତହସିଲଦାରଙ୍କୁ ୫ଟି ପ୍ରଶ୍ନ

ପରିବାରବର୍ଗଙ୍କ ସହ ତହସିଲଦାର ପ୍ରତାପ ଚନ୍ଦ୍ର ରାଉତ।

**ଯାଜପୁର ଜିଲା ରସୁଲପୁର ତହସିଲଦାର ଭାବେ ପ୍ରତାପ ଚନ୍ଦ୍ର ରାଉତ ଅବସ୍ଥାପିତ ହୋଇଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ ଅଧିକାରୀଭାବେ କାର୍ଯ୍ୟ କରୁଛନ୍ତି। ପ୍ରଶାସନିକ ଅଧିକାରୀଭାବେ କାର୍ଯ୍ୟକୁ ସେ ଯେପରି ଗୁରୁତ୍ୱ ଦିଅନ୍ତି ବ୍ୟକ୍ତିଗତ ଜୀବନକୁ ମଧ୍ୟ ସେ ବେଶ୍ ଉପଭୋଗ କରିଥାନ୍ତି। ପ୍ରଶାସନିକ ସେବା କ୍ଷେତ୍ରରେ ଚାକିରି କରିବା ଇଶ୍ୱରଙ୍କ ଆଶୀର୍ବାଦ ବୋଲି କୁହନ୍ତି ତହସିଲଦାର ରାଉତ। ଏହି ଚାକିରି ଜରିଆରେ ସିଧାସଳଖ ଲୋକଙ୍କୁ ସେବା କରିବାର ସୁଯୋଗ ମିଳିଥାଏ । ଏହାର ଦୂରୁପଯୋଗ କଲେ ଭଗବାନ କେବେ କ୍ଷମା ଦେବେ ନାହିଁ ବୋଲି ସେ କୁହନ୍ତି। ତେବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଧରିତ୍ରୀ ପକ୍ଷରୁ ୫ଟି ପ୍ରଶ୍ନ କରାଯାଇଥ

ଖଣି ଉପନିର୍ଦ୍ଦେଶକଙ୍କୁ ଘେରିଲେ ଟ୍ରକ ମାଲିକ

ଯାଜପୁର ରୋଡ,୨୮।୮(ନି.ପ୍ର.)

- ଦାନାପାଣିରେ ଅଙ୍କୁଶ ଲଗାଉଛନ୍ତି ସରକାର
- ଜିପିଏସ୍ ଅଚଳ ଯୋଗୁ ଟ୍ରକ୍ ମାଲିକଙ୍କ ଦୁବୁଦ୍ଧି ବେଉସା

ରାଜ୍ୟ ସରକାର ଖଣି ଅଞ୍ଚଳରେ ପରିବହନ ପାଇଁ ଜିପିଏସ୍ ମେଶିନ ଲଗାଇବା ପାଇଁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଜିପିଏସ୍ ଅଚଳ କାରଣରୁ ଯାଜପୁର ଜିଲାର ଖଣି ପରିବହନ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଛି। ଯାହାଫଳରେ ଟ୍ରକ୍ ମାଲିକମାନେ ସେମାନଙ୍କର ଋଣ କିସ୍ତି ଦେଇ ପାରୁନାହାନ୍ତି। ଏହାର ପ୍ରତିବାଦ କରି ଜିପିଏସ୍ ପ୍ରତ୍ୟାହାର ଦାବି କରି ଟ୍ରକ୍ ମାଲିକମାନେ ଯାଜପୁର ରୋଡ ଡିଡିଏମ ଅଫିସ୍ ଘେରାଉ କରିଥିଲେ। ସରକାରୀ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏଥିରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ଟ୍ରକ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଯାଜପୁର ଜିଲାର ଖଣି ପରିବହନ କ୍ଷେତ୍ରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ନିୟୋଜିତ କରାଯାଇଛି। ଜିପିଏସ୍ ମେଶିନ ଅଚଳ ହୋଇଯିବା ଫଳରେ ଟ୍ରକ୍ଗୁଡିକୁ ଖଣି ଖାଦାନରେ ପରିବହନ ମିଳୁ ନ ଥିବାରୁ ଖଣି ମାଲିକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ବିରୋଧ କରି ଯାଜପୁର ଜିଲାର ଯାଜପୁର ରୋଡ, ସୁକିନ୍ଦା, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ବାରମ୍ବାର ଜିଲା ପ୍ରଶାସନ ଅଧିକାରୀ ଓ ଖଣି ବିଭାଗଙ୍କ ସହ ଆଲୋଚନା କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମଙ୍ଗଳବାର ଯାଜପୁର ରୋଡ ସୁକିନ୍ଦା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଯାଜପୁର ରୋଡ ଖଣି ଉପ ନିର୍ଦ୍ଦେଶକଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ଫଳପ୍ରଦ ନ ହେବାରୁ ବୁଧବାର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ଓ ଖଣି ଉପନିର୍ଦ୍ଦେଶକଙ୍କ ଅଫିସକୁ ଘେରାଓ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

ବିଷ୍ଣାରପୁର, ୨୮।୮(ଡି.ଏନ.ଏ)

ବିଷ୍ଣାରପୁର ବ୍ଲକ ପ୍ରଶାସନ ମଙ୍ଗଳବାର ଅରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଚଢାଉ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ସହ ପ୍ରକଳ୍ପଗୁଡିକୁ ବୁଲିଦେଖିଛନ୍ତି। ଅରେଇ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଜିଲାପ୍ରଶାସନ ପକ୍ଷରୁ ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ଦାମୋଦର ଖଣ୍ଟିଆ, ପଞ୍ଚାୟତ ଅଧିକାରୀ ସତ୍ୟ ରଞ୍ଜନ ମିଶ୍ର, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ, କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ଘଡେଇ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା ପ୍ରମୁଖ ଏହି ଯାଞ୍ଚବେଳେ ଉପସ୍ଥିତ ଥିଲେ । ତେବେ ଏହା ଏକ ରାଜନୈତିକ ଚକ୍ରାନ୍ତ ବୋଲି ସରପଞ୍ଚ ଦେବାନନ୍ଦ ମଲ୍ଲିକ କହିଛନ୍ତି । ଦେଢ ବର୍ଷ ହେବ ପଞ୍ଚାୟତରେ ୧୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ପ୍ରଦାନ କରାଯାଇ ନାହିଁ। ତେବେ କେଉଁ ଆଧାରରେ ତଦନ୍ତ କରାଯାଉଛି ବୋଲି ମଲ୍ଲିକ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ବିଭିନ୍ନ ପ୍ରକଳ୍ପର ତଦନ୍ତ କରାଯାଇଛି। ତଦନ୍ତ ପରେ ଏହାର ରିପୋର୍ଟ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ବିଡିଓ ଦାମୋଦର ଖୁଣ୍ଟିଆ କହିଛନ୍ତି।

ମଦ ଜବତ, ଅଭିଯୁକ୍ତ ଗିରଫ

ରସୁଲପୁର, ୨୮।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର କୁସୁନପୁର ନିକଟରୁ କୁଆଖିଆ ପୋଲିସ ସୋମବାର ୧୫ବୋତଲ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ଜଣକ କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ସୁକାନ୍ତ ରାଉତ। ସୁକାନ୍ତ ବାରବାଟୀ ଅଞ୍ଚଳରୁ ମଦ ନେଇ ଯାଉଥିଲା ବେଳେ କୁଆଖିଆ ପୋଲିସ କୁସୁନୁପୁରଠାରେ କାବୁ କରିଥିଲା। ଏ ନେଇ ମାମଲା (ନଂ-୧୪୦/୧୮) ରୁଜୁ କରାଯାଇଛି।

ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE G.M (ELECTRICAL), E.H.T (O&M) CIRCLE, JAJPUR ROAD
At: Qtr No. 4R/3, TTS Colony, PO: Sobra, Jajpur Road, Dist: Jajpur-755019(Odisha),
Phone/Fax No: 06726-220965(off), E-mail: ehtm.cle.jjp@optcl.co.in
CIN:- U40102OR2004SGC007553

No. Tech-WO-25/1385 Dated 28.08.18

TENDER CALL NOTICE No.-06/18-19

Sealed tenders are invited in two parts from Electrical Contractor having valid HT/ EHT Electrical contract license, valid PAN, IT, GST Registration certificates for "Fixing & retrofitting of 220KV & 132KV section isolators at 220/132/33KV Grid Sub-Station, Duburi(Old) under EHT(O&M) Division, Jajpur Road. Cost of tender paper is Rs. 4,000/- + GST@12% = Rs. 4,480/-, EMD- 1% of the quoted price. Sale of tender documents is from Dated 30.08.2018 (From 10.30 A.M.) to Dated 15.09.2018 (upto 05.00 P.M.). Last date of submission of tender is Date 17.09.2018 upto 01.00 P.M. Date of opening of tender is Date 17.09.2018 at 3.30 P.M. For details visit our website www.optcl.co.in.
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

WORKS DEPARTMENT No.416-B
OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE
e-mail: - seec_bls@rediffmail.com
Government of Odisha "e" Procurement Notice
Bid Identification No.SEEC-2/ 2018-19

No- 6876 dt. 18.08.2017

1.	Nature of work	:-	Roads, Bridge & Building Works
2.	Number of works	:-	7 (Seven) Nos of works
3.	Amount put to Tender	:-	Rs.125.25 Lakhs. to Rs. 385.82 Lakhs
4.	Class of Contractor	:-	"B", "A" & "Special" Class.
5.	Date & Time of availability of bid document in the portal	:-	Dt.29.08.2018 at 10.00 AM
6.	Last Date / Time of receipt of bid in the portal	:-	Dt.12.09.2018 up to 05.00 PM
7.	Date of opening of bid	:-	Dt.15.09.2018 at 4.00 PM
8.	Name & address of the Office inviting bid	:-	Superintending Engineer, Eastern Circle (R&B), Balasore
9	The bidders have to participate in ONLINE bidding only. Further details can be seen from the e-procurement portal "http// tendersodisha.gov.in." All future corrigendum will be available on ONLINE mode only.		

Sd./- M.R. Patnaik
Superintending Engineer,
Eastern Circle (R&B), Balasore
34026/11/0002/1819

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌରସଂସ୍ଥା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।

ତା. ୨୯.୦୮.୨୦୧୮

ପୌରସଦନ ଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ପରିମଳ କର୍ମଚାରୀଙ୍କୁ ଶାଢୀ, ପୋଷାକ, ସାବୁନ ଓ ମିଷ୍ଠାନ୍ନ ବଣ୍ଟନ।

ତା. ୩୦.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

	ପ୍ରକଳ୍ପର ନାମ	ପ୍ରକଳ୍ପର ମୂଲ୍ୟ
	ବେହେରାସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୧)	ଟ. ୯,୧୧,୦୦୦.୦୦
	ହରିଜନ ସାହି ପଛପାଖ ଶୌଚାଳୟ ଉଦ୍‌ଘାଟନ (ୱା.ନଂ.-୧)	ଟ.୫,୩୬,୦୦୦.୦୦
	ମଙ୍ଗଳାଘାଟ କଲ୍ୟାଣ ମଣ୍ଡଳ ଶିଳାନ୍ୟାସ	ଟ. ୬୦,୬୬,୦୦୦.୦୦
	ବିରଳା ଗେଷ୍ଟ ହାଉସ୍ ପାଖ ସୁଲଭ ଶୌଚାଳୟ ଉଦ୍‌ଘାଟନ	ଟ. ୧୫,୮୪,୦୦୦.୦୦
	ମାଛ ମାର୍କେଟ ଶିଳାନ୍ୟାସ (ୱା.ନଂ.-୮)	ଟ. ୨୫,୯୮,୦୦୦.୦୦
	ମୋଚିସାହି ଶୌଚାଳୟ ଉଦ୍‌ଘାଟନ	ଟ. ୧୧,୬୦,୦୦୦.୦୦
	ଗାଡିଖାନା ଗ୍ୟାରେଜ୍ ଗୃହ ଉଦ୍‌ଘାଟନ	ଟ. ୯୯,୯୦,୦୦୦.୦୦

ପୌରସଦନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ବିଧବା ଭତ୍ତା/ ବାର୍ଦ୍ଧକ୍ୟ ଭତ୍ତା / ବିକଳାଙ୍ଗ ଭତ୍ତା/ ପରିବାର ମଙ୍ଗଳ ରାଶି ବଣ୍ଟନ।

ତା. ୩୧.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

	ପ୍ରକଳ୍ପର ନାମ	ପ୍ରକଳ୍ପର ମୂଲ୍ୟ
(୧)	ନୂଆସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୨୬)	ଟ. ୨୫,୦୦,୦୦୦.୦୦
(୨)	ସର୍ବୋଦୟ ନଗର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ	ଟ. ୪୧,୦୦,୦୦୦.୦୦
(୩)	ଚମାର ସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୩୦)	ଟ. ୧୮,୦୬,୦୦୦.୦୦
(୪)	ଟିକରପଡା କମ୍ୟୁନିଟ୍ ସେଣ୍ଟର ଉଦ୍‌ଘାଟନ (ୱା.ନଂ-୩୦)	ଟ. ୧୬,୮୦,୦୦୦.୦୦
(୫)	ପୁରୀ ପୌର କର୍ମଚାରୀ ସଂଘ ଗୃହ ସଂପ୍ରସାରଣ ଉଦ୍‌ଘାଟନ	ଟ. ୧,୭୭,୭୦୭.୦୦
(୬)	ପୁରୀ ସୌରସଂସ୍ଥା ପକ୍ଷରୁ 'ଗୋ ଆମ୍ବୁଲାନ୍ସ' ଉଦ୍‌ଘାଟନ	
(୭)	ପୌରସଦନ ଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଘୂର୍ଣ୍ଣୟ ପାଣ୍ଠି ବଣ୍ଟନ	

ଆସନ୍ତୁ,

ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହର ଗଢିବା ପାଇଁ ହାତରେ ହାତ ମିଳାଇବା।

ସ୍ୱା./- ଶ୍ରୀଯୁକ୍ତ ଶ୍ରୀକାନ୍ତ ତରାଇ, ଓ.ପ୍ର.ସେ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ

ସ୍ୱା./- ଶ୍ରୀମତୀ ଶାନ୍ତିଲତା ପ୍ରଧାନ
ଉପ ନଗରପାଳ
ପୁରୀ ପୌରସଂସ୍ଥା, ପୁରୀ

ସ୍ୱା./- ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡଙ୍ଗୀ
ନଗରପାଳ
ପୁରୀ ପୌରସଂସ୍ଥା, ପୁରୀ

ଓଡ଼ିଶା ସରକାର, କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No.: LA Case No.- 16/2018 **1191** Dated 25.07.2018

No. V-48:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ମାଟିଆଗୁନି ଓରଫ ଗୋପାଳପୁର, ଥାନା- ପାଟଣା, ନଂ.-୧୯୯, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତପସିଲମତେ ପ୍ରାୟ ଏ.୧୧.୬୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସଂଲଗ୍ନ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସଂଶ୍ଳୁକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସଂଶୋଧିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସଂଶ୍ଳୁକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ..... / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।

୬. ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
୧	୨	୩	୪	୫	୬	୭	୮	୯
କେନ୍ଦୁଝର	ସାହାରପଡ଼ା	ମାଟିଆଗୁନି ଓରଫ ଗୋପାଳପୁର	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏ.୬୪.୮୧	ଏ.୧୧.୬୫	ଏଥିସହିତ ସଂଲଗ୍ନ

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୫୫ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଶନେଶ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY MINOR, SUB-MINOR, IN DEO IRRIGATION PROJECT

ଗ୍ରାମ- ମଟିଆଗୁନି ଓରଫ ଗୋପାଳପୁର, କ୍ରମିକ- ୧୯୯, ଥାନା- ପାଟଣା, ତହସିଲ- ସାହାରପଡା, ଜିଲ୍ଲା- କେନ୍ଦୁଝର

କ୍ରମିକ ନମ୍ବର	ଖାତା ନମ୍ବର	ପ୍ଲଟ ନମ୍ବର	ମୋଟ ରକବା	ଅଧିଗୃହୀତ ରକବା	ଜିସମ	ପ୍ରଜାଙ୍କ ନାମ ଓ ଧାନ	ମନ୍ତବ୍ୟ
୧	୨	୩	୪	୫	୬	୭	୮
୧	୧	୬୦୩	୦.୧୬	୦.୦୩	ଶାରଦ ତିନି	ଶ୍ରୀ ବିଶେଇ ପାଟ ଠାକୁରାଣୀ ବିଜେ ନିଜଗାଁ ସେବାୟତ, ଦାମୁ ନାଏକ, ପି: ବିଦା ନାଏକ, ଜା: ବାଥୁଡି, ବା: ନିଜଗାଁ	
୨	୩	୬୦୪ ୧୧୭୬ ୬୦୧ ୧୨୨୮	୦.୧୦ ୦.୨୫	୦.୦୭ ୦.୦୫	ଶାରଦ ତିନି ତଇଳା ଏକ	ଆମିନ ନାଏକ, ପି ; ସାଧୁ ନାଏକ, ଜା: ବାଥୁଡି, ବା: ନିଜଗାଁ	
୩	୪	୫୯ ୬୦ ୬୧ ୩୬୪ ୫୯୯	୨.୩୦ ୧.୬୫ ୦.୫୧ ୦.୩୦ ୦.୪୧	୦.୩୭ ୦.୩୭ ୦.୧୭ ୦..୦୫ ୦.୦୮	ଶାରଦ ତିନି ତଇଳା ଏକ ବଗାୟତ ଦୁଇ ବାଜେଫସଲ ଏକ ତଇଳା ଏକ	ଆଶାମଣୀ ନାଏକ, ପି: କେସନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୪	୫	୩୦ ୪୧ ୮୯ ୪୧ ୧୦୭୬	୨.୪୦ ୧.୭୧ ୧.୦୨ ୦.୪୮	୦.୦୧ ୦.୪୦ ୦.୦୧ ୦.୨୨	ତଇଳା ଏକ ଶାରଦ ତିନି ତଇଳା ଏକ ଶାରଦ ତିନି	କଳାକାର ମହାକୁଡ, ପି: ଶୁକ ମହାକୁଡ, ଜା: ଗୋପାଳ, ବା: ନିଜଗାଁ	
୫	୬	୧୮୧	୧.୩୪	୦.୧୮	ତଇଳା ଏକ	କାଇରି କୋହ୍ନ, ପି ; ଶାମ କୋହ୍ନ, ଜା: କୋହ୍ନ, ବା: ନିଜଗାଁ	
୬	୧୦	୩୧୬	୦.୩୩	୦.୦୯	ବାଜେଫସଲ ଏକ	କିଣା ନାଏକ, ଚୁରା ନାଏକ, ନଟ ନାଏକ, ପି: ବରୁଣ ନାଏକ, ଉମା ନାଏକ, ପି: ସୁବନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୭	୧୧	୨୪	୦.୬୬	୦.୨୬	ତଇଳା ଏକ	କିଣା ନାଏକ, ପି: ବରୁଣ ନାଏକ, ଡମା ନାଏକ, ପି: ସୁବନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୮	୧୫	୬୦୦ ୧୨୨୫	୦.୦୭	୦.୦୧	ଶାରଦ ତିନି	କୈଳାଶ ନାଏକ, ପି: ବିଦ୍ୟାଧର ନାଏକ, ଜା: ବାଥୁଡି, ବା: ନିଜଗାଁ	
୯	୧୬	୩୧୪ ୩୨୨	୦.୬୦ ୦.୮୯	୦.୦୧ ୦.୨୦	ବାଜେଫସଲ ଏକ ବାଜେଫସଲ ଏକ	ଗଙ୍ଗା ନାଏକ, କୌତୁକ ନାଏକ, ପି: ଆସାଦୁ ନାଏକ, ରାନି ନାଏକ, ସ୍ୱାମୀ: ଆସାଦୁ ନାଏକ, ତୁଳସୀ ନାଏକ, ପି: କବୁଣା ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୦	୧୭	୫୯୩	୦.୧୦	୦.୧୦	ଶାରଦ ତିନି	ଗଣ ନାଏକ, ଚରଣ ନାଏକ, ଶୁକ୍ରା ନାଏକ, ପି: କାନୁରୁ ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୧	୧୯	୧୮୨ ୧୦୯୪ ୧୮୪	୦.୧୭ ୦.୬୫	୦.୦୮ ୦.୧୫	ତଇଳା ଏକ ବାଜେଫସଲ ଏକ	ଗମିଆ କୋହ୍ନ, ଲେୟ କୋହ୍ନ, ଟକଲା କୋହ୍ନ, କୁସୁନ କୋହ୍ନ, ରାମି କୋହ୍ନ, ପି: ମୁକୁନ୍ଦ କୋହ୍ନ, ଜା: କୋହ୍ନ, ବା: ନିଜଗାଁ	
୧୨	୨୬	୨୯ ୧୦୪୦ ୩୬୭ ୧୨୬୭ ୧୮୯ ୧୨୮୫	୨.୪୭ ୦.୭୦ ୦.୩୨ ୦.୩୨	୦.୧୮ ୦.୦୪ ୦.୦୩ ୦.୦୬	ତଇଳା ଏକ ତଇଳା ଏକ ବାଜେଫସଲ ଏକ ବାଜେଫସଲ ଏକ	ଘାଷିଆ ନାଏକ, ପି: ଜହ୍ନେଇ ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୩	୨୮	୯୦ ୧୦୪୧ ୧୧୫୦	୦.୮୫ ୦.୨୯	୦.୧୯ ୦.୦୧	ତଇଳା ଏକ ତଇଳା ଏକ	ଚରଣ ନାଏକ, ଗୋକୁଳ ନାଏକ, ଆଦିକନ୍ଧ ନାଏକ, ପି: ରାଧା ନାଏକ, ମହନ ନାଏକ, ପି: ଯଦୁ ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୪	୨୯	୬୨୯ ୬୯୪	୧.୮୫ ୦.୧୮	୦.୨୬ ୦.୦୬	ବାଜେଫସଲ ଏକ ବାଜେଫସଲ ଏକ	ଚୈତନ୍ୟ ବାରିକ, ପି: ଜୁହୁଆ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ	
୧୫	୩୧	୩୦୪	୦.୩୫

ସଂକ୍ଷେପରେ

ଚାଲିଛି ମହାପ୍ରଭୁଙ୍କ ଶ୍ରୀଭୁଜ ମରାମତି

ପୁରୀ ଅଫିସ, ୨୮।୮: ଶ୍ରୀମନ୍ଦିର ପରିସରରେ ଚାଲିଛି ମହାପ୍ରଭୁଙ୍କ ଶ୍ରୀଭୁଜ ମରାମତି। ଠାକୁରଙ୍କ ଶ୍ରୀଭୁଜ ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଯାଇଥିବାରୁ ଏହାର ମରାମତି ଆବଶ୍ୟକ ରହିଥିଲା। ସୁନାବେଶ ପରେ ଏହା ମରାମତି ହେବାକୁ ସ୍ଥିର କରାଯାଇଥିଲା। ତେଣୁ ଗତ ୨୨ ତାରିଖଠାରୁ ଏହି ମରାମତି କାମ ଆରମ୍ଭ ହୋଇଥିବା ଜଣାପଡିଛି। ଶ୍ରୀମନ୍ଦିର ବେଢା ପରିସର ନାଭିକଟା ମଞ୍ଚପରେ ସିସିଟିଭି ନଜରରେ ଏହି ମରାମତି କାମ ଚାଲିଛି। ଭୁବନେଶ୍ୱରରୁ ବଣିଆମାନେ ଆସି ଶ୍ରୀଭୁଜ ମରାମତି କରୁଛନ୍ତି। ଆଗକୁ ମହାପ୍ରଭୁଙ୍କ ବନଭୋଜି ବେଶ ରହିଛି। ଏହି ବେଶରେ ଠାକୁର ଶ୍ରୀଭୁଜ ଲାଗି ହେବେ। ତେଣୁ ଏହି ବେଶ ପୂର୍ବରୁ ଶ୍ରୀଭୁଜ ମରାମତି କରାଯାଉଛି। ସୂଚନାଥାଉ କି, ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କର ଗୋଟିଏ ଶ୍ରୀପୟର ମରାମତି କରାଯାଇଥିଲା। ଏହାପରେ ମରାମତି କାମ ବନ୍ଦ ରହିଥିଲା। ଏବେ ଶ୍ରୀଭୁଜ ମରାମତି ସରିବା ପରେ ଅନ୍ୟ ଶ୍ରୀପୟର ମରାମତି ହେବ। କିନ୍ତୁ ଠାକୁରଙ୍କ ଶ୍ରୀପୟର ମଧ୍ୟରୁ ଗୋଟିଏ ଅଧିକ ନଷ୍ଟ ହୋଇଯାଇଥିବାରୁ ଏଥିରେ ଅଧିକ ସୁନା ଲାଗିବ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଏହା ମରାମତି ହେବ ବୋଲି ଜଣାପଡିଛି।

ଗାନ୍ଧୀଘାଟରେ ପୂଜ୍ୟପୂଜା ସଂସଦର ଜନ ସତ୍ୟାଗ୍ରହ

ପୁରୀ ଅଫିସ, ୨୮।୮: ମଦ ଦୋକାନ ଲାଇସେନ୍ସ ପ୍ରଦାନ କରିବା ଲାଗି ଜିଲାପାଳମାନଙ୍କୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିଛନ୍ତି। ଏହାକୁ ତୀବ୍ର ବିରୋଧ କରିଛି ପୂଜ୍ୟପୂଜା ସଂସଦ। ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ଗାନ୍ଧୀଘାଟ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମଙ୍ଗଳବାର ଜନ ସତ୍ୟାଗ୍ରହ କରିଛନ୍ତି। ଓଡ଼ିଶା ନିଶା ନିବାରଣ ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସଂସଦ ଦାବି କରିଛି। ଏହି ସତ୍ୟାଗ୍ରହରେ ଡ. ବିଶ୍ୱନାଥ ରଥ, ବିଶ୍ୱଜିତ ବଡଜେନା, ହରିହର ମହାପାତ୍ର, ଜୟନ୍ତ କୁମାର ଦାଶ, ରବି ନାରାୟଣ ପଣ୍ଡା, ନୀଳମଣି ସାହୁ, ସତ୍ୟଜିତ ପଟ୍ଟନାୟକ ଓ ଆଲୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ବେଳାଭୂମି ମାର୍ଗକୁ ନୋ ପାର୍କିଂ ଜୋନ ଘୋଷଣା

ପୁରୀ ଅଫିସ, ୨୮।୮

- ସାଇନେଜ ଲଗାଇବ ପୂର୍ତ୍ତ ବିଭାଗ
- ଗାଡ଼ି ହଟାଇବ ପୌରସଂସ୍ଥା
- ଶ୍ରୀମନ୍ଦିର ନିକଟରେ ୨ଟି ପାର୍କିଂଜୋନ ଲାଗି ପ୍ରସ୍ତାବ
- ସମ୍ପ୍ରସାରଣ ହେବ ଚୈତନ୍ୟ ଛକ

ଦିନକୁ ଦିନ ପୁରୀ ଦିଗବାରେଣୀ ଛକ ଠାରୁ କୋକପାମ ଛକ ପର୍ଯ୍ୟନ୍ତ ବେଳାଭୂମି ମାର୍ଗରେ ଭିଡ ଜମୁଛି। ସନ୍ଧ୍ୟା ସମୟରେ ସେଠାରେ ଗାଡି ପାର୍କିଂ ହେଉଛି। ଫଳରେ ଉକ୍ତ ରାସ୍ତାରେ ଭିଡ ଜମିବା ସହିତ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଗବାରେଣୀ ଛକ ଠାରୁ ହୋଟେଲ କାମେଲିଆ ଛକ ପର୍ଯ୍ୟନ୍ତ ବେଳାଭୂମି ମାର୍ଗକୁ ନୋ ପାର୍କିଂ ଜୋନ ଘୋଷଣା କରିଛି ଜିଲା ପ୍ରଶାସନ। ଉକ୍ତ ରାସ୍ତା ପାର୍ଶ୍ୱରେ ନୋ ପାର୍କିଂ ଜୋନ ସାଇନେଜ ଲଗାଇବାକୁ ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଚଢାଉ କରି ଗାଡି ହଟାଇବାକୁ ପୌରସଂସ୍ଥା ଏନ୍‌ଫୋର୍ସମେଣ୍ଟ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ମାଇକଯୋଗେ ପ୍ରଚାର କରି ଗାଡି ନ ରଖିବା ଲାଗି ସଚେତନ କରିବାକୁ ପୌରସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଗତ ୨୪ତାରିଖରେ ଅନୁଷ୍ଠିତ ବୈଠକ ଉପରୋକ୍ତ ନିଷ୍ପତ୍ତି ହୋଇଛି।

ବୈଠକର ବିବରଣୀରୁ ଜଣାପଡିଛି ଯେ, ଚୈତନ୍ୟ ଛକର ସମ୍ପ୍ରସାରଣ କରାଯିବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଲାଗି ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାଂଶ ସମୟରେ ସ୍ୱେରେଜ ଓ ଡ୍ରେନେଜ ପାଣି ବେଳାଭୂମି ମାର୍ଗରେ ଭାସୁଛି। କିଛି ହୋଟେଲ ବେଳାଭୂମି ମାର୍ଗକୁ ବର୍ଜ୍ୟଜଳ ଛାଡୁଛନ୍ତି। ଏହା ଉପରେ ଚଢାଉ ଲାଗି ଏକ ଏନ୍‌ଫୋର୍ସମେଣ୍ଟ ସ୍କାର୍ଡ ଗଠନ କରିବା ଲାଗି ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ଦାଣ୍ଡର ଉଭୟ ପାଶର୍ବେ ଧଳା ଗାର ଟାଣିବା ଲାଗି ସ୍ଥିର ହୋଇଛି। ଉକ୍ତ ଧଳାଗାର ପର୍ଯ୍ୟନ୍ତ ଅଞ୍ଚଳରେ ଉଠାଦୋକାନୀ ବସିବେ। ଗାର ବାହାରକୁ ଆସିଲେ ସେମାନଙ୍କୁ ପୋଲିସ ହଟାଇବ। ଏହାସହିତ ବଡ଼ଦାଣ୍ଡର ସିଂହଦ୍ୱାର ପାର୍କିଂ ପାଇଁ ପୌରସଂସ୍ଥା ଟେଣ୍ଡର କରିବା ଲାଗି ବୈଠକରେ ପ୍ରସ୍ତାବ ଆସିଛି। ସିଂହଦ୍ୱାର ଥାନା ଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ବାଗେଡିଆ ଧର୍ମଶାଳା ଠାରୁ ରାଜନଅର ମଧ୍ୟରେ ପାର୍କିଂ ସ୍ଥଳ କରିବା ଲାଗି ପ୍ରସ୍ତାବ ଆସିଛି। ଶ୍ରୀମନ୍ଦିରକୁ ଆସୁଥିବା ଭିଆଇପିଙ୍କ ଗାଡି ସେଠାରେ ପାର୍କିଂ ହେବ। ବଡ଼ଦାଣ୍ଡରୁ ବୁଲା ଗୋରୁଙ୍କୁ ହଟାଇବା ଲାଗି ପଦକ୍ଷେପ ନେବାକୁ ଜିଲା ପଶୁ ସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାର ନିକଟସ୍ଥ ବିବାଦୀୟ ଗୋଲେଇ ଛକ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଗଙ୍ଗମାତା ମଠର ରହିଥିବା ଗୋଲେଇ ଛକ ଜମି ଚିହ୍ନଟ ଓ ମାପଚୁପ କରିବାକୁ ଲାଗି ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡିଲେ ଉକ୍ତ ଜମି ଅଧିଗ୍ରହଣ କରିବା ଲାଗି ବୈଠକରେ ସ୍ଥିର ହୋଇଛି। ବୈଠକରେ ଏସ୍‌ପି ସାର୍ଥକ ଷଡଙ୍ଗୀ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କରମ ଦଶା
ଯେ ଫଳ ଖାଇଲେ ସେ ଫଳ କଷା ।

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ। ସେହିପରି ଭାଗ୍ୟ ସାଥି ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

କାଚ କାଚ ମଣି ମଣି
କିଣାବିକାରେ ଜଣାଜଣି ।

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣା ପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି, ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ, ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

■ଏସ୍‌ସିଏସ୍‌ରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ପ୍ରସଙ୍ଗ

ଛାତ୍ର କଂଗ୍ରେସର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ପୁରୀ ଅଫିସ, ୨୮।୮

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ପ୍ରସଙ୍ଗରେ କ୍ରାମଇବ୍ରାଞ୍ଚ ତଦନ୍ତ ଦାବି କରିଛି ପୁରୀ ଜିଲା ଛାତ୍ର କଂଗ୍ରେସ। ମଙ୍ଗଳବାର ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରୁ ଶତାଧିକ ଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ୯ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ସିଏସ କଲେଜରେ ଚଳିତବର୍ଷ ଯୁକ୍ତ ୩ ପ୍ରଥମ ବର୍ଷରେ କେତେଜଣ ଛାତ୍ରୀଛାତ୍ର ଦିବ୍ୟାଙ୍ଗ କୋଟାରେ ଜାଲ୍ ପ୍ରମାଣପତ୍ର ଦେଇ ନାମ ଲେଖାଇଥିବା ଧରାପଡିଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଏବଂ ଚରମ ଅବହେଳା କାରଣରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଜିଲା କଂଗ୍ରେସ ଦାବି କରିଛି। ଅଭିଷେକ ପଟ୍ଟନାୟକଙ୍କ ସମେତ ଶତାଧିକ ସଦସ୍ୟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଦାବିପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ଶ୍ରୀମନ୍ଦିରର ସ୍ୱଚ୍ଛତା ଅନୁଧ୍ୟାନ କଲେ ଜିଲାପାଳ

ପୁରୀ ଅଫିସ, ୨୮।୮

ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମଙ୍ଗଳବାର ସକାଳେ ଶ୍ରୀମନ୍ଦିରର ବିଭିନ୍ନ ସ୍ଥିତି ପରଖିଛନ୍ତି। ମନ୍ଦିର ପରିସରର ସ୍ୱଚ୍ଛତା ବୁଲି ଦେଖିବା ସହ ଇଟିପି (ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ଦେଖିଥିଲେ। ସକାଳ ସମୟରେ କେତେ ସଂଖ୍ୟାରେ ଦର୍ଶନାର୍ଥୀ ଆସୁଛନ୍ତି, ପାର୍କିଂ ବ୍ୟବସ୍ଥା କିପରି ରହୁଛି ତାହାକୁ ଅନୁଧ୍ୟାନ କରିଛନ୍ତି। ସେହିପରି ମନ୍ଦିର ଚତୁଃପାର୍ଶ୍ୱରେ ଉଠାଦୋକାନୀଙ୍କ ଅବରୋଧ ବଢି ଚାଲିଛି। ଏହି ଅବରୋଧ କିପରି ହଟିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାପରେ ଜିଲାପାଳ ନରେନ୍ଦ୍ରକୋଣସ୍ଥିତ ପୁରୁଣା ଓଏସ୍‌ଆରଟିସି ଗ୍ୟାରେଜ ପରିସରରେ ନିର୍ମାଣ କରାଯାଉଥିବା ହବିଷିଆଳି କମ୍ପ୍ଲେକ୍ସ କାମ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ଥିଲେ।

ପ୍ରଶାସନର ହସ୍ତକ୍ଷେପ ପରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜବରଦଖଲ ହଟିଲା

ଖଣ୍ଡପଡ଼ା, ୨୮।୮ (ସ୍ୱ.ପ୍ର)

ଜେସିବି ସାହାଯ୍ୟରେ ଜବରଖଦଖଲ ଉଚ୍ଛେଦ କରାଯାଉଛି।

ଦୀର୍ଘବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ପାଇଁ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା। ତେବେ ବିବାଦୀୟ ପରସ୍ଥିତି ଯୋଗୁ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଥିଲା । ତେବେ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ବିବାଦୀୟ ପରିସ୍ଥିତିରେ ଥିବା କଣ୍ଟିଲୋ ଅଞ୍ଚଳର ଏକ ଭଗ୍ନଗୃହକୁ ମଙ୍ଗଳବାର ପୋଲିସ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଛି । ପ୍ରକାଶ ଯେ, କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଜନକଲ୍ୟାଣ କ୍ଲବ ଓ ବାଳିକା ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ପୁରୁଣା ତଥା ଅସୁରକ୍ଷିତ ମହିଳା ସମିତି ଗୃହ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ଥାନୀୟ ଜନକଲ୍ୟାଣ କ୍ଲବ ଦାୟିତ୍ୱରେ ରହିଥିଲା । ତେବେ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି କ୍ଲବ ସଭାପତିଙ୍କଠାରୁ ୭/୮ ବର୍ଷ ପୂର୍ବେ ଘର ମଧ୍ୟରେ ଥିବା ଫୁଲଗଛରୁ ଫୁଲ ତୋଳିବା ବାହାନାରେ ଘରର ଚାବି ନେଇ ଆଉ ଫେରାଇ ନଥିଲେ । ସୋମବାର ଖଣ୍ଡପଡାଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କ୍ଲବର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଗ୍ରାମବାସୀ ଓ କ୍ଲବର ସଦସ୍ୟ ଜିଲ୍ଲାପାଳ ଡକ୍ଟର୍ ଏନ. ତିରୁମଲା ନାୟକ ଓ ଆରକ୍ଷୀ ଅଧିକ୍ଷକ ଶଶି ଭୂଷଣ ଶତପଥୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରିଥିଲେ । ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯାଇ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ଥାନୀୟ ପୋଲିସ ଅଧିକାରୀ ସୁବାଷ ଚନ୍ଦ୍ର ଚମ୍ପତି, ବ୍ଲକ କନିଷ୍ଠଯନ୍ତ୍ରୀ ଇଂ ଅଟଳ ବିହାରୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି । ବୁଧବାରଠାରୁ ଅଙ୍ଗନବାଡି ଗୃହକାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ସୂଚନା ଦେଇଛନ୍ତି।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees,
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
GOZARO
86979-80580
95578-79781

କେମିତି ମଦ ଛାଡିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭାମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମାଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୨ା୮, ଅଶୋକ ନଗର, ୟୁନିଟ୍-।। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇସ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ପୁରୁଣା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିଜୁ ରୋଡ୍, ରେଳ ଷ୍ଟେଶନ ନିକଟ। ଝାରୀପଦା: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଚୁକ୍ ରୋଡ୍। ଉଦୟନାପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍

ସଂକ୍ଷେପରେ

ଅର୍ଥାଭାବରୁ ଚିକିତ୍ସା ପାଇ ପାରୁନାହାନ୍ତି ପ୍ରତାପ

କୃଷ୍ଣପ୍ରାସାଦ,୨୮।୮(ଡି.ଏନ.ଏ.): କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପ୍ରତାପ ନାୟକ(୩୪) ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ପାଇ ନ ପାରି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ସେ ଦୀର୍ଘ ୬ ବର୍ଷ ହେଲା ହେପାଟାଇଟିସ୍ ରୋଗରେ ପୀଡିତ। ପ୍ରତାପ ବ୍ରହ୍ମପୁର ଏମ୍.କେ.ସି.ଜି. ହସ୍ପିଟାଲ, ଏମ୍ସ, ନିଳାଚଳ ହସ୍ପିଟାଲ ଓ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍ ଓ ବହୁ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସେ ସମସ୍ତ ଜମିବାଡ଼ିକୁ ବିକ୍ରିକରି ନିରାଶ ହୋଇଛନ୍ତି। ନିଜ ପରିବାର କହିଲେ କେବଳ ମା' ଓ ପତ୍ନୀ। ଗୋଟିଏ ବଖରା ମାତ୍ର ଘର। ପରିବାର ଦୁଇ ବେଳା ଭଲରେ ଖାଇବାକୁ ପାଉ ନ ଥିବା ବେଳେ ଔଷଧ କିଣିବା ନେଇ ସେ ଚିନ୍ତାରେ ଅଛନ୍ତି। ଏଭଳି ପରିସ୍ଥିତିରେ ରୋଗ ଭଲ କରିବାକୁ ହେଲେ ୩୦ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହିଥିବା ବୋଲି ପ୍ରତାପଙ୍କ ମା' ଓ ସ୍ତ୍ରୀ କହନ୍ତି। ଏତେ ଟଙ୍କା ଆସିବ କୁଆଡୁ। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ନ ପାଇ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ପ୍ରତାପ କେବଳ ଭଗବାନଙ୍କୁ ଭରସା କରି ରହିଛନ୍ତି।

■ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ଘଟଣା

ବାର୍‌ହା ଶିକାରୀଙ୍କୁ ଜେଲ

ଖଣ୍ଡପଡା,୨୮।୮(ସ୍ୱ.ପ୍ର.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ଖଣ୍ଡପଡା ଥାନା ପୋଲିସ ହାଡିଆ ପ୍ରଧାନ ନାମକ ଜଣେ ବାର୍‌ହା ଶିକାରୀଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ,ଗୋଛାବରୀ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ନିକଟରେ ଯାଇଥିବା ୧୧ କେଭି ତାରରୁ ଚୋରାରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ଗୋଛାବାରୀ ଗ୍ରାମର ନରହରି ବାହୁକ ଗତ ୨୩ ତାରିଖ ସକାଳେ କୌଣସି ଏକ କାର୍ଯ୍ୟରେ କୁସୁମଢିପ ଗ୍ରାମକୁ ଯାଇଥିବା ବେଳେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଗତ ୨୪ ତାରିଖରେ ଏହି ଘଟଣା ଜଣାପଡିଥିଲା। ଖବରପାଇ ଖଣ୍ଡପଡା ଓ ଗଡିଆସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ମୃତ ନରହରିଙ୍କ ପୁଅ ସ୍ୱାଧିନ ବାହୁକ ତାଙ୍କ ବାପାଙ୍କ ଅକାଳ ମୃତ୍ୟୁପାଇଁ କୁସୁମଢିପ ଗ୍ରାମର ବାର୍‌ହା ଶିକାରୀ ହାଡିଆ ଙ୍କୁ ଦାୟୀ କରି ଗଡିଆସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିବାସହ ଏ ନେଇ ଖଣ୍ଡପଡା ପୋଲିସ ନିକଟରେ ବୟାନ ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ଆଇଆଇସି ବିମଳ କୁମାର ମଲ୍ଲିକ ସଦଳବଳେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଏ ସମ୍ପର୍କରେ ତଦନ୍ତ ଜାରି ରଖିଥିଲେ। ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ଯାଇଥିବା ୧୧ କେଭି ତାରରୁ ଚୋରାରେ ବିଦ୍ୟୁତ ସଂଯୋଗ କରି ଶିକାରୀ ହାଡିଆ ନିୟମିତ ଭାବେ ବାର୍‌ହା ଶିକାରକରି ସାଧାରଣରେ ମାଂସ ବିକ୍ରି କରୁଥିବା ନେଇ ଗୋଛାବାରୀ ଗ୍ରାମବାସୀ ଖଣ୍ଡପଡା ପୋଲିସକୁ ସୂଚନା ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଅଭିଯୋଗକୁ ଆଧାରକରି ଖଣ୍ଡପଡା ଥାନାରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିଲା। ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ହାଡିଆକୁ ମଙ୍ଗଳବାର ପୋଲିସ ସ୍ଥାନୀୟ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଶ୍ରମିକଙ୍କୁ ମିଳୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରି

ନୂଆଗାଁ,୨୮।୮(ଡି.ଏନ.ଏ.)

ଦେଶରୁ ଦାରିଦ୍ର୍ୟ ଓ ଦାଦନ ଶ୍ରମିକଙ୍କୁ କାମ ଯୋଗାଇବ ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଆରମ୍ଭ ହୋଇଛି। କିନ୍ତୁ ଏହି ଯୋଜନାର ବାସ୍ତବ ସୁଫଳ ହିତାଧିକାରୀ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ସରକାର ପ୍ରତି ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇଦେବା ପାଇଁ ନିୟମ ରହିଛି। କିନ୍ତୁ ଏହି ନିୟମର ବ୍ୟତିକ୍ରମ ହେବା ପ୍ରକୃଷ୍ଟ ଉଦାହରଣ ଦେଖିବାକୁ ମିଳୁଛି ନୟାଗଡ ଜିଲା ନୂଆଗାଁ ବ୍ଲକରେ। କାମ ପାଇବାକୁ ହେଲେ ପ୍ରଥମେ ଶ୍ରମିକଙ୍କୁ ନିଜ ଜବ୍‌କାର୍ଡ ଓ ବ୍ୟାଙ୍କ ଜମାଖାତାର ନକଲ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ମଷ୍ଟରରୋଲ ପ୍ରସ୍ତୁତ ହୋଇସାରିବା ପରେ ଶ୍ରମିକମାନେ କାମରେ ଯୋଗଦେବେ। ପ୍ରତି ସପ୍ତାହରେ କାମର ପାରିଶ୍ରମିକ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇ ଦିଆଯିବାର ନିୟମ ରହିଛି। କିନ୍ତୁ ଏହି ବ୍ଲକରେ ଶ୍ରମିକମାନଙ୍କୁ ମଜୁରି ମିଳୁନି। କୋରଡା ପଞ୍ଚାୟତ ମିନାଗାଡିଆ ଗ୍ରାମର ଗାଁ ସାଥୀ ସଞ୍ଜୁ ବେହେରା ଏଭଳି ଅଭିଯୋଗ ଆଣିଛନ୍ତି । ମିନାଗାଡିଆ ଗ୍ରାମର ତୁଳସୀନାଳ ବନ୍ଧ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଅନୁଦାନ ଦିଆଯାଇଛି। ଶ୍ରମିକମାନେ ୧ଲକ୍ଷ ୬୨ ହଜାର ଟଙ୍କାର କାମ ମଧ୍ୟ କରିଛନ୍ତି। କିନ୍ତୁ ବର୍ଷେ ହେଲା ସେମାନଙ୍କୁ ବାବଦକୁ ୧୬,୫୦୦ ଟଙ୍କା ମଧ୍ୟ ପାଇନାହାନ୍ତି। ବ୍ୟାଙ୍କକୁ ଦୌଡି ଦୌଡି ହିତାଧିକାରୀ ନିରାଶ ହେଉଛନ୍ତି। ଏ ବିଷୟରେ ନୂଆଗାଁ ବିଡିଓ କହନ୍ତି, ମୋ ପାଖକୁ ଏଭଳି ଅଭିଯୋଗ ଆସିଛି। ଏ ବାବଦରେ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରାଯାଇଛି । ତେଣୁ ଯୋଜନା ଦ୍ୱାରା ବାସ୍ତବରେ ଶ୍ରମିକଟିଏ କାମ ପାଉଛି ନା ପୁଣି ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯିବା ନିମନ୍ତେ ପ୍ରସ୍ତୁତ ହେଉଛି, ସେ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ।

ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ।

ପ୍ରମୁଖ ଶାସନ ସଚିବଙ୍କ ଖଣ୍ଡପଡ଼ା ବ୍ଲକ ଅଞ୍ଚଳ ଗସ୍ତ

ଖଣ୍ଡପଡା,୨୮।୮(ସ୍ୱ.ପ୍ର.)

ନୟାଗଡ ଜିଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ତଥା ପ୍ରମୁଖ ଶାସନ ସଚିବ ନୀତିନ ଚନ୍ଦ୍ର ମଙ୍ଗଳବାର ଅପରାହ୍ନ ୩ଟାରେ ଖଣ୍ଡପଡା ବ୍ଲକ ଅଞ୍ଚଳ ଗସ୍ତରେ ଆସି ପ୍ରଥମେ ଯୋଗିଆପଲ୍ଲୀ ପଞ୍ଚାୟତ ପରିଦର୍ଶନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥରେ ନିର୍ମାଣଧୀନ ଓ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡିକ ନୋଡାଲ ଅଧିକାରୀ ବୁଲି ଦେଖିଥିଲେ। ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନ ଶୈଳୀ ଓ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଠାରୁ ସେ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁପକ୍କା ଘର ଯୋଜନା, ପାଇପ ଜଳ ଯୋଗାଣ, ସୌଭାଗ୍ୟ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ଯୋଜନା ଓ ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ନୋଡାଲ ଅଧିକାରୀ ବିଭାଗୀୟ ଅଧିକାରୀଙ୍କ ଠାରୁ ସବିଶେଷ ବିବରଣୀ ସଂଗ୍ରହ କରିଥିଲେ। ପରେ ନୋଡାଲ ଅଧିକାରୀ ଶାଳଝରିଆ ପଞ୍ଚାୟତର କଇଁଥପଲ୍ଲୀ ଓ ହରିହରପ୍ରସାଦ ଗ୍ରାମ ପରିଦର୍ଶନ କରିଥିଲେ। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାତରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନମୂଳକ ଯୋଜନା ଗୁଡିକର ଅଗ୍ରଗତି ଓ ସଫଳ

୨ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ

ସ୍ଥିତି ଅନୁଧ୍ୟାନ କରୁଛନ୍ତି ଶାସନ ସଚିବ ଓ ଅନ୍ୟମାନେ।

ପ୍ରଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ନୋଡାଲ ଅଧିକାରୀ ସମୀକ୍ଷା କରିଥିଲେ। ନୋଡାଲ ଅଧିକାରୀଙ୍କ ସହ ଜିଲାପାଳ ଡଃ ଏନ୍ ଥ୍ରୁମାଳା ନାୟକ, ଡିଆରଡିଏ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସନ୍ତୋଷୀ ସାହୁ,ବିଡିଓ ଶିବାନନ୍ଦ ସ୍ୱାଇଁ, ସେସୁ ନିର୍ବାହୀଯନ୍ତ୍ରୀ ସୁଜିତ୍ କୁମାର ସାହୁ, ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଆମ ପୋଲିସ ସମିତି ବୈଠକ

ବାଲ୍ୟବିବାହ ନେଇ କ୍ଷୋଭ

ନୂଆଗାଁ,୨୮।୮(ଡି.ଏନ.ଏ.): ନୟାଗଡ ଜିଲା ନୂଆଗାଁ ଥାନା ପରିସରରେ ଇନ୍ସପେକ୍ଟର ବୈଦ୍ୟନାରାୟଣ ଭୋଇଙ୍କ ଅଧକ୍ଷତାରେ ମଙ୍ଗଳବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରୁଥିବା ବରିଷ୍ଠ ନାଗରିକମାନେ ମତବ୍ୟକ୍ତ କରିଥିଲେ । କିନ୍ତୁ ଗୃହୀତ ହେଉଥିବା ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ନ ହେଉଥିବାରୁ ଅବସରପ୍ରାପ୍ତ ଶ୍ରମ ଅଧିକାରୀ ବସନ୍ତ କୁମାର ମିଶ୍ରଙ୍କ ସମେତ ଉପସ୍ଥିତ ବ୍ୟକ୍ତିମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଗୃହୀତ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା କରାଯିବ ବୋଲି ଭୋଇ ପ୍ରତିଶ୍ରୁତି ଦେଇଥିଲେ। କଲେଜକୁ ଯିବାବେଳେ କେହି କେହି କମେଣ୍ଟ ମାରୁଥିବାରୁ ଛାତ୍ରୀମାନେ କଲେଜ ଯିବା ପାଇଁ ଭୟ କରୁଛନ୍ତି । ଏ ଘଟଣାଗୁଡିକୁ ତୁରନ୍ତ ଥାନାରେ ଅଭିଯୋଗ କରିବାକୁ ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ର କହିଥିଲେ । ଏଠାରେ ଚୋରି, ଡକାୟତି ବଢୁଥିବାରୁ କଡ଼ା ପେଟ୍ରୋଲିଂ କରିବା ପାଇଁ ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ନୂଆଗାଁ ଥାନାକୁ ଗୋଟିଏ ଭଲ ଜିପ୍ ଯୋଗାଇ ଦେବା ପ୍ରସ୍ତାବ ଦିଆଯାଇଥିଲା। ବେଆଇନ ଶିଶୁବିବାହ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ତେଣୁ ଆଗାମୀ ବୈଠକକୁ ନୂଆଗାଁ ସିଡିପିଓଙ୍କୁ ଡକାଇ ଶିଶୁବିବାହ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଅବସରପ୍ରାପ୍ତ ଶ୍ରମ ଅଧିକାରୀ ବସନ୍ତ କୁମାର ମିଶ୍ର, ଜଳଧର ସାହୁ, ବଂଶୀଧର ଗୋଛାୟତ, ନବୀନ ଚନ୍ଦ୍ର ଖଣ୍ଡୁଆଳ, ଦେବରାଜ ଖଣ୍ଡୁଆଳ, ପତିତପାବନ ସାହୁ , ନାରାୟଣ ସ୍ୱାଇଁ ସୂର୍ଯ୍ୟମଣି ମାର୍ଥା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଅଜଣା ଗାଡି ଧକ୍କା ଅଟକ୍କା ଯୁବକ ମୃତ

ଖୋର୍ଦ୍ଧା ଅଫିସ,୨୮।୮: କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ବଡପୋଖରିଆ ପେଟ୍ରୋଲ ପମ୍ପ ନିକଟରେ ସୋମବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ଅଟିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ତଦନ୍ତରୁ ଜଣାପଡିଛି କିଛି ମାସ ହେଲେ ଉକ୍ତ ଯୁବକ ୧୬ ନଂ. ଜାତୀୟ ରାଜପଥରେ ଘୂରି ବୁଲୁଥିଲେ। ଜଙ୍ଗିଆ ଥାନା ପୋଲିସ ମୃତଦେହ ସଂରକ୍ଷଣ କରି ରଖିଛି।

ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No.: LA Case No.- 18/2018 **1219** Dated 25.07.2018

No. V-53:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ହଳଦୀବଟା, ଥାନା– ପାଟଣା, ନଂ.–୧୯୬, ତହସିଲ– ସାହାରପଡ଼ା, ଜିଲ୍ଲା– କେନ୍ଦୁଝରରେ ନିମ୍ନ ତପସିଲମତେ ପ୍ରାୟ ଏ.୨.୭୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସଂଲଗ୍ନ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସଂପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ..... / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ– ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬. ଜମିର ବିବରଣୀ–

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
୧	୨	୩	୪	୫	୬	୭	୮	୯
କେନ୍ଦୁଝର	ସାହାରପଡ଼ା	ହଳଦୀବଟା	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏ.୯.୧୧	ଏ.୨.୭୨	ଏଥିସହିତ ସଂଲଗ୍ନ

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ..... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ ଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ

ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନର୍ବସତି ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, କରଞ୍ଜିଆ
ମୌଜା– ହଳଦିବଟା, କ୍ରମିକ ସଂଖ୍ୟା– ୧୬୯, ଥାନା– ପାଟଣା, ତହସିଲ– ସାହାରପଡ଼ା, ଜିଲ୍ଲା– କେନ୍ଦୁଝର

କ୍ର. ନଂ.	ଖାତା ନମ୍ବର	ପ୍ଲଟ୍ ନଂ.	ମୋଟ ରକବା	ଅଧିଗୃହୀତ ରକବା	କିସମ	ପ୍ରଜାଙ୍କ ନାମ ଓ ଧାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮
୧.	୧୩	୫୫୮	୧.୦୯	୦.୨୨	ବାଜେଫସଲ ଜୁଇ	ଘାସିଆ ମୁଣ୍ଡା, ମାଙ୍ଗୀ ମୁଣ୍ଡା, ପି– କନ୍ଦା ମୁଣ୍ଡା, ଜା– କୋହ୍ଲ, ବା– ନିଜଗାଁ	
୨.	୧୪	୫୫୬	୦.୪୮	୦.୨୩	ବାଜେଫସଲ ଜୁଇ	ଚାରି ମୁଣ୍ଡା, ବଲେ ମୁଣ୍ଡା, ପି– ମାଙ୍ଗୁରା ମୁଣ୍ଡା, ଭଇଗ ମୁଣ୍ଡା, ପି– ବାଲିକା ମୁଣ୍ଡା, ଜା– କୋହ୍ଲ, ବା– ନିଜଗାଁ	
୩.	୨୯	୫୫୧	୦.୬୮	୦.୩୫	ଘରବାରୀ	ପରମା ମୁଣ୍ଡା, ପି–ମଗୁସୁରିଆ ମୁଣ୍ଡା, ଜା– କୋହ୍ଲ, ବା– ନିଜଗାଁ	
୪.	୩୫	୫୫୩	୦.୫୮	୦.୦୫	ବିଆଳି	ପୁର ନାଏକ, ପି– ଭଦ୍ରୁ ନାଏକ, ପୂର୍ଣ୍ଣା ନାଏକ, ସ୍ୱା– ଭଦ୍ରୁ ନାଏକ, ଜା– ବାଥୁଡି, ବା– ନିଜଗାଁ	
୫.	୪୦	୫୪୮	୦.୭୪	୦.୧୨	ଘରବାରୀ	ବାଉଁରିଆ ମୁଣ୍ଡା, ପରମା ମୁଣ୍ଡା, ପି– ମୁଗୁସୁରିଆ ମୁଣ୍ଡା, ଫରନି ମୁଣ୍ଡା, ସ୍ୱା– ମୁଗୁସୁରିଆ ମୁଣ୍ଡା, ଜା– କୋହ୍ଲ, ବା– ନିଜଗାଁ	
୬.	୪୮	୫୪୭ ୫୪୭/୬୦୩ ୫୬୦/୬୩୮	୧.୨୭ ୦.୪୨ ୦.୨୧	୦.୬୩ ୦.୦୨ ୦.୦୩	ଶାରଦ–ତିନି ବିଆଳି ଶାରଦ–ତିନି	ଭୀମ ନାଏକ, ପି– କଷ୍ଟୁ ନାଏକ, ଜା– ବାଥୁଡି, ବା– ନିଜଗାଁ	
୭.	୫୭	୫୫୪	୦.୬୮	୦.୦୯	ଘରବାରୀ	ଲାକି ମୁଣ୍ଡା, ପି– ଜେଣ୍ଡ ମୁଣ୍ଡା, ସୁନାଇ ମୁଣ୍ଡା, ଶାନ୍ତି ମୁଣ୍ଡା, ଟୁକୁରା ମୁଣ୍ଡା, ପି–

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଅଗଷ୍ଟ, ୨୦୧୮



ଯାହାର ବୁଦ୍ଧି ରୂପକ ଚକ୍ଷୁ ଅଛି, ସେ ଅନ୍ୟକୁ ଠିକ୍ ଭାବେ ଦେଖିପାରେ।
- ଥୋମାସ୍ କାର୍ଲାଇଲ୍

ସଂକ୍ଷେପରେ

ବିଜୁ ଶ୍ରମିକ ସାମ୍ମୁଖ୍ୟ ବୈଠକ



ନୟାଗଡ଼ ଅଫିସ,୨୮।୮: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଜୁ ଶ୍ରମିକ ସାମ୍ମୁଖ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ନିର୍ମାଣ ଶ୍ରମିକ, ପାଚିକା ସହାୟିକା, ଆଶା, ଅଙ୍ଗନୱାଡ଼ି, ସ୍ୱାବଲମ୍ବୀ କାରିଗରି ଶ୍ରମିକ ସଙ୍ଗଠନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ସମୟରେ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ମାରଣନୀତିକୁ ବିରୋଧ କରିଥିଲେ। ସେହଭିଳି ଚଳିତମାସ ୩୦ ତାରିଖରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରମୋଦ ମହାରଣା, ରମେଶ ଚନ୍ଦ୍ର ପଣ୍ଡା, ପଞ୍ଚେଇ ବେହେରା, ଶଶି ବାରିକ, ଜ୍ୟୋସ୍ନାମୟୀ ପଣ୍ଡା, ସବିତା ସେଠୀ, ନଳିନୀ ଦାସ, ପ୍ରତିମା ସେଠୀ, ସୁରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

ଜିଲା କଂଗ୍ରେସ ପକ୍ଷରୁ ନିରଞ୍ଜନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୟାଗଡ଼ ଅଫିସ,୨୮।୮: ପସିସି ସଭାପତି ନିରଞ୍ଜନ ପଟ୍ଟନାୟକ କନ୍ଧମାଳ ଜିଲାଗ୍ରସ୍ତ ଅବସରରେ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ଥାନୀୟ ପୁରୁଣା ଜେଲ୍ ସାମ୍ନାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ରଣଜିତ୍ ଦାଶ, କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ମନୋଜ କୁମାର ସାହୁ, କମଳ ଚରଣ ସାହୁ, ଜୋନ୍ ସଭାପତି ଫକୀର ଚରଣ ମଲ୍ଲ, ମଦନ ବିଶୋୟୀ, ବିମଳ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଇଟାମାଟି, ନୂଆଗାଁ ଏବଂ ଦଶପଲ୍ଲାରେ ମଧ୍ୟ ନିରଞ୍ଜନ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଥିଲା।

ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା, ଆକ୍ରମଣ: ଅଭିଯୁକ୍ତ ଫେରାର୍

ଟାଙ୍ଗୀ(ଖୋର୍ଦ୍ଧା),୨୮।୮(ଡି.ଏନ.ଏ.): ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଘଟିଛି । ଉଚ୍ଚଳା ଗୋପୀନାଥପୁର ଗ୍ରାମରେ ଏକ ଘରୋଇ କଳିକୁ କେନ୍ଦ୍ର କରି ଜନୈକା ମହିଳା ସୁନିତା ପ୍ରଧାନ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଖବର ପାଇ ମହିଳାଙ୍କ ସ୍ୱାମୀ ବିଶୁ ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗାଳିଗୁଲଜ କରିବା ସହ ଡାକ୍ତରଖାନାର ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ସେ ଅକ୍ସିଜେନ ସିଲିଣ୍ଡରର ଯନ୍ତ୍ରାଂଶ ଭାଙ୍ଗି ଦେବା ସହ ଆଟେଣ୍ଡାଣ୍ଟ ବିଶୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଟାଙ୍ଗୀ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ତେବେ ଅଭିଯୁକ୍ତ ଫେରାର ରହିଛି ।

ମିଶନ ଗ୍ରୀନ୍ ସ୍କୁଲ କାର୍ଯ୍ୟକ୍ରମ ଆରମ୍ଭ

ଟାଙ୍ଗୀ(ଖୋର୍ଦ୍ଧା),୨୮।୮(ଡି.ଏନ.ଏ.): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶାନୁସାରେ ପ୍ରକୃତି ମହୋତ୍ସବ ଅବସରରେ ମିଶନ ଗ୍ରୀନ୍ ସ୍କୁଲ କାର୍ଯ୍ୟକ୍ରମ ଟାଙ୍ଗିରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ବନୀକରଣ ସଚେତନତା ପାଇଁ ଟାଙ୍ଗୀର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ମାଉଣ୍ଟ ଲିଟେରା ଜି ସ୍କୁଲରେ ଏହି ଉତ୍ସବ ପାଳିତ ହୋଇଥିଲା । ସବୁଜ ସୁନ୍ଦର ପୃଥିବୀ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ବିଦ୍ୟାଳୟର ଅଧକ୍ଷ ନିଳାଦ୍ରି ଭୂଷଣ ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଅଶୋକ, ବର, ନିମ୍ବ, ରକ୍ତଚନ୍ଦନ, ପିଆଶାଳ, ମହୁଲ, ବଉଳ ଓ ବାହାଡା ଇତ୍ୟାଦି ଅନେକ ମୂଲ୍ୟବାନ ତଥା ଔଷଧୀୟ ଚାରାରୋପଣ କରାଯାଇଥିଲା।

୫ ଆଦିବାସୀଙ୍କ ଜମି ହଡ଼ପ ଅଭିଯୋଗ

ନୟାଗଡ଼ ଅଫିସ,୨୮।୮

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ନାଣ୍ଡିଗିରି ଗ୍ରାମର କେତେକ ଆଦିବାସୀ ଲୋକଙ୍କ ଜମି ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତି ଚତୁରତାର ସହିତ ୫ଜଣଙ୍କ ଜମିକୁ ହଡ଼ପ କରି ନେଇଥିବାରୁ ସେମାନେ ଘର କରି ପାରୁ ନାହାନ୍ତି। ତେଣୁ ଏହାର ସମାଧାନ ପାଇଁ ମଙ୍ଗଳବାର ନାଣ୍ଡିଗିରି ଗ୍ରାମର ଜମି ହରାଇଥିବା ବ୍ୟକ୍ତିମାନେ ଅତିରିକ୍ତ ଜିଲାପାଳଙ୍କୁ ଆସି ଭେଟିଛନ୍ତି। ଅତିରିକ୍ତ ଜିଲାପାଳ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ନାଣ୍ଡିଗିରି ଗ୍ରାମର ସୁବାସ ଜାନୀ, କାନୁ ଜାନୀ, ଅହଲ୍ୟା ଜାନୀ, ଚନ୍ଦ୍ରକଳା ଜାନୀ, ସୁବାସ ଜାନୀଙ୍କ ନାମରେ ଗ୍ରାମରେ କିଛି ଜାଗା ଥିଲା। ଉକ୍ତ ଜାଗାରେ ପକ୍କାଘର କରିବା ପାଇଁ ବିଭିନ୍ନ ସମୟରେ ପ୍ରଶାସନଠାରେ ଅନୁରୋଧ କରିଥିଲେ। ଏହା ପରେ ଆର୍ଥିକ ବର୍ଷ ୨୦୧୭–୧୮ରେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର କରିବା ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଏହା ପରେ ସେମାନେ କାର୍ଯ୍ୟ ଆରମ୍ଭ କରି ପ୍ରଥମ ବିଲ୍ ପାଇଁ ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଡ଼ିଓ ସେମାନଙ୍କ ନାମରେ ଜମିର ପଟ୍ଟା ନ ଥିବାରୁ ସେମାନଙ୍କୁ ବିଲ୍ ମିଳିବ ନାହିଁ ବୋଲି କହିଥିଲେ। ସେମାନଙ୍କ ଜମି ଆରଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ।

ଅତିରିକ୍ତ ଜିଲାପାଳଙ୍କୁ ଭେଟୁଛନ୍ତି ଅଭିଯୋଗକାରୀ ଲୋକମାନେ।

- ଅତିରିକ୍ତ ଜିଲାପାଳ କହିଲେ ତଦନ୍ତ କରାଯିବ
- ପକ୍କାଘର ଅଧାପନ୍ତରିଆ ହୋଇ ପଡ଼ିରହିଛି

ଏହା ପରେ ହିତାଧିକାରୀମାନେ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିବାରୁ ଜାଗା ତୁମ ନାମରେ ନାହିଁ ତେଣୁ ତୁମ ବିଲ୍ ହୋଇପାରୁନାହିଁ ବୋଲି କହିଥିଲେ। ଏଣେ କରଜ କରି ଆଣି ଘର ଅଧା କରିଥିବାରୁ ପକ୍କା ଘର ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଭଳି ସ୍ଥଳେ ସେମାନଙ୍କ ଜମି କିପରି ହଡ଼ପ ହେଲା ଓ ବର୍ତ୍ତମାନ ସେମାନେ କ'ଣ କରିବେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେଣୁ ଜମି ହଡ଼ପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି। ମଙ୍ଗଳବାର ସେମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ମାତ୍ର ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରୁ ସେ କୁହନ୍ତି କେତେକ ଲୋକ ତାଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଓଡ଼ଗାଁ ବିଡ଼ିଓଙ୍କୁ ଏ ବିଷୟରେ ଜଣାଇଛନ୍ତି। ତଦନ୍ତ ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାଶ ସୂଚନା ଦେଇଥିଲେ।

ନୟାଗଡ଼ ଏନ୍ଏସି ହେବ ମ୍ୟୁନିସିପାଲିଟି

ନୟାଗଡ଼ ଅଫିସ,୨୮।୮

ନୟାଗଡ଼ ଏନ୍ଏସି (ବିଜ୍ଞାପିତ ପରିଷଦ ଅଞ୍ଚଳ) ମ୍ୟୁନିସିପାଲଟି(ପୌର ପରିଷଦ)ରେ ପରିଣତ ହେବ। ୨୪ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ହୋଇଥିବା ଚିଠିରେ ନୟାଗଡ଼ ଏନ୍ଏସିରେ ୬ଟି ପଞ୍ଚାୟତର ୧୨ଟି ରାଜସ୍ୱ ଗ୍ରାମକୁ ମିଶିଯାଇଛି। ଫଳରେ ଏନ୍ଏସି ମ୍ୟୁନିସିପାଲିଟି ହେବାର ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଏନ୍ଏସିରେ ମିଶିଥିବା ୬ଟି ପଞ୍ଚାୟତର ୧୨ଟି ଗ୍ରାମଗୁଡ଼ିକ ହେଲା ଯଥାକ୍ରମେ ଭାଟସାହି ପଞ୍ଚାୟତର ତୁଳସୀପୁର, କଳାହାଣ୍ଡି ଓ ମୁକ୍ତାପୁର ଗ୍ରାମ। ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ବରପଲ୍ଲୀଶାସନ ଓ ଲକ୍ଷ୍ମୀପ୍ରସାଦ ଗ୍ରାମ, ଖୁଣ୍ଟୁବନ୍ଧ ପଞ୍ଚାୟତର ଜାମୁସାହି ଗ୍ରାମ, ନବଘନପୁର ପଞ୍ଚାୟତର ହରିହରପୁର , ନବଘନପୁର ଓ ଲେଖନପୁର ଗ୍ରାମ, ଲେଙ୍କୁଡ଼ିପଡ଼ା ପଞ୍ଚାୟତର ଧବଲେଇ ଓ ଲେଙ୍କୁଡ଼ିପଡ଼ା ଗ୍ରାମ ଏବଂ ସିନ୍ଦୂରିଆ ପଞ୍ଚାୟତର ସିନ୍ଦୂରିଆ ଗ୍ରାମ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଏ ନେଇ ଚିଠିରେ ଉଲ୍ଲେଖ ହୋଇଛି।

ଚିଠିରେ ଦର୍ଶାଯାଇଛି ଯେ, ଓଡ଼ିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୪ର ଉପଧାରା (୫)ର ପ୍ରୟୋଗକ୍ରମେ ଉପରୋକ୍ତ ଗ୍ରାମଗୁଡ଼ିକ ସାମିଲ କରାଯାଇଛି। ଫଳରେ ନୟାଗଡ଼ ଏନ୍ଏସିର ସୀମା ନିର୍ଦ୍ଧାରଣ ହୋଇଯାଇଛି। ନୟାଗଡ଼ ଏନ୍ଏସିର ଲୋକସଂଖ୍ୟା ୧୭ ହଜାର ଥିବା ବେଳେ ଉକ୍ତ ୧୨ଟି ଗ୍ରାମର ଲୋକସଂଖ୍ୟା ପ୍ରାୟ ୧୦ ହଜାର ହେବ। ଏହି ୧୨ଟି ଗ୍ରାମରେ ଲୋକ ସଂଖ୍ୟା ମିଶିଗଲେ ୨୭ ହଜାରରୁ ଉର୍ଦ୍ଧ୍ୱ ହୋଇଥିବାରୁ ଖୁବ ଶୀଘ୍ର ନୟାଗଡ଼ ଏନ୍ଏସି ମ୍ୟୁନିସିପାଲିଟି ନଗର ଉନ୍ନୟନ ବିଭାଗ ଘୋଷଣା କରିବେ ବୋଲି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ସହରରେ ଟ୍ରାଫିକ୍ ସମସ୍ୟା, ବସ୍ଷ୍ଟାଣ୍ଡ ସମସ୍ୟା, ଉଠା ଦୋକାନୀଙ୍କ କବ୍ଜାରେ ରାସ୍ତା ରହିବା, କାଞ୍ଜିଆହୁଦା ନ ଥିବା ଯୋଗୁ ବୁଲା ଗୋରୁଙ୍କ କବ୍ଜାରେ ରାସ୍ତା ଭଳି ଅନେକ ସମସ୍ୟା ବଳବତ୍ତର ରହିଛି। ଏହି ଭଳିସ୍ଥଳେ ମ୍ୟୁନିସିପାଲିଟି ପୂର୍ବରୁ ଏହି ସମସ୍ୟା ସମାଧାନ ହେଉଛି ନା ବଳବତ୍ତର ରହୁଛି ତାହା ଦେଖିବା କଥା।

ଏନ୍ଏସିରେ ମିଶିଲା ୬ ପଞ୍ଚାୟତର ୧୨ ରାଜସ୍ୱ ଗ୍ରାମ

ନୟାଗଡ଼ ଏନ୍ଏସି କାର୍ଯ୍ୟାଳୟ।

ଆନ୍ଦୋଳନକାରୀ ଲୋକଙ୍କ ସାହାଯ୍ୟ ଲୋଡିଲେ

ଟାଙ୍ଗୀ(ଖୋର୍ଦ୍ଧା), ୨୮।୮(ଡି.ଏନ.ଏ.)

ନିଜର ନ୍ୟାଯ୍ୟ ପାଇବା ନିମନ୍ତେ ଆନ୍ଦୋଳନ ଚଳାଇ ରଖିଥିବା ଫେଡ୍‌କୋ ଅଧୀନ ନୀଳାଚଳ ପାୱାର ନେଟ୍‌ୱର୍କର କର୍ମଚାରୀ ଏବେ ଜନତାଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ମଙ୍ଗଳବାର ସ୍ଥାନୀୟ ବଳରାମଦେବଙ୍କ ମନ୍ଦିର ପରିସରରେ କର୍ମଚାରୀ ନେତା ଭାଗବତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟାଙ୍ଗୀ, ରଣପୁର ବ୍ଲକ୍‌ର ଜନ ପ୍ରତିନିଧି ଦଳମତ ନିର୍ବିଶେଷରେ ଯୋଗଦେଇଥିଲେ। ସେମାନଙ୍କ ଦାବି ନେଇ କର୍ମଚାରୀମାନେ ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ନ୍ୟାଯ୍ୟ ଦାବି ପୂରଣ ପରିବର୍ତ୍ତେ ନୀଳାଚଳ ପାୱାର ନେଟ୍‌ୱର୍କ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଥିଲେ। ଫେଡ୍‌କୋ ଓ ନୀଳାଚଳ କର୍ତ୍ତୃପକ୍ଷ ଜାଣିଶୁଣି ଅନେକ ସମୟରେ ସେମାନଙ୍କ ଟେଲିଫୋନ୍ ଉଠାଉ ନ ଥିବା ସଭ୍ୟମାନେ କହିଥିଲେ। ପରେ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ନିମନ୍ତେ ନୀଳାଚଳ ପାୱାର ନେଟ୍‌ୱର୍କର ସ୍ଥାନୀୟ କାର୍ଯ୍ୟାଳୟକୁ ଯାଇଥିଲେ। ନୀଳାଚଳ ପାୱାର ନେଟ୍‌ୱର୍କ ଦାୟିତ୍ୱରେ ଥିବା ପ୍ରକାଶ ପୃଷ୍ଟି, ଫେଡ୍‌କୋ ବାଲୁଗାଁ ଡିଭିଜନାଲ ମ୍ୟାନେଜର ଅଭୟାନନ୍ଦ ପଣ୍ଡା ଓ ବାଲୁଗାଁ ସବ୍‌ଡିଭିଜନ ସୁପରଭାଇଜର ମହମଦ୍ ଇଶା ପ୍ରମୁଖଙ୍କ ସହ ଏ ନେଇ ଆଲୋଚନା ହୋଇଥିଲା। କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ, ସ୍ଥାନୀୟ ଜନପ୍ରତିନିଧି ଓ ଆନ୍ଦୋଳନରତ କର୍ମଚାରୀଙ୍କ ସହ ଆସନ୍ତା ୫ ଦିନ ମଧ୍ୟରେ ଏକ ବୈଠକ ପରେ ସମାଧାନ କରାଯିବ ବୋଲି ପୃଷ୍ଟି କହିଛନ୍ତି।

ଡେଙ୍ଗୁ ଆକ୍ରାନ୍ତଙ୍କୁ ସହାୟତା ପ୍ରତିଶ୍ରୁତି

ଭାପୁର,୨୮।୮(ଡି.ଏନ୍.ଏ.)

ଭାପୁର ବ୍ଲକସ୍ଥ କରବର ପଞ୍ଚାୟତ ମାଣ୍ଡିତର ଗ୍ରାମର ୭ ଜଣ ଡେଙ୍ଗୁ ରୋଗରେ ସଂକ୍ରମିତ ହୋଇ ଭାପୁର ଓ ନୟାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଦଳ ଏହି ଅଞ୍ଚଳ ଗସ୍ତ କରି ୨୦ ରୁ ଉର୍ଦ୍ଧ୍ୱ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ମଙ୍ଗଳବାର ଭାପୁର ଡାକ୍ତରଖାନାର ସୁପରଭାଇଜର ସତ୍ୟବ୍ରତ ଶତପଥୀ, ପି.ଏର୍.ଓ. ଅଶୋକ କୁମାର ସାହୁ ଓ ବିଧାୟକ ଅନୁଭବ ପଟ୍ଟନାୟକ ଗ୍ରାମରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ସୁକାନ୍ତି ଜେନା, ୨ ୱାର୍ଡ ସଭ୍ୟ ଓ ଗିରିଧାରୀ ସ୍ୱାଇଁ ରହିଛନ୍ତି। ଡେଙ୍ଗୁ ରୋଗୀମାନଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ଦେବାର ପ୍ରତିଶ୍ରୁତି ଓ ସଚେତନତା କରାଯାଇଛି। ବର୍ଷା ଯୋଗୁ ବର୍ତ୍ତମାନ ଗ୍ରାମଟି ଜଳବନ୍ଦୀ ପାଦୁର୍ଭାବ ଓ ମଶା, ମାଛିଙ୍କ ପ୍ରାର୍ଦୁଭାବ ବଢ଼ିବାର ଭୟ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟବିଭାଗ ଏଥିପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

ଅନୌପଚାରିକ ସଂସ୍କୃତ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୮।୮

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ଶ୍ରୀ ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟଠାରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ ପ୍ରାୟୋଜିତ ଅନୌପଚାରିକ ସଂସ୍କୃତ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡା. ଉଷାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶରଣକୁଳ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍କୃତ ଭାଷା ସର୍ବଜନାଦୃତ ବିଜ୍ଞାନସମ୍ମତ ଭାଷା ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀର ପ୍ରଶିକ୍ଷିକା ଝରଣା ରାଣୀ ନାଥ ଯୋଗଦେଇ ସଂସ୍କୃତର ସରଳ ରୂପକୁ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଭାଗ ଅଧାପକ ପ୍ରସନ୍ନ କୁମାର ପରିଡ଼ା, ଇଂଲିଶ ଅଧାପକ ଲକ୍ଷ୍ମୀଧର ଦାସ, କ୍ରୀଡ଼ା ଅଧାପକ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିମତ ପ୍ରଦାନ କରିଥିଲେ। କେନ୍ଦ୍ର ଅଧିକାରୀ ଅଧାପକ ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀଗଣ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଜଣେ ଅଧାପକ ନିଜର ବକ୍ତବ୍ୟ ରଖୁଛନ୍ତି।

ବୃଦ୍ଧି ପାଉଛି ମହାନଦୀ ଜଳସ୍ତର

ବନ୍ୟା ଆଶଙ୍କାରେ ୩ ପଞ୍ଚାୟତବାସୀ

ଗଣିଆ,୨୮।୮(ଡି.ଏନ୍.ଏ.)

ମହାନଦୀର ଉପର ମୁଣ୍ଡରେ ଗତ ୩ ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସକାଳୁ ଜଳସ୍ତର ବୃଦ୍ଧି ପାଇବା ସହ ମଧ୍ୟାହ୍ନ ୧୨ଟା ସୁଦ୍ଧା ମହାନଦୀର ବଡ଼ମୂଳସ୍ଥିତ ପାଣିମାପକେନ୍ଦ୍ରଠାରେ ୩୧ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ସନ୍ଧ୍ୟା ସୁଦ୍ଧା ୩୨ ଫୁଟକୁ ବୃଦ୍ଧି ପାଇଥିବା ସୂଚନା ମିଳିଛି। ତେବେ ମହାନଦୀର ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଗଣିଆ ବ୍ଲକର ୩ ପଞ୍ଚାୟତବାସୀଙ୍କ ମନରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ପ୍ରକାଶ ପାଇଛି।

ମଙ୍ଗଳବାର ଅପରାହ୍ନରେ ମହାନଦୀର ବନ୍ୟାଜଳ ଗଣିଆ–ବଡ଼ମୂଳ ପୂର୍ତ୍ତବିଭାଗ ରାସ୍ତାର ରାସଙ୍ଗଠାରେ ରାସ୍ତା ପାର୍ଶ୍ୱକୁ ଲାଗି ରହିଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ମଙ୍ଗଳବାର ହୀରାକୁଦ ଡ୍ୟାମରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ସନ୍ଧ୍ୟା ସୁଦ୍ଧା ଆଉ ୫ଟି ଗେଟ୍ ଖୋଲାଯିବା ଖବର ପ୍ରକାଶ ପାଇଛି। ବଡ଼ମୂଳଠାରେ ବିପଦସଙ୍କେତର ୨ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟାଜଳ ୩୩ ଫୁଟରୁ ୩୬ ଫୁଟକୁ ବୃଦ୍ଧି ପାଇଲେ ଗଣିଆ ବ୍ଲକର ବଡ଼ଶିଲିଙ୍ଗା, ଛାମୁଣ୍ଡିଆ ଓ ରାସଙ୍ଗ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯିବା ସହିତ ବ୍ୟାପକ କ୍ଷତିଗ୍ରସ୍ତ ହେବ ବୋଲି ପାଣିମାପକେନ୍ଦ୍ରର କର୍ମଚାରୀ ରମେଶ ସାମଲ କହିଛନ୍ତି। ଏଥିସହ ବେଲପଡ଼ା ପଞ୍ଚାୟତର ୱାଲିପୁର, ରାଉତପଡ଼ା ଗ୍ରାମ, କିଶୋରପ୍ରସାଦ ପଞ୍ଚାୟତର ପଡୁରିଆ ଗ୍ରାମ ପ୍ରଭାବିତ ହେବ। ସୂଚନାଯୋଗ୍ୟ ଗତ ଜୁଲାଇ ମାସରେ ମହାନଦୀର ବନ୍ୟାଜଳ ବଡ଼ମୂଳଠାରେ ୩୩ ଫୁଟ ୩ ଇଞ୍ଚକୁ ବୃଦ୍ଧି ପାଇଥିଲା ଏବଂ ରାସଙ୍ଗଠାରେ ପ

ଭୋଟର ତାଲିକା ସମ୍ପର୍କିତ ବୈଠକ

ଉପଜିଲାପାଳ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସହ ଆଲୋଚନା କରୁଛନ୍ତି।

- ୩ ନିର୍ବାଚନ ମଣ୍ଡଳୀରେ ବୁଥ୍ ସଂଖ୍ୟା ବଢ଼ିଲା।
- ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭଞ୍ଜନଗର,୨୮।୮(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏ ନେଇ ମଙ୍ଗଳବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ବୈଠକ ହୋଇଥିଲା। ଏଥିରେ ଉପ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଅଧ୍ୟକ୍ଷତା କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରକାଶ କରିବା ଉପରେ ବୈଠକରେ ମତ ପ୍ରକାଶ ପାଇଥିଲା। ଭଞ୍ଜନଗର, ସୋରଡ଼ା ଓ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବ ଅପେକ୍ଷା ବୁଥ୍ ସଂଖ୍ୟା ବୃଦ୍ଧି ପାଇଛି। ଆଗାମୀ ନିର୍ବାଚନରେ ଗୋଟିଏ ବୁଥ୍‌ରେ ସର୍ବାଧିକ ୧୪ଶହ ଭୋଟର ରହିବା ବ୍ୟବସ୍ଥା ଥିବାରୁ ବୁଥ୍ ସଂଖ୍ୟା ବୃଦ୍ଧି ପାଇଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୪୯ ବୁଥ୍ ଥିବାବେଳେ ବର୍ତ୍ତମାନ ତାହା ୨୫୯କୁ ବୃଦ୍ଧି ପାଇଛି। ସେହିପରି ସୋରଡ଼ା ନିର୍ବାଚନମଣ୍ଡଳୀରେ ୨୩୬ ବୁଥ ଥିବାବେଳେ ୨୫୪କୁ ବୃଦ୍ଧି ପାଇଛି। ଆସିକା ନିର୍ବାଚନମଣ୍ଡଳୀରେ ୧୯୪ ବୁଥ ଥିବା ବେଳେ ୨୦୯କୁ ବୃଦ୍ଧି ପାଇଛି। ଭିଭିପିଏଟି ମେଶିନ୍ ସହାୟତାରେ ମତଦାନ ହେବ। ଉକ୍ତ ମେଶିନ୍ କିଛିଦିନ ମଧ୍ୟରେ ଭଞ୍ଜନଗର କଲେଜରେ ପହଞ୍ଚିବ। ସେପ୍ଟେମ୍ବର ୧ ତାରିଖରେ ଭୋଟର ତାଲିକା ପ୍ରକାଶିତ ହେବ। ଏହାପରେ ତାଲିକାରେ ନାମ ଯୋଡ଼ିବା ଏବଂ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ବିଏଲଓ ପାଖରେ ଗ୍ରହଣ କରାଯିବ। ୨୦୧୯ ଜାନୁୟାରୀ ୪ ତାରିଖରେ ପରେ ଚୁଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବିଏଲଓ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ବୁଥ୍ ସ୍ତରରେ ଜଣେ ଜଣେ ଏଜେଣ୍ଟ ନିଯୁକ୍ତି କଲେ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରକାଶିତ ହୋଇପାରିବ। ଏଥିପାଇଁ ଉପଜିଲାପାଳ ସେଠୀ ସମସ୍ତ ଦଳର ସହଯୋଗ କାମନା କରିଥିଲେ। ୩୦୬୮ ଦିବ୍ୟାଙ୍ଗ ଭୋଟର ଅଛନ୍ତି। ମତଦାନ ସମୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିଶ୍ଚିତ ହୋଇଛି। ବୈଠକରେ ବିଜେଡ଼ି ପକ୍ଷରୁ ଗଞ୍ଜାମ ଜିଲା ଉପ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, କଂଗ୍ରେସ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ସଭାପତି ସନ୍ତୋଷ ନାୟକ, ଭାଜପା ପକ୍ଷରୁ ଜିଲା ଉପ ସଭାପତି ସନ୍ତୋଷ ଡିଆଡ଼ି, ସନ୍ତୋଷ ପାଳ, ସମୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପ ଜିଲାପାଳ କାର୍ଯ୍ୟାଳୟ ନିର୍ବାଚନ ସେକ୍ସନର କର୍ମଚାରୀ ମୁକ୍ତେଶ୍ୱର ନାୟକ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୮।୮(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ସୋମବାର ରାତିରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୋରି ଗ୍ରାମର ଭଗବାନ ବିଷୋୟୀ ଓ ପଣିବନ୍ଧ ଗ୍ରାମର କାଳୁ ସାହୁ। ସେମାନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା।

ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janapath Bhubaneswar-751022
OFFICE OF THE G.M (ELECTRICAL), E.H.T (O&M) CIRCLE, JAJPUR ROAD
At: Qtr No. 4R/3, TTS Colony, PO: Sobra, Jajpur Road, Dist: Jajpur-755019(Odisha),
Phone/Fax No: 06726-220965(off), E-mail: ehtm.cle.jjp@optcl.co.in
CIN:- U40102OR2004SGC007553

No. Tech-WO-25/1385 Dated 28.08.18

TENDER CALL NOTICE No.-06/18-19

Sealed tenders are invited in two parts from Electrical Contractor having valid HT/ EHT Electrical contract license, valid PAN, IT, GST Registration certificates for "Fixing & retrofitting of 220KV & 132KV section isolators at 220/132/33KV Grid Sub-Station, Duburi(Old) under EHT(O&M) Division, Jajpur Road. Cost of tender paper is Rs. 4,000/- + GST@12% = Rs. 4,480/-, EMD- 1% of the quoted price. Sale of tender documents is from Dated 30.08.2018 (From 10.30 A.M.) to Dated 15.09.2018 (upto 05.00 P.M.). Last date of submission of tender is Date 17.09.2018 upto 01.00 P.M. Date of opening of tender is Date 17.09.2018 at 3.30 P.M. For details visit our website www.optcl.co.in.

Corrigendum if any will be published in the OPTCL website only.

Sd./- General Manager (Elect), EHT (O&M) Circle, Jajpur Road

WORKS DEPARTMENT No.416-B
OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE
e-mail: - seec_bls@rediffmail.com

Government of Odisha "e" Procurement Notice
Bid Identification No.SEEC-2/ 2018-19

No- 6876 dt. 18.08.2017

1.	Nature of work	:-	Roads, Bridge & Building Works
2.	Number of works	:-	7 (Seven) Nos of works
3.	Amount put to Tender	:-	Rs.125.25 Lakhs. to Rs. 385.82 Lakhs
4.	Class of Contractor	:-	"B", "A" & "Special" Class.
5.	Date & Time of availability of bid document in the portal	:-	Dt.29.08.2018 at 10.00 AM
6.	Last Date / Time of receipt of bid in the portal	:-	Dt.12.09.2018 up to 05.00 PM
7.	Date of opening of bid	:-	Dt.15.09.2018 at 4.00 PM
8.	Name & address of the Office inviting bid	:-	Superintending Engineer, Eastern Circle (R&B), Balasore
9	The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.		

Sd./- M.R. Patnaik
Superintending Engineer,
Eastern Circle (R&B), Balasore
34026/11/0002/1819

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌରସଂସ୍ଥା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।

ତା. ୨୯.୦୮.୨୦୧୮

ପୌରସଦନ ଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ପରିମଳ କର୍ମଚାରୀଙ୍କୁ ଶାଢୀ, ପୋଷାକ, ସାବୁନ ଓ ମିଷ୍ଠାନ୍ନ ବଣ୍ଟନ।

ତା. ୩୦.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

	ପ୍ରକଳ୍ପର ନାମ	ପ୍ରକଳ୍ପର ମୂଲ୍ୟ
	ବେହେରାସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୧)	ଟ. ୯,୧୧,୦୦୦.୦୦
	ହରିଜନ ସାହି ପଛପାଖ ଶୌଚାଳୟ ଉଦ୍‌ଘାଟନ (ୱା.ନଂ.-୧)	ଟ.୫,୩୬,୦୦୦.୦୦
	ମଙ୍ଗଳାଘାଟ କଲ୍ୟାଣ ମଣ୍ଡଳ ଶିଳାନ୍ୟାସ	ଟ. ୬୦,୬୬,୦୦୦.୦୦
	ବିରଳା ଗେଷ୍ଟ ହାଉସ୍ ପାଖ ସୁଲଭ ଶୌଚାଳୟ ଉଦ୍‌ଘାଟନ	ଟ. ୧୫,୮୪,୦୦୦.୦୦
	ମାଛ ମାର୍କେଟ ଶିଳାନ୍ୟାସ (ୱା.ନଂ.-୮)	ଟ. ୨୫,୯୮,୦୦୦.୦୦
	ମୋଚିସାହି ଶୌଚାଳୟ ଉଦ୍‌ଘାଟନ	ଟ. ୧୧,୬୦,୦୦୦.୦୦
	ଗାଡିଖାନା ଗ୍ୟାରେଜ୍ ଗୃହ ଉଦ୍‌ଘାଟନ	ଟ. ୯୯,୯୦,୦୦୦.୦୦

ପୌରସଦନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ବିଧବା ଭତ୍ତା/ ବାର୍ଦ୍ଧକ୍ୟ ଭତ୍ତା / ବିକଳାଙ୍ଗ ଭତ୍ତା/ ପରିବାର ମଙ୍ଗଳ ରାଶି ବଣ୍ଟନ।

ତା. ୩୧.୦୮.୨୦୧୮

ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତିଙ୍କ କରକମଳରେ ନିମ୍ନଲିଖିତ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ।

	ପ୍ରକଳ୍ପର ନାମ	ପ୍ରକଳ୍ପର ମୂଲ୍ୟ
(୧)	ନୂଆସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୨୬)	ଟ. ୨୫,୦୦,୦୦୦.୦୦
(୨)	ସର୍ବୋଦୟ ନଗର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ	ଟ. ୪୧,୦୦,୦୦୦.୦୦
(୩)	ଚମାର ସାହି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ (ୱା.ନଂ.-୩୦)	ଟ. ୧୮,୦୬,୦୦୦.୦୦
(୪)	ଟିକରପଡା କମ୍ୟୁନିଟ୍ ସେଣ୍ଟର ଉଦ୍‌ଘାଟନ (ୱା.ନଂ-୩୦)	ଟ. ୧୬,୮୦,୦୦୦.୦୦
(୫)	ପୁରୀ ପୌର କର୍ମଚାରୀ ସଂଘ ଗୃହ ସଂପ୍ରସାରଣ ଉଦ୍‌ଘାଟନ	ଟ. ୧,୭୭,୭୦୭.୦୦
(୬)	ପୁରୀ ସୌରସଂସ୍ଥା ପକ୍ଷରୁ 'ଗୋ ଆମ୍ବୁଲାନ୍ସ' ଉଦ୍‌ଘାଟନ	
(୭)	ପୌରସଦନ ଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଘୂର୍ଣ୍ଣିୟ ପାଣ୍ଠି ବଣ୍ଟନ	

ଆସନ୍ତୁ,

ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହର ଗଢିବା ପାଇଁ ହାତରେ ହାତ ମିଳାଇବା।

ସ୍ୱା./- ଶ୍ରୀଯୁକ୍ତ ଶ୍ରୀକାନ୍ତ ତରାଇ, ଓ.ପ୍ର.ସେ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ

ସ୍ୱା./- ଶ୍ରୀମତୀ ଶାନ୍ତିଲତା ପ୍ରଧାନ
ଉପ ନଗରପାଳ
ପୁରୀ ପୌରସଂସ୍ଥା, ପୁରୀ

ସ୍ୱା./- ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡଙ୍ଗୀ
ନଗରପାଳ
ପୁରୀ ପୌରସଂସ୍ଥା, ପୁରୀ

ବିଶ୍ୱ ସଂସ୍କୃତ ଦିବସ ସମାରୋହ

ଆର.ଉଦୟଗିରି, ୨୮।୮ (ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ଛେଳିଗଡ଼ସ୍ଥିତ ଆଦର୍ଶ ବିଦ୍ୟାଳୟରେ ସୋମବାର ବିଶ୍ୱ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ବସ୍ତୁ ପ୍ରଦର୍ଶନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ଉପସ୍ଥିତ ଥିଲେ। ମଙ୍ଗଳବାର ବିଶ୍ୱ ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ସମାରୋହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରାଚାର୍ଯ୍ୟ ରୁଷି ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ସଂସ୍କୃତର ମହତ୍ୱ ବିଷୟରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଜ୍ଞା ପ୍ରସାଦ ଅଭିଭାଷଣ ପ୍ରସ୍ତୁତ କରିଥିଲେ। ଶିକ୍ଷକ ରାଜୀବ ରଇତ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଥୁନ ଦାଶ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଓଡ଼ିଶା ସରକାର, କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No.: LA Case No.- 16/2018 **1191** Dated 25.07.2018

No. V-48:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ମାଟିଆଗୁନି ଓରଫ ଗୋପାଳପୁର, ଥାନା- ପାଟଣା, ନଂ.-୧୯୯, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତପସିଲମତେ ପ୍ରାୟ ଏ.୧୧.୬୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ..... / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।

୬. ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
୧	୨	୩	୪	୫	୬	୭	୮	୯
କେନ୍ଦୁଝର	ସାହାରପଡ଼ା	ମାଟିଆଗୁନି ଓରଫ ଗୋପାଳପୁର	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏ.୬୪.୮୧	ଏ.୧୧.୬୫	ଏଥିସହିତ ସଂଲଗ୍ନ

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୫୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY MINOR, SUB-MINOR, IN DEO IRRIGATION PROJECT

ଗ୍ରାମ- ମଟିଆଗୁନି ଓରଫ ଗୋପାଳପୁର, କ୍ରମିକ- ୧୯୯, ଥାନା- ପାଟଣା, ତହସିଲ- ସାହାରପଡା, ଜିଲ୍ଲା- କେନ୍ଦୁଝର

କ୍ରମିକ ନମ୍ବର	ଖାତା ନମ୍ବର	ପ୍ଲଟ ନମ୍ବର	ମୋଟ ରକବା	ଅଧିଗୃହୀତ ରକବା	କିସମ	ପ୍ରଜାଙ୍କ ନାମ ଓ ଧାନ	ମନ୍ତବ୍ୟ
୧	୨	୩	୪	୫	୬	୭	୮
୧	୧	୬୦୩	୦.୧୬	୦.୦୩	ଶାରଦ ତିନି	ଶ୍ରୀ ବିଶେଇ ପାଟ ଠାକୁରାଣୀ ବିଜେ ନିଜଗାଁ ସେବାୟତ, ଦାମୁ ନାଏକ, ପି: ବିଦା ନାଏକ, ଜା: ବାଥୁଡି, ବା: ନିଜଗାଁ	
୨	୩	୬୦୪ ୧୧୭୬ ୬୦୧ ୧୨୨୮	୦.୧୦ ୦.୨୫	୦.୦୭ ୦.୦୫	ଶାରଦ ତିନି ଡଇଳା ଏକ	ଆମିନ ନାଏକ, ପି ; ସାଧୁ ନାଏକ, ଜା: ବାଥୁଡି, ବା: ନିଜଗାଁ	
୩	୪	୫୯ ୬୦ ୬୧ ୩୬୪ ୫୯୯	୨.୩୦ ୧.୬୫ ୦.୫୧ ୦.୩୦ ୦.୪୧	୦.୩୭ ୦.୩୭ ୦.୧୭ ୦..୦୫ ୦.୦୮	ଶାରଦ ତିନି ଡଇଳା ଏକ ବଗାୟତ ଦୁଇ ବାଜେଫସଲ ଏକ ଡଇଳା ଏକ	ଆଶାମଣୀ ନାଏକ, ପି: କେସନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୪	୫	୩୦ ୪୧ ୮୯ ୪୧ ୧୦୭୬	୨.୪୦ ୧.୭୧ ୧.୦୨ ୦.୪୮	୦.୦୧ ୦.୪୦ ୦.୦୧ ୦.୨୨	ଡଇଳା ଏକ ଶାରଦ ତିନି ଡଇଳା ଏକ ଶାରଦ ତିନି	କଳାକାର ମହାକୁଡ, ପି: ଶୁକ ମହାକୁଡ, ଜା: ଗୋପାଳ, ବା: ନିଜଗାଁ	
୫	୬	୧୮୧	୧.୩୪	୦.୧୮	ଡଇଳା ଏକ	କାଇରି କୋହ୍ନ, ପି ; ଶାମ କୋହ୍ନ, ଜା: କୋହ୍ନ, ବା: ନିଜଗାଁ	
୬	୧୦	୩୧୬	୦.୩୩	୦.୦୯	ବାଜେଫସଲ ଏକ	କିଣା ନାଏକ, ଚୁରା ନାଏକ, ନଟ ନାଏକ, ପି: ବରୁଣ ନାଏକ, ଉମା ନାଏକ, ପି: ସୁବନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୭	୧୧	୨୪	୦.୬୬	୦.୨୬	ଡଇଳା ଏକ	କିଣା ନାଏକ, ପି: ବରୁଣ ନାଏକ, ଡମା ନାଏକ, ପି: ସୁବନ ନାଏକ, ଜା: ବାଥୁଡି, ବା: ନିଜଗାଁ	
୮	୧୫	୬୦୦ ୧୨୨୫	୦.୦୭	୦.୦୧	ଶାରଦ ତିନି	କୈଳାଶ ନାଏକ, ପି: ବିଦ୍ୟାଧର ନାଏକ, ଜା: ବାଥୁଡି, ବା: ନିଜଗାଁ	
୯	୧୬	୩୧୪ ୩୨୨	୦.୬୦ ୦.୮୯	୦.୦୧ ୦.୨୦	ବାଜେଫସଲ ଏକ ବାଜେଫସଲ ଏକ	ଗଙ୍ଗା ନାଏକ, କୌତୁକ ନାଏକ, ପି: ଆସାଦୁ ନାଏକ, ରାନି ନାଏକ, ସ୍ୱାମୀ: ଆସାଦୁ ନାଏକ, ତୁଳସୀ ନାଏକ, ପି: କବୁଣା ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୦	୧୭	୫୯୩	୦.୧୦	୦.୧୦	ଶାରଦ ତିନି	ଗଣ ନାଏକ, ଚରଣ ନାଏକ, ଶୁକ୍ରା ନାଏକ, ପି: କାନୁରୁ ନାଏକ, ଜା: ବାଥୁଡି, ବା: ନିଜଗାଁ	
୧୧	୧୯	୧୮୨ ୧୦୯୪ ୧୮୪	୦.୧୭ ୦.୬୫	୦.୦୮ ୦.୧୫	ଡଇଳା ଏକ ବାଜେଫସଲ ଏକ	ଗମିଆ କୋହ୍ନ, ଲେୟ କୋହ୍ନ, ଟକଲା କୋହ୍ନ, କୁସୁନ କୋହ୍ନ, ରାମି କୋହ୍ନ, ପି: ମୁକୁନ୍ଦ କୋହ୍ନ, ଜା: କୋହ୍ନ, ବା: ନିଜଗାଁ	
୧୨	୨୬	୨୯ ୧୦୪୦ ୩୬୭ ୧୨୬୭ ୧୮୯ ୧୨୮୫	୨.୪୭ ୦.୭୦ ୦.୩୨ ୦.୩୨	୦.୧୮ ୦.୦୪ ୦.୦୩ ୦.୦୬	ଡ